

ଯେପରି ଏକ ମହମବତି ନିଆଁ ବିନା ଜଳିପାରେ ନାହିଁ,
ସେହିପରି ଆଧାତ୍ମିକତା ବିନା ମନୁଷ୍ୟ ବଞ୍ଚିପାରିବ ନାହିଁ।
- ଗୌତମ ବୁଦ୍ଧ

## ସଂକ୍ଷେପରେ

### ସ୍ୱଳ୍ପଘଟି ଶିବ ମନ୍ଦିରରୁ ଚୋରି

ରିଆମାଳ,୮।୯(ଡି.ଏନ୍.ଏ.)

ଦେବଗଡ଼ ଜିଲା ରିଆମାଳ ଥାନା ଅଧୀନ ସ୍ୱଳ୍ପଘଟି ଶିବ ମନ୍ଦିରରୁ ଚୋରି ହୋଇଥିବା ନେଇ ମନ୍ଦିର କମିଟି କର୍ମକର୍ତ୍ତା ଶନିବାର ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ମୁତାବକ, ପ୍ରତିଦିନ ଭଳି ଶୁକ୍ରବାର ମନ୍ଦିର ପୂଜକ ପୂଜା କରିବାକୁ ଯାଇଥିଲେ। ପୂଜା କାମ ସାରି ମନ୍ଦିରରେ ତାଲା ପକାଇ ସେ ଘରକୁ ଫେରିଥିଲେ। ଶିନିବାର ସକାଳେ ପୂଜା କରିବାକୁ ମନ୍ଦିରକୁ ଯାଇଥିବା ବେଳେ ମନ୍ଦିର ତାଲା ଭାଙ୍ଗି ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏନେଇ ସେ ମନ୍ଦିର କମିଟି କର୍ମକର୍ତ୍ତାଙ୍କୁ ଜଣାଇଥିଲେ। ମନ୍ଦିର କର୍ମକର୍ତ୍ତା ପହଞ୍ଚି ମନ୍ଦିରରୁ ପିତ୍ତଳ ବାସନକୁସନ ସହ ଅନ୍ୟାନ୍ୟ ଜିନିଷ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏନେଇ ଥାନାରେ ଏକ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗକୁ ଭିତ୍ତି କରି ଘଟଣାର ତଦନ୍ତ ଚଳାଇଛି।



### ବର୍ଷାରେ ଭାଙ୍ଗିଲା ଘର

ରିଆମାଳ,୮।୯(ଡି.ଏନ୍.ଏ.)

ବର୍ଷାରେ ଦେବଗଡ଼ ଜିଲା ରିଆମାଳ ବ୍ଲକ ମଲେହୀପଡ଼ା ପଞ୍ଚାୟତ ଅଧୀନ ରେଙ୍ଗାଲବାହାଲ ଗ୍ରାମର ସାହେବ ପ୍ରଧାନଙ୍କ ଛପର ଘର ଭାଙ୍ଗି ଯାଇଛି। ଫଳରେ ସେ ବାସହରା ହୋଇପଡିଛନ୍ତି। ଖବର ପାଇ ରିଆମାଳ ରାଜସ୍ୱ ନିରୀକ୍ଷକ ନିର୍ମଳ ବିଶ୍ୱାଳ, ସ୍ଥାନୀୟ ସରପଞ୍ଚ ହାବିଲ କୁମାର ସାହୁ ପହଞ୍ଚି ଘଟଣାର ତଦନ୍ତ କରି କ୍ଷୟକ୍ଷତିର ଆକଳନ କରିଥିଲେ। ଘଟଣା ସଂକ୍ରାନ୍ତରେ ବିଡିଓଙ୍କୁ ଜଣାଇବେ ବୋଲି ସରପଞ୍ଚ ସାହୁ ପ୍ରକାଶ କରିଛନ୍ତି। ସାହେବ ଜଣେ ଗରିବ ଶ୍ରେଣୀର ହୋଇଥିବା ବେଳେ ତାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ନିୟନ୍ତ୍ରଣ ବାହାରେ ସଟ୍ଟା ଖେଳ

- ପୋଲିସ ବାବୁଙ୍କ ସଂପୃକ୍ତି ଅଭିଯୋଗ
- ଦୈନନ୍ଦିନ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ବାଜି ଲାଗୁଛି
- ରାଜ୍ୟ ବାହାରକୁ ଚେର ଲମ୍ବିଛି

ସମ୍ବଲପୁର,୮।୯(ବ୍ୟୁରୋ)

ସମ୍ବଲପୁର ଜିଲାରେ ସଟ୍ଟା ଖେଳ ପ୍ରଭାବ ବିସ୍ତାର କରିବାରେ ଲାଗିଛି। ଏଥିଯୋଗୁ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇଛି। ଗାଁ ହାଟ ବଜାରଠୁଁ ଆରମ୍ଭ କରି ସହରାଞ୍ଚଳର ବିଭିନ୍ନ ସ୍ଥାନରେ ସଟ୍ଟା ଖେଳ ଆୟୋଜିତ ହେଉଛି। ଏହାକୁ ରୋକିବାରେ ପୋଲିସ ଫେଲ ମାରିଛି। ସହର ତଥା ସହର ଉପକଣ୍ଠରେ ଏହି ଖେଳ ଜୋର୍‌ଦାର୍ ଚାଲିଛି। ପାନ, ଚା, ଦୋକାନରେ ଜୁଆଡ଼ିଙ୍କ ଖଟି ଜମୁଛି। ଏଜେଣ୍ଟମାନେ ବିଭିନ୍ନ ଛକରେ ରହି ସଟ୍ଟା ଖେଳକୁ ସଞ୍ଚାଳନ କରୁଛନ୍ତି। ଯୁବପିଢ଼ି ଏହାଦ୍ୱାରା ବିଶେଷଭାବେ ପ୍ରଭାବିତ ହେଉଛନ୍ତି । ଏପରି କି ହାଇସ୍କୁଲ ପିଲା, କଲେଜ ପିଲା ଓ ଅନେକ ସ୍ଥାନରେ ମହିଳାମାନେ ଏହି ବେଆଇନ ଖେଳର ମୋହରା ପାଲଟିଛନ୍ତି। ଜିଲାରେ ଦୈନିକ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ବାଜି ଲାଗୁଛି। ଜିଲା ପୋଲିସ ନାହିରେ ତେଲ ଦେଇ ଶୋଇଛି। ଫଳରେ ସଟ୍ଟା ବଜାରର ଚେର ସୀମା ଲଂଘିଛି। ରାଜ୍ୟ ବାହାରକୁ ଏହା ଲମ୍ବିଛି। ଅଥଚ ପୋଲିସ ଗୋଇନ୍ଦା ବିଭାଗକୁ ଏହାର ସୁରାକ୍ ମିଳୁନି। ଓଲଟା ପୋଲିସ ବାବୁ ଏହି ସଟ୍ଟା ଖେଳରେ ସମ୍ପୃକ୍ତ ଥିବା ଅଭିଯୋଗ ହେଉଛି। ଏଣୁ ବାଧ୍ୟବାଧକତାରେ ଲୋକଦେଖାଣିଆ ଚଢ଼ାଉ ହେଉଥିବା ସାଧାରଣରେ କୁହାଯାଉଛି। ଛୋଟ ଜୁଆଡ଼ିଙ୍କୁ ଧରି ବାହାବା ନେଉଛି। ହେଲେ ଲକ୍ଷ ଲକ୍ଷ ଟଙ୍କାର ସଟ୍ଟା ଖେଳୁଥିବା ବଡ଼ ଜୁଆଡ଼ିଙ୍କ ନିକଟରେ ପୋଲିସ ପହଞ୍ଚି ପାରୁନାହିଁ। ଅବାଧରେ ଏହି ସଟ୍ଟା ଖେଳ ଚାଲିଥିବାରୁ ମଦ କାରବାର ମଧ୍ୟ ବୃଦ୍ଧି ପାଉଛି। ଜିଲାର କ୍ଷେତରାଜପୁର, ଅଇଁଠାପାଲି, ଟାଉନ ଥାନା, ଧନୁପାଲି ଥାନ, ହୀରାକୁଦ ଥାନା, ବୁର୍ଲାଥାନା, ସଦର ଥାନା,କୁଚିଣ୍ଡା, ଧମା ଥାନା ଅଞ୍ଚଳରେ ସଟ୍ଟା ଖେଳ ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି।

ସମ୍ବଲପୁରରେ ୪ ସଟ୍ଟା କମ୍ପାନୀ ଦ୍ୱାରା ଖେଳ ହେଉଛି । ଭୁତନାଥ ଡେ, ଭୁତନାଥ ନାଇଟ, ବମ୍ବେ ମେଲ ଓ କଲ୍ୟାଣୀ। ଭୁତନାଥ ଡେରେ ଅପରାହ୍ନ ୧.୪୦ ଓ ୩.୪୦ରେ ପର୍ଯ୍ୟାୟକ୍ରମେ ଦୁଇଥର ଖେଳ ହେଉଛି। ଭୁତନାଥ ନାଇଟରେ ୫ଟା ୪୦ ଓ ୮.୪୦, କଲ୍ୟାଣୀରେ ୫ଟା ୪୦ ଓ ୬ଟା ୪୦, ବମ୍ବେ ମେଲରେ ରାତି ୯ଟା ୩୦ ଓ ଶେଷ ସମୟ ରାତି ୧୨ଟା ପର୍ଯ୍ୟନ୍ତ ସଟ୍ଟା ବାଜି ଚାଲିଛି। ବିଭିନ୍ନ ସ୍ଥାନରେ ଥିବା ଦୋକାନୀ ଓ ଏଜେଣ୍ଟମାନେ ସଟ୍ଟା ଖେଳାଳିଙ୍କଠାରୁ ଟଙ୍କା ଆଦାୟ କରି ସଟ୍ଟା ଡନଙ୍କୁ ସୂଚିତ କରିଥାନ୍ତି । ପରେ ରେଜଲ୍ଟ ମାଧ୍ୟମରେ ସେମାନଙ୍କୁ ସେହି ଏଜେଣ୍ଟ ମାଧ୍ୟମରେ ଟଙ୍କା ଦିଆଯାଇଥାଏଧି। ସଟ୍ଟା ଖେଳରେ ଫିଗର, ପତି ଓ ଯୋଡି ସ୍କିମ ରହିଛି । ସେଥିରେ ବାଜି ଟଙ୍କାରୁ ଦେଢ଼ଗୁଣା ଲାଭ ହୋଇଥାଏ। ସଟ୍ଟା ଖେଳ ପାରିବାରିକ ବିଶୃଙ୍ଖଳା ବଢ଼ାଉଛି। ଜିଲା ପୋଲିସ ସ୍ୱତନ୍ତ୍ର ସ୍କ୍ୱାର୍ଡ, ଗୋଇନ୍ଦା ବିଭାଗ ସଟ୍ଟା ଆଡ୍ଡା ଉପରେ ଚଢଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ଦାବି ହେଉଛି । ଏସ୍‌ପି ସଞ୍ଜୀବ ଅରୋରାଙ୍କୁ ଏ ସମ୍ପର୍କରେ ପଚାରିବାରେ ବିଭିନ୍ନ ସମୟରେ ଜୁଆ ଖେଳ ଉପରେ ଚଢ଼ାଉ କରାଯାଉଛି। ଆଗାମୀଦିନରେ ମଧ୍ୟ ଚଢ଼ାଉ ଅଭିଯାନ ଜାରି ରହିବ।

# ୩ ଆନ୍ତଃଜିଲା ଡକାୟତ ଗିରଫ

## ବନ୍ଧୁକ, ବାଇକ୍ ଜବତ

ସମ୍ବଲପୁର/କୁଚିଣ୍ଡା,୮।୯ (ବ୍ୟୁରୋ/ ଡି.ଏନ.ଏ)

କୁଚିଣ୍ଡା ପୋଲିସ ଶନିବାର ଆର୍ନ୍ତଃଜିଲା ଡକାୟତଙ୍କୁ ଗିରଫ କରିବାରେ ସଫଳ ହୋଇଛି। କୁଚିଣ୍ଡା ପୋଲିସ କେଶାଇବାହାଲଠାରୁ ଧନେଶ୍ୱରୀ ଓରଫ୍ ଟିମା ଝାଙ୍କରଙ୍କୁ ଗିରଫ କରିଥିଲା। ଧନେଶ୍ୱରଙ୍କୁ ପଚରାଉଚରା କରି କିରେଇ ଗ୍ରାମଠାରୁ ସଞ୍ଜୀବ ଓରଫ୍ ରାଜେଶ ପଧାନ ଓ ମାନସ ରଞ୍ଜନ ଧଳଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା । ଅଭିଯୁକ୍ତମାନଙ୍କ ଠାରୁ ବନ୍ଧୁକ ସହ ୩ ଜୀବନ୍ତ ଗୁଳି ଏବଂ ନଗଦ ୧୨ ହଜାର ୨୫୦ ଟଙ୍କା, ୪ଟି ମୋବାଇଲ, ଓଡି ୧୯ ଏଲ- ୪୦୩୫, ଓଡି ୧୫ ଇ- ୬୪୬୨ ଏବଂ ଓଡି ୧୫ ଜେ- ୪୫୪୬ ବାଇକ ସହ ଏକ ନମ୍ବର ପ୍ଲେଟ ଜବତ କରିଛି । ଏ ନେଇ କୁଚିଣ୍ଡା ଥାନାରେ କେଶ ନଂ. ୨୦୬/୧୮ ଆଇପିସି ୩୯୪ ଓ ୨୫ ଆକ୍ଟରେ ମାମଲା ରୁଜୁ ହୋଇ ଘଟଣାର ତଦନ୍ତ ଚାଲିଛି । ଶନିବାର କୁଚିଣ୍ଡା ଥାନାଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସଡିପିଓ ନୃପଚରଣ ଡନସନା ଏବଂ କୁଚିଣ୍ଡା ଥାନାଧିକାରୀ ପ୍ରକାଶ କର୍ଣ୍ଣ ଏହା ଜଣାଇଛନ୍ତି। ୧୦ ତାରିଖ ଦିନ କୁଚିଣ୍ଡାସ୍ଥିତ ଅନ୍ନପୂର୍ଣ୍ଣା ଫାଇନାନ୍ସ କମ୍ପାନୀର ମ୍ୟାନେଜର ଭବାନୀ ମହାପାତ୍ର ଏବଂ ତାଙ୍କ ସାଙ୍ଗ ଜମନକିରାଠାରୁ ୩୭ ହଜାର ଟଙ୍କା ଆଦାୟ କରି ଫେରୁଥିଲେ। ଏହି ସମୟରେ ସାଉନ୍ତିମାଲ ଗ୍ରାମ ନିକଟରେ ୪ ଦୁର୍ବୃତ୍ତ ୨ଟି ବାଇକରେ ଆସିଥିଲେ। ସେମାନଙ୍କୁ ଧସ୍ତାଧସ୍ତି କରିବାକୁ ଯାଇ ଭବାନୀ ଓ ତାଙ୍କ ସାଙ୍ଗ ତଳେ ପଡ଼ିଯାଇଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତମାନେ ସେମାନଙ୍କୁ ବନ୍ଧୁକ ଦେଖାଇ ଟଙ୍କା ଓ ମୋବାଇଲ ଲୁଟ କରି ଫେରାର ହୋଇଯାଇଥିଲେ। ଭବାନୀ କୁଚିଣ୍ଡା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ତଦନ୍ତ ଜାରି ରହିଥିଲା ।

### ହୀରାକୁଦ ଡ୍ୟାମ ଜଳସ୍ତର ୬୨୫.୫୮ ଫୁଟ

# ୧୦ ଗେଟରୁ ଜଳ ନିଷ୍କାସନ

ସମ୍ବଲପୁର,୮।୯(ବ୍ୟୁରୋ)

ହୀରାକୁଦ ଡ୍ୟାମକୁ ପ୍ରତି ସେକେଣ୍ଡରେ ୨ଲକ୍ଷ ୧୯ ହଜାର ୬୮୮ କ୍ୟୁସେକ୍ ଜଳ ପ୍ରବେଶ କରୁଛି। ହୀରାକୁଦ ଡ୍ୟାମର ଜଳସ୍ତର ଶନିବାର ରାତି ୯ଟା ସୁଦ୍ଧା ୬୨୫. ୫୮ ଫୁଟ ରହିଛି। ଏହାକୁ ଦୃଷ୍ଟିରେ ରଖି ୧୦ଟି ସ୍ଲୁଇସ୍ ଗେଟ ଖୋଲାଯାଇଛି। ଡ୍ୟାମ ବାମପାର୍ଶ୍ୱର ୬ ଓ ଡାହାଣ ପାର୍ଶ୍ୱର ୪ ସ୍ଲୁଇସ୍ ଗେଟ ଦେଇ ବନ୍ୟା ଜଳ ନିଷ୍କାସନ କରାଯାଉଛି। ସେହିପରି ଜଳ ଭଣ୍ଡାରରୁ ପ୍ରତି ସେକେଣ୍ଡରେ ୧୦ ସ୍ଲୁଇସ ଗେଟ୍ ସହ ବରଗଡ, ଶାସନ, ସମ୍ବଲପୁର ଡିଷ୍ଟ୍ରିବ୍ୟୁଟାରୀ, ପାୱାର ଚ୍ୟାନେଲ ମାଧ୍ୟମରେ ୨, ୦୭, ୮୩ କ୍ୟୁସେକ୍ ଜଳ ନିଷ୍କାସନ କରାଯାଉଥିବା ବୁର୍ଲାସ୍ଥିତ ମୁଖ୍ୟ କଣ୍ଟ୍ରୋଲ ରୁମ ପକ୍ଷରୁ ସୂଚିତ କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ସମ୍ବଲପୁର ଜିଲାରେ ୫୮.୧ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଝୁମୁମୁରା ୧.୦, ରେଙ୍ଗାଲିରେ ୯.୧, ମାନେଶ୍ୱରରେ ୭.୮, କୁଚିଣ୍ଡାରେ ୯.୪, ରେଢ଼ାଖୋଲରେ ୯.୦, ନାକଟିଦେଉଳରେ ୫.୦, ବାମରା ୩.୪, ଜମନକିରା ୫.୨, ଧନକଉଡା ୮.୨ ମିମି ବର୍ଷା ହୋଇଛି । ସେହିପରି ଡ୍ୟାମର ଉପରମୁଣ୍ଡରେ ୦୬.୬୧ ଓ ତଳମୁଣ୍ଡରେ ୦୪.୭୪ ବୃଷ୍ଟିପାତ ହୋଇଥିବା ରେକର୍ଡ ହୋଇଛି ।

### ବ୍ୟାଙ୍କ ଅଫ୍ ଇଣ୍ଡିଆର ବାର୍ଷିକ ଉତ୍ସବ ପ୍ରତିଷ୍ଠା ଦିବସ

ସମ୍ବଲପୁର,୮।୯(ବ୍ୟୁରୋ)

ବ୍ୟାଙ୍କ ଅଫ୍ ଇଣ୍ଡିଆ ସମ୍ବଲପୁର ଶାଖାର ୧୧୩ତମ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଶାଖା ମୁଖ୍ୟ ପ୍ରବନ୍ଧକ ଲକ୍ଷ୍ମୀନାରାୟଣ ଡଗରା ବ୍ୟାଙ୍କର ବିଭିନ୍ନ ଯୋଜନା ଉପରେ ସୂଚନା ଦେଇଥିଲେ। ଏହି ଉପଲକ୍ଷେ ୨୦ ଗ୍ରାହକଙ୍କୁ ବ୍ୟାଙ୍କ ତରଫରୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା। କ୍ଷେତ୍ରୀୟ ପ୍ରବନ୍ଧକ ଉଦିତ ଶଙ୍କର ଦାଶ, ଋଣ ଅଧିକାରୀ ଅଶ୍ୱିନୀ କୁମାର ବେହେରା, ବରିଷ୍ଠ ଅଧିକାରୀ ପଦ୍ମଲୋଚନ ବେହେରା ସମ୍ମାନୀତ ଅତିଥି ଥିଲେ। କାର୍ଯ୍ୟକ୍ରମରେ ବ୍ୟାଙ୍କର ୪ ଶାଖାର ଅଧିକାରୀ ଓ କର୍ମଚାରୀମାନେ ସାମିଲ ଥିଲେ ।

# ଦେବଗଡ଼ରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଦେବଗଡ଼,୮।୯(ସ୍ୱ.ପ୍ର.)

ସ୍ଥାନୀୟ କୋର୍ଟ ପରିସରରେ ଜିଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ମକଦ୍ଦମା ଶୁଣାଣି କରିବା ସହ ସମାଧାନ କରାଯାଇଥିଲା । କାର୍ଯ୍ୟକ୍ରମରେ ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଜଜ୍ ରାଜେନ୍ଦ୍ର କୁମାର ତୋଷଙ୍କ ତତ୍ତ୍ୱାବଧାନରେ, ଅତିରିକ୍ତ ଜିଲା ସରୋଜ କୁମାର ସାହୁ, ସିଜେଏମ୍ ଇତିଶ୍ରୀ ମାଳବିକା ଭୂୟାଁ, ଜିଲା ଆଇନ ପ୍ରାଧିକରଣ ସମ୍ପାଦକ ପ୍ରିୟରଞ୍ଜନ ମିଶ୍ର, ଏସ୍‌ଡିଜେଏମ୍ ସୌଦାମିନୀ ବିଶ୍ୱାଳ, ସିଭିଲ ଜଜ୍ ଦିଲୀପ ସାହୁ, ରେଜିଷ୍ଟ୍ରାର ତିରଞ୍ଜନ ପାତ୍ରଙ୍କ ସମେତ ଷ୍ଟେଟ ବ୍ୟାଙ୍କ, ୟୁକୋ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବରୋଦା ବ୍ୟାଙ୍କ ଶାଖା ପରିଚାଳକ ତଥା କର୍ମଚାରୀ, ଆଇନଜୀବୀ ଏବଂ କୋର୍ଟ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ୧୦ଟି ଦୁର୍ଘଟଣା ଜନିତ ମାମଲା ସହ ଫୌଜଦାରି ମାମଲା ଏବଂ ବ୍ୟାଙ୍କ ଋଣ ପରିଶୋଧ ଖିଲାପକାରୀମାନଙ୍କ ସହ ଆପୋସ ସମାଧାନ ଏବଂ ଶୁଣାଣି କରାଯାଇ କ୍ଷତିପୂରଣ ବାବଦକୁ ମୋଟ ୨୮ ଲକ୍ଷ ୭୯ ହଜାର ୨୪୭ଟଙ୍କା ଆଦାୟ ହୋଇଥିବା ସୂଚନା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଜିଲା ଆଇନସେବା ପ୍ରାଧିକରଣର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ଦେବଗଡ଼ରେ ଅନୁଷ୍ଠିତ ରାଷ୍ଟ୍ରୀୟ ଲୋକ ଅଦାଲତରେ ଏକ ମାମଲାର ବିଚାର କରାଯାଉଛି।

# ପଞ୍ଚାୟତକୁ ଯାଇ ସମସ୍ୟା ଶୁଣିବେ ବରିଷ୍ଠ ଅଧିକାରୀ

## ପ୍ରଶାସନ ସହ ଲୋକଙ୍କୁ ଯୋଡିବାକୁ ପ୍ରୟାସ

ଦେବଗଡ,୮।୯(ସ୍ୱ.ପ୍ର.)

ବିଭିନ୍ନ ସରକାରୀ ଯୋଜନାର ସଫଳରୂପାୟନ ଏବଂ ପ୍ରଶାସନକୁ ଜନସାଧାରଣଙ୍କ ଅଧିକ ନିକଟତର କରିବା ଉଦ୍ଦେଶ୍ୟରେ ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ଦ୍ୱାରା ଜିଲାରେ ଏକ ନୂତନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମର ରୂପରେଖ ଅନୁଯାୟୀ ମାସର ପ୍ରତ୍ୟେକ ସପ୍ତାହରେ ଜିଲାର ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ବିଭିନ୍ନ ବ୍ଲକର ଆଭ୍ୟନ୍ତରୀଣ ଅଞ୍ଚଳରେ ଥିବା ଗ୍ରାମପଞ୍ଚାୟତ ଏବଂ ଗ୍ରାମଗୁଡିକ ପରିଦର୍ଶନ କରି ଲୋକଙ୍କ ସହିତ ପ୍ରତ୍ୟକ୍ଷ ଭାବେ ଆଲୋଚନା କରିବେ। ସେମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହେବା ସଙ୍ଗେସଙ୍ଗେ ଉକ୍ତ ଅଞ୍ଚଳରେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନାର ସୁଫଳ ଲୋକମାନେ ପାଇପାରୁଛନ୍ତି କି ନାହିଁ ସେ ସମ୍ପର୍କରେ ଅନୁଧ୍ୟାନ କରି ଏକ ନିର୍ଦ୍ଦିଷ୍ଟ ଫରମେଟରେ ତାଙ୍କ ରିପୋର୍ଟ ଗସ୍ତରୁ ଫେରିବା ପରେ ଜିଲାପାଳଙ୍କ ନିକଟରେ ପ୍ରଦାନ କରିବେ। ଉକ୍ତ ରିପୋର୍ଟ ଅନୁଧ୍ୟାନ ପରେ ଜିଲା କାର୍ଯ୍ୟାଳୟ ଅଭିଯୋଗ ପ୍ରକୋଷ୍ଠ ପକ୍ଷରୁ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇ ସମସ୍ୟାର ସମାଧାନ କରାଯିବ। ବରିଷ୍ଠ ପ୍ରଶାସନିକ ଅଧିକାରୀମାନଙ୍କର ଏହି ଗସ୍ତ ସମୟରେ ବ୍ଲକସ୍ତରୀୟ ଅଧିକାରୀ ଓ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ ମଧ୍ୟ ସେମାନଙ୍କ ସହିତ ଯିବେ। କାର୍ଯ୍ୟକ୍ରମର ସଫଳତା ନିମନ୍ତେ ପ୍ରତ୍ୟେକ ସପ୍ତାହରେ ଜିଲାପାଳ ଏକ ସମୀକ୍ଷା ବୈଠକ ନେବେ।

ଚଳିତ ସପ୍ତାହର କାର୍ଯ୍ୟକ୍ରମ ଅନୁଯାୟୀ ଶୁକ୍ରବାର ଅତିରିକ୍ତ ଜିଲାପାଳ ଧରମ ହାଁସଦା ବାରକୋଟ ବ୍ଲକର ସରୁଆଳି ଓ ଗୁରୁସଙ୍ଗ ଗ୍ରାମପଞ୍ଚାୟତ, ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ଭିନସେଣ୍ଟ ପୁନମ କାନ୍ତ ଏକ୍କା ରିଆମାଳ ବ୍ଲକର ଚୁହିଲାମାଳ ଓ ତାରଙ୍ଗ ଗ୍ରାମପଞ୍ଚାୟତ, ଉପଜିଲାପାଳ ବିମଳେନ୍ଦୁ ମିଶ୍ର ତିଲେଇବଣି ବ୍ଲକର କଂସର, ଢୋଲପଡା ଗ୍ରାମପଞ୍ଚାୟତ, ଡିଆରଡିଏର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ କୁମାର ପଟେଲ ତିଲେଇବଣି ବ୍ଲକର ସଡୋ ଓ ପାଲକୁଦର ଗ୍ରାମପଞ୍ଚାୟତ ଏବଂ ଡେପୁଟି କଲେକ୍ଟର ସିପ୍ରା ସେଠୀ ରିଆମାଳ ବ୍ଲକର ଖିଲେଇ ଓ ନୂଆଡିହି ଗ୍ରାମପଞ୍ଚାୟତ ଗସ୍ତ କରିଥିବା ନେଇ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଜୟ କୁମାର ମିଶ୍ର ସୂଚନା ଦେଇଛନ୍ତି।

# ବିଦ୍ୟାଳୟ ସମ୍ମିଶ୍ରଣ ପ୍ରସଙ୍ଗ, ନାମକରଣକୁ ନେଇ ବିବାଦ

ବାମରା,୮।୯(ସ୍ୱ.ପ୍ର.)

ଏକାଧିକ ବିଦ୍ୟାଳୟକୁ ସମ୍ମିଶ୍ରଣ କରାଯିବାକୁ ସରକାରଙ୍କ ତରଫରୁ ନିଷ୍ପତ୍ତି ହୋଇଛି। ଶହେ ମିଟର ବ୍ୟବଧାନ ମଧ୍ୟରେ ରହିଥିବା ଏକାଧିକ ସ୍କୁଲକୁ ସମ୍ମିଶ୍ରଣ କରାଯାଇ ନୋଡାଲ ହାଇସ୍କୁଲ କରାଯିବାକୁ ସରକାର ନୂତନ ନିୟମ କାର୍ଯ୍ୟକାରୀ କରିଛନ୍ତି। ଏହି ସମ୍ମିଶ୍ରଣ ପ୍ରକ୍ରିୟାରେ ୧୯୦୬ରେ ତତ୍କାଳୀନ ବାମଣ୍ଡା (ଦେବଗଡ଼) ମହାରାଜା ବାସୁଦେବ ସୁଢଳ ଦେବଙ୍କ ଭାଇ ବିଶିଷ୍ଟ ଶିକ୍ଷାବିତ୍ ବଳଭଦ୍ର ଦେବଙ୍କ ନାମରେ ବାମରାରେ ପ୍ରତିଷ୍ଠିତ ବଳଭଦ୍ର ଏମ.ଇ. ସ୍କୁଲର ନାମକରଣକୁ ନେଇ ବାମରା ବ୍ଲକ ସଦର ମହକୁମାରେ ବିବାଦ ଦେଖାଦେଇଛି। ୧୧୨ ବର୍ଷର ଏହି ପୁରୁଣା ସ୍କୁଲର ଅନେକ ଛାତ୍ରୀଛାତ୍ର ରାଜ୍ୟ ତଥା ଦେଶର ବହୁ ସମ୍ମାନଜନକ ପଦପଦବୀରେ ଅଧିଷ୍ଠିତ ହୋଇପାରିଛନ୍ତି। ଜିଲା ତଥା ରାଜ୍ୟରେ ଏହି ସ୍କୁଲର ସ୍ୱତନ୍ତ୍ର ମାନ୍ୟତା ରହିଥିବା ବେଳେ ଏହାକୁ ଭାଗିରଥୀ ଉଚ୍ଚ ବିଦ୍ୟାଳୟ ଭାବେ ନାମିତ କରିବାକୁ ନିଷ୍ପତ୍ତି ହୋଇଛି। ଏହାକୁ ବିରୋଧ କରି ଶନିବାର ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ବଳଭଦ୍ର ନୋଡାଲ ସ୍କୁଲଠାରେ ଏକ ସ୍ୱତନ୍ତ୍ର ଜରୁରୀ ବୈଠକ ହୋଇଥିଲା। ସ୍ଥାନୀୟ ସରପଞ୍ଚ ମିନାକ୍ଷୀ ମାଝୀ, ସିଆରସିସି ସୁବୋଧ ଚନ୍ଦ୍ର ନାୟକ, ପ୍ରଧାନ ଶିକ୍ଷୟିତ୍ରୀ ସୈରେନ୍ଦ୍ରୀ ଦେଇ ସମେତ ବିଦ୍ୟାଳୟ ପରିଚାଳନା କମିଟି, ଅଭିଭାବକ, ବୁଦ୍ଧିଜୀବୀ, ସାମ୍ବାଦିକ ସଂଘ, ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ଆଦି ଉପସ୍ଥିତ ରହି ଆଲୋଚନା କରିଥିଲେ। ବୈଠକରେ ନୂତନ ସ୍କୁଲର ନାମ ବଳଭଦ୍ର ଭାଗିରଥୀ ନୋଡାଲ ହାଇସ୍କୁଲ ରଖାଯିବାକୁ ସହମତି ପ୍ରକାଶ ପାଇଛି। ଏ ନେଇ ପ୍ରସ୍ତାବ ଗୃହୀତ ହୋଇଛି। ଜିଲା ଶିକ୍ଷା ଅଧିକାରୀଙ୍କୁ ଏ ସମ୍ପର୍କିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

### ଜିଲା କଂଗ୍ରେସ କାର୍ଯ୍ୟାଳୟରେ ବୈଠକ

# ଯୋଗଦେଲେ ୫୦ କର୍ମୀ

ସମ୍ବଲପୁର, ୮।୯(ବ୍ୟୁରୋ)

ସମ୍ବଲପୁର ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଧମା ଅଞ୍ଚଳରୁ ଅନ୍ୟ ଦଳରୁ ୫୦ ଯୁବ କର୍ମୀ କଂଗ୍ରେସ ଦଳରେ ଯୋଗଦାନ କରିଥିଲେ। ଆସଫ ଅଲ୍ଲୀ ଖାଁଙ୍କ ନେତୃତ୍ୱରେ କର୍ମୀମାନେ କଂଗ୍ରେସରେ ଯୋଗ ଦେଇଛନ୍ତି। ଏହି ଅବସରରେ ଧମା ଅଞ୍ଚଳରେ କଂଗ୍ରେସ ଦଳକୁ ମଜଭୁତ କରିବା ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ। ଲୋକମାନଙ୍କ ସହ ମିଶି ସେମାନଙ୍କ ସମସ୍ୟା ଦୂର କରିବା ପାଇଁ ଜିଲାସ୍ତରୀୟ କର୍ମକର୍ତ୍ତା ସେମାନଙ୍କୁ କହିଥିଲେ। ଏହି ଅବସରରେ ପିସିସି ସମ୍ପାଦକ ସୁରେଖା ସାହୁ, ପିସିସି ଉପସଭାପତି ପ୍ରେମସାହାଣୀ, ସମ୍ବଲପୁର ଲୋକସଭା ଯୁବ କଂଗ୍ରେସ ସଭାପତି ଆଶୁତୋଷ ସ୍ୱାଇଁ, ମାନେଶ୍ୱର ବ୍ଲକ ଜୋନ-୨ ସଭାପତି ଧରଣୀଧର ସାହୁ, ବ୍ଲକ ଓବିସି ସଭାପତି ଭାରତୀ ସାହୁ, ଜୟରାମ ବଣିଆ, ବିଦ୍ୟୁତ ମିଶ୍ର, ଶତ୍ରୁଘ୍ନ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ । ଧମା ଏସସିସେଲର ସଭାପତି ହେମନ୍ତ କୁମାର ଗୁରୁ ଉପସଭାପତି ଚୌଧୁରୀ ବଗର୍ତ୍ତି, ସାଧାରଣ ସମ୍ପାଦକ ଦୁଷ୍ମନ୍ତ ଗୁରୁଙ୍କୁ ଚୟନ କରାଯାଇଥିଲା ।



ଜିଲା କଂଗ୍ରେସ କାର୍ଯ୍ୟାଳୟରରେ ନୂତନ ଭାବେ ଯୋଗ ଦେଇଥିବା କର୍ମୀଙ୍କ ସହ କର୍ମକର୍ତ୍ତା ।

### ହୋଇପାରିଲାନି ରାଷ୍ଟ୍ରୀୟ ଲୋକ ଅଦାଲତ

ରେଢ଼ାଖୋଲ,୮।୯(ଡି.ଏନ.ଏ.)

ରେଢ଼ାଖୋଲରେ ଶନିବାର ଅନୁଷ୍ଠିତ ହେବାକୁ ଥିବା ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇପାରିନାହିଁ। ପଶ୍ଚିମ ଓଡିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଚାଲିଥିବା ଓକିଲ ଆନ୍ଦୋଳନ ଯୋଗୁ ଓକିଲମାନେ ରାଷ୍ଟ୍ରୀୟ ଲୋକ ଅଦାଲତକୁ ମଧ୍ୟ ବର୍ଜନ କରିଥିଲେ। ଶନିବାର ଛୁଟି ଥିଲେ ହେଁ ରାଷ୍ଟ୍ରୀୟ ଲୋକ ଅଦାଲତ କୁ ଦୃଷ୍ଟିରେ ରଖି ଓକିଲମାନେ ରେଢ଼ାଖୋଲ ସିଭିଲ କୋର୍ଟ ସମ୍ମୁଖରେ ଧାରଣାରେ ବସିଥିଲେ। ଫଳରେ ବିଚାରପତି ଓ କୋର୍ଟର କର୍ମଚାରୀମାନେ ଭିତରକୁ ଯାଇପାରି ନ ଥିଲେ।

### ବିଶ୍ୱହିନ୍ଦୁ ପରିଷଦର ପ୍ରତିଷ୍ଠା ଦିବସ

ରେଢ଼ାଖୋଲ,୮।୯(ଡି.ଏନ.ଏ.)- ରେଢ଼ାଖୋଲରେ ବିଶ୍ୱହିନ୍ଦୁ ପରିଷଦର ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ବ୍ଲକ ସଭାପତି କୃଷ୍ଣଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଦେବେନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି, ରାଜ୍ୟ ପ୍ରବକ୍ତା ବ୍ରଜବିହାରୀ ଦାସ ସମ୍ମାନିତ ଅତିଥି, ପଶ୍ଚିମପ୍ରାନ୍ତ ସଂଗଠନ ମନ୍ତ୍ରୀ ଶରତଚନ୍ଦ୍ର ପ୍ରଧାନ, ଜିଲା ସଂପାଦକ ହରିଶଙ୍କର ହୋତା, କାର୍ଯ୍ୟକାରୀ ସଭାପତି ଗଣପତି ବେହେରା, ବ୍ଲକ ସଂପାଦକ ଶରତଚନ୍ଦ୍ର ପୃଷ୍ଟି ଯୋଗ ଦେଇଥିଲେ।

# ୨ କୁଇଣ୍ଟାଲ୍ କେନ୍ଦୁପତ୍ର,ବାଇକ୍ ସହ ୨ ଗିରଫ

ରେଢ଼ାଖୋଲ,୮।୯(ଡି.ଏନ.ଏ.)

କେନ୍ଦୁପତ୍ର ଚୋରାଚାଲାଣ କରାଯିବାକୁ ଗଚ୍ଛିତ କରାଯାଉଥିବା ବେଳେ ଚାରମାଳ ପୋଲିସ ଚଢାଉ କରି ୨ କୁଇଣ୍ଟାଲ କେନ୍ଦୁପତ୍ର, ୨ଟି ବାଇକ ଜବତ କରଛି। ଏହି ଘଟଣାରେ ସଂପୃକ୍ତ ୨ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଏହି ଥାନାର ବୁଢ଼ିଖମାର ଗ୍ରାମର ବିଶ୍ୱାମିତ୍ର ଧଳ (୩୨) ଓ କୁଆଖୋଲ ଗ୍ରାମର ମାନବ କୁମାର ସମର୍ଥ(୨୬) ବୋଲି ଥାନା ଅଧିକାରୀ ବସନ୍ତ କୁମାର ଦଳାଇ କହିଛନ୍ତି। ଓଆର୧୫ କେ ୭୯୬୩ ଏବଂ ଓଡି୧୭ସି ୪୬୦୧ ନମ୍ବର ବିଶିଷ୍ଟ ୨ଟି ବାଇକ ଜବତ ହୋଇଛି। ଏ ନେଇ ଚାରମାଳ ଥାନାରେ ଏକ ମାମଲା (ନଂ.୧୧୫/୧୮) ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଛି। ଓକିଲଙ୍କ ଆନ୍ଦୋଳନ ଯୋଗୁ ଅଭିଯୁକ୍ତ ମାନଙ୍କ ପକ୍ଷରୁ ଜାମିନ ଆବେଦନ କରାଯାଇ ନ ଥିବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ ଶନିବାର ବାଇକ ଯୋଗେ କେନ୍ଦୁପତ୍ର ସଂଗ୍ରହ କରି ଚୋରାଚାଲାଣ ପାଇଁ ସୁନାମୁଦି ଗ୍ରାମ ନିକଟସ୍ଥ ରାସ୍ତାର ଜଙ୍ଗଲ ଭିତରେ ଗଚ୍ଛିତ କରାଯାଉଥିବା ସୂଚନା ପାଇ ପୋଲିସ ଚଢାଉ କରିଥିଲା।

### ଯୁବକଙ୍କ ଆତ୍ମହତ୍ୟା

ରିଆମାଳ,୮।୯(ଡି.ଏନ୍.ଏ.)

୨୪ ନମ୍ବର ଜାତୀୟ ରାଜପଥ ଦେବଗଡ଼ ଜିଲା ରିଆମାଳ ଥାନା ଅଧୀନ ସ୍ୱଳ୍ପଘଟି ମନ୍ଦିର ରାସ୍ତା କଡରେ ଥିବା ଏକ ରାଣୀଚୂଡ଼ା ଗଛରେ ଜଣେ ଯୁବକ ଦଉଡି ଦେଇ ଆତ୍ମହତ୍ୟା କରିଥିବା ଜଣାପଡିଛି। ହେଲେ ଯୁବକଙ୍କ ପରିଚୟ ମିଳିପାରି ନାହିଁ। ତାଙ୍କୁ ପାଖାପାଖି ୨୫ ବର୍ଷ ବୟସ ହେବ ବୋଲି ଅନୁମାନ କରାଯାଉଛି। ଖବର ପାଇ ରିଆମାଳ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୋଲିସ ଘଟଣା ସ୍ଥଳରୁ ଏକ ବ୍ୟାଗ ଜବତ କରିଛି।

### ବ୍ଲକସ୍ତରୀୟ ଖେଳାଳି ଚୟନ ଶିବିର

# ୧୨ ସ୍କୁଲର ୮୪ ଛାତ୍ରୀଛାତ୍ର ସାମିଲ ହେଲେ

ରେଢ଼ାଖୋଲ,୮।୯(ଡି.ଏନ.ଏ.)

ରେଢ଼ାଖୋଲ କଦମ୍ବପଡିଆଠାରେ ଶନିବାର ବ୍ଲକସ୍ତରୀୟ ଖେଳାଳି ଚୟନ ଶିବିର ଅନୁଷ୍ଠିତ ହୋଇଛି। ରାଣି ଅନ୍ନପୂର୍ଣ୍ଣା ନୋଡାଲ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ପଦ୍ମଶ୍ରୀ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ଭୀମସେନ ପ୍ରଧାନ ଓ ବିଜୟାନନ୍ଦ ପ୍ରଧାନ ଯୋଗ ଦେଇଥିଲେ। ଶିବିରରେ ୧୪ ଓ ୧୭ ବର୍ଷରୁ କମ୍ ଉଭୟ ବାଳିକା ଓ ବାଳକ ମଧ୍ୟରେ ଫୁଟବଲ, ଖୋଖୋ ଓ କବାଡି ଖେଳାଳି ଚୟନ କରାଯାଇଥିଲା। ବ୍ଲକର ୧୨ଟି ସରକାରୀ ମାଧ୍ୟମିକ ବିଦ୍ୟାଳୟର ୮୪ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଚୟନ ଶିବିରରେ ୧୭ ବର୍ଷରୁ କମ୍ କବାଡି ବାଳକ ବିଭାଗରୁ ୭ଜଣ,ବାଳିକା ବିଭାଗରୁ ୭ଜଣ, ୧୪ ବର୍ଷରୁ କମ ୭ଜଣ,ଫୁଟବଲରେ ବାଳକ ବିଭାଗରୁ ୧୧ଜଣ ଖେଳାଳିଙ୍କୁ ମନୋନୀତ କରାଯାଇଛି। ମନୋନୀତ ହୋଇଥିବା ଖେଳାଳିମାନେ ଆସନ୍ତା ୧୧ ତାରିଖରେ କୁଚିଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ଜିଲାସ୍ତରୀୟ ଖେଳାଳି ଚୟନ ଶିବିରରେ ଯୋଗ ଦେବେ। ଖେଳାଳିମାନଙ୍କୁ ବିଭିନ୍ନ ବିଦ୍ୟାଳୟର ୧୨ ଜଣ କ୍ରୀଡା ଶିକ୍ଷକ ଚୟନ କରିଥିଲେ।



ନିଜର ଅହଂ ଭାବକୁ ସନ୍ତୁଷ୍ଟ କରିବା ପାଇଁ ଲୋକେ ଅନ୍ୟର ନିନ୍ଦା କରନ୍ତି ବୋଲି ବହୁ କ୍ଷେତ୍ରରେ ପ୍ରମାଣିତ ହୋଇଛି।
-କନ୍‌ଫୁସିୟସ



## ସଂକ୍ଷେପରେ



### ଆମ୍ବୁଲାନ୍ସ ସେବା ଯୋଗାଇ ଏମ୍‌ସିଏଲ୍ ପୁରସ୍କୃତ

ସମ୍ବଲପୁର,୮।୯(ବ୍ୟୁରୋ)-ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ସେଣ୍ଟ ଜୋନ ଆମ୍ବୁଲାନ୍ସ ପୂର୍ଣ୍ଣମାତ୍ରାରେ ସହଯୋଗ କରୁଥିବାରୁ ରାଜ୍ୟପାଳଙ୍କ ଦ୍ୱାରା ପୁରସ୍କୃତ ହୋଇଛି। ରାଜଭବନରେ ରାଜ୍ୟପାଳ ଗଣେଶଲାଲ ଏମସିଏଲ ନିର୍ଦ୍ଦେଶକ (କାର୍ମିକ) ନୀଳାନନ୍ଦ ମିଶ୍ରଙ୍କୁ ଉପଢୌକନ ସହ ପ୍ରମାଣପତ୍ର ଦେଇ ପୁରସ୍କୃତ କରିଥିଲେ । ଆମ୍ବୁଲାନ୍ସ ସେବା ଯୋଗାଇ ଦେବାରୁ ଅନେକ ଲୋକ ଏହାର ଫାଇଦା ପାଇପାରୁଛନ୍ତି। ଏଣୁ ଆଗାମୀ ଦିନରେ ମଧ ଏହି ସେବା ଜନସାଧାରଣଙ୍କୁ ଯୋଗାଇ ଦେବାକୁ ରାଜ୍ୟପାଳ ଗଣେଶଲାଲ ଏମସିଏଲକୁ ଶୁଭ କାମନା ଦେଇଥିଲେ।

### ଶ୍ରମିକଙ୍କ ପାଇଁ ଜିଏସ୍‌ଟି ବଢାଇଛି ସମସ୍ୟା

ସମ୍ବଲପୁର,୮।୯(ବ୍ୟୁରୋ)-କେନ୍ଦ୍ର ସରକାର କେନ୍ଦୁପତ୍ର ଉପରେ ଜିଏସଟି ଲାଗୁ କରି ଶ୍ରମିକମାନଙ୍କ ଦୁର୍ଦ୍ଦଶା ବଢାଇଛନ୍ତି। କେନ୍ଦୁପତ୍ର ଉପରେ ପୂର୍ବରୁ ମାତ୍ର ୨ ପ୍ରତିଶତ ସିଏସଟି ଲାଗୁ ହୋଇଥିଲା। ହେଲେ ଏହାକୁ ୧୮ ପ୍ରତିଶତ ଓ କେନ୍ଦୁପତ୍ରରୁ ନିର୍ମିତ ହେଉଥିବା ବିଡି ଉପରେ ୨୮ ପ୍ରତିଶତକୁ ବୃଦ୍ଧି କରିଛନ୍ତି। ଫଳରେ ଶ୍ରମିକମାନଙ୍କ ଉପରେ ସିଧାସଳଖ ପ୍ରଭାବ ପକାଉଛି। ବିଡି ତିଆରି କରୁଥିବା କମ୍ପାନୀ ଓ କେନ୍ଦୁପତ୍ର ବ୍ୟବସାୟୀମାନେ ଓଡ଼ିଶାରୁ କେନ୍ଦୁପତ୍ର କ୍ରୟ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏଥିଯୋଗୁ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ଫଡ଼ିଗୁଡ଼ିକରେ କେନ୍ଦୁପତ୍ର ପଡି ରହି ନଷ୍ଟ ହେବାକୁ ବସିଛି। ସମ୍ବଲପୁରରେ ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ କାର୍ଯ୍ୟକାରୀ ବୈଠକରେ ଏହା ଉପରେ ଆଲୋଚନା ହୋଇଥିଲା। ସଂଘର ରାଜ୍ୟ ସଭାପତି ବିଜୟ ମହାନ୍ତିଙ୍କ ଅଧକ୍ଷତାର ଏହି ବୈଠକ ହୋଇଥିଲା । ପୂର୍ବଭଳି କେନ୍ଦୁପତ୍ର ଉପରେ ୨ ପ୍ରତିଶତ ଟିକସ କରାଯାଉ ବୋଲି ମତ ପ୍ରକାଶ ପାଇଥିଲା। ଆଗାମୀ ଦିନରେ ରାଜ୍ୟର ସମସ୍ତ ଜିଲାର ପଞ୍ଚାୟତଗୁଡିକରେ କେନ୍ଦୁପତ୍ର ଘରୋଇକରଣକୁ ବିରୋଧ କରାଯିବ ବୋଲି ପ୍ରସ୍ତାବ ନିଆଯାଇଥିଲା। ଅନ୍ୟମାନଙ୍କ ମଧରେ ସାଧାରଣ ସମ୍ପାଦକ ଯୋଗେନ୍ଦ୍ର ତ୍ରିପାଠୀ, ପ୍ରଫୁଲ୍ଲ ମେହେର, କ୍ଷେତଚନ୍ଦ୍ର ବାରିକ, ପ୍ରଦୀପ ସାହୁ, ଉଦିତ ତ୍ରିପାଠୀ, ଅନାଦି ସାହୁ, ପୋଲିସ ସାହୁ ଆଲୋଚନାରେ ଭାଗ ନେଇଥିଲେ।

# ଗାଁରେ ନୂଆଁଖାଇର ଦୃଶ୍ୟ

## ■ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନରେ ଚିତ୍ରାଙ୍କନ, ବକ୍ତୃତା

■୧୪ ତାରିଖ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମରେ ପୁରସ୍କୃତ ହେବେ କୃତୀ ପ୍ରତିଯୋଗୀ
■ଭାଗ ନେଲେ ୬୦ ପ୍ରତିଯୋଗୀ

ସମ୍ବଲପୁର,୮।୯(ବ୍ୟୁରୋ)

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ। ଏହାକୁ ନେଇ ସମସ୍ତେ ଗର୍ବ ଓ ଗୌରବ କରିଥାନ୍ତି। ଏଥିରେ ସଂସ୍କୃତି, ପରମ୍ପରା ଭରି ରହିଛି। ଏଣୁ ନୂଆଁଖାଇ ସମସ୍ତ ପ୍ରାଣକୁ ଜୀବନ୍ତ କରିଥାଏ। ଶନିବାର ସ୍ୱାଧିନତା ସଂଗ୍ରାମୀ ସ୍ମୃତି ଭବନଠାରେ ଆୟୋଜିତ ନୂଆଁଖାଇ 'ମତେ କାଁ କରି ଭଲ ଲାଗସି ଏବଂ ମୋର ନୂଆଁଖାଇ ତିହାର' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ଛାତ୍ରୀଛାତ୍ର ଏହା କହିଛନ୍ତି। ଓଡ଼ିଶା ସାଂସ୍କୃତିକ ସମାଜ ସଭାପତି ଶଙ୍କର ପ୍ରସାଦ ପତିଙ୍କ ପରିଚାଳନାରେ ପ୍ରତିଯୋଗିତା ହୋଇଥିଲା। ଜୁନିୟର ଓ ସିନିୟର ବର୍ଗରେ ବକ୍ତୃତା ସମ୍ବଲପୁରୀ ଭାଷାରେ ହୋଇଥିଲା । ଜୁନିୟର ବର୍ଗରେ ସେଭେନହିଲ୍ସ ପବ୍ଲିକ ସ୍କୁଲର ପାୟଲ ପୌଦାର ପ୍ରଥମ, ଅର୍ଚ୍ଚିକା ପ୍ରିୟଦର୍ଶନୀ ପଣ୍ଡା ଦ୍ୱିତୀୟ ଏବଂ ବୁଢ଼ାରଜା ନୋଡାଲ ହାଇସ୍କୁଲର ଶ୍ରୀୟା ନନ୍ଦ ଓ ମଦନାବତୀ ପବ୍ଲିକ ସ୍କୁଲର ଗ୍ଲୋରି ବାବୁ ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ସିନିୟର ବର୍ଗରେ ସେଭେନହିଲ୍ସ ସ୍କୁଲର ବର୍ଷା ପୌଦାର, ଗୁରୁନାନକ ପବ୍ଲିକ ସ୍କୁଲର ସିର୍ଦ୍ଧାଥ ପଣ୍ଡା ଓ ବିକାଶ ସ୍କୁଲର ବର୍ଷା ପାଣ୍ଡେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। ଡ. ଶ୍ୟାମସୁନ୍ଦର ଧର, ପ୍ରଫେସର କେଦାରନାଥ ବେହେରା ଓ ଡ. ଗୌରୀଦାସ ପ୍ରଧାନ ବିଚାରକ ଥିଲେ।



ଶନିବାର ସମ୍ବଲପୁର ନୂଆଁଖାଇ ଉପଲକ୍ଷେ ହୋଇଥିବା ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କ ଗହଣରେ ବିଚାରକ ।

ସେହିପରି ଜୁନିୟର ଓ ସିନିୟର ବର୍ଗରେ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଏଥିରେ ବିଭିନ୍ନ ସ୍କୁଲର ୬୦ ପ୍ରତିଯୋଗୀ ଭାଗ ନେଇଥିଲେ। ଆୟୋଜକ ଅନୁଷ୍ଠାନର ପ୍ରଫୁଲ୍ଲ କୁମାର ହୋତା, ରାମାନୁଜ ପଣ୍ଡା, ସରୋଜ କୁମାର ଦାଶ, କମଳଲୋଚନ ପଣ୍ଡା, ଶିବନାରାୟଣ ପାଣିଗ୍ରାହୀ, ନରେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ। ଚଳିତ ମାସ ୧୪ ତାରିଖ ସନ୍ଧ୍ୟା ସାଢ଼େ ୬ଟାରେ ଝାଡୁଆପଡ଼ା ବଡ଼ଦୁଆରଠାରେ ହେବାକୁ ଥିବା ନୂଆଁଖାଇ ଭେଟ୍‌ଘାଟରେ କୃତୀମାନଙ୍କୁ ପୁରସ୍କୃତ କରାଯିବ ବୋଲି ସାଧାରଣ ସମ୍ପାଦକ ବୋଧରାମ ଦାଶ ସୂଚନା ଦେଇଛନ୍ତି।

## ବୁର୍ଲା ଡାକଘରେ କର୍ମଚାରୀ ଅଭାବ

ସମ୍ବଲପୁର,୮।୯(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବୁର୍ଲା ଡାକଘରରେ କର୍ମଚାରୀଙ୍କ ଅଭାବ ରହିଛି। ବହୁ ସମୟରେ ଡାକବ୍ୟାଗ୍ ଖୋଲାଯାଉ ନାହିଁ। ପୂର୍ବ ଅପେକ୍ଷା ବର୍ତ୍ତମାନ ଅଧିକ ଚିଠି ପତ୍ର ଜନସାଧାରଣଙ୍କ ପାଖକୁ ଆସୁଛି। କିନ୍ତୁ ୨ ପୋଷ୍ଟମ୍ୟାନ ଚିଠି ପତ୍ର ବାଣ୍ଟିବାରେ ସକ୍ଷମ ହୋଇପାରୁନାହାନ୍ତି। ଏଣୁ ବିଭାଗ ପକ୍ଷରୁ ସ୍ଥାୟୀ ପ୍ରତିକାର ଦାବି ହୋଇଛି। ସୂଚନାଯୋଗ୍ୟ ଯେ, ବୁର୍ଲା ଡାକଘରରେ ସ୍ଥାୟୀ ପୋଷ୍ଟମାଷ୍ଟର ନାହାନ୍ତି। ଆବଶ୍ୟକ ୭ କର୍ମଚାରୀଙ୍କ ସ୍ଥାନରେ ୪ ରହିଛନ୍ତି। ସେହିପରି କର୍ମଚାରୀଙ୍କ ରହିବା ସକାଶେ ସରକାରୀ ଘର ନାହିଁ। ଯେଉଁ କେତେଟା ଘର ରହିଛି ତାହା ଜବରଦଖଲରେ ରହିଛି। ଏତଦ୍‌ବ୍ୟତିତ ପୋଷ୍ଟ ଅଫିସ ମୁଖ୍ୟ ଦ୍ୱାରରେ ଉଠା ଦୋକାନୀମାନେ ଅସ୍ଥାୟୀ ଦୋକାନ କରିଥିବାରୁ ଟ୍ରାଫିକ ସମସ୍ୟା ଦେଖାଦେଇଛି। ଏ ଦିଗରେ ବିହିତ ପଦକ୍ଷେପ ନିଆଯିବାକୁ ସାଧାରଣରେ ମତପ୍ରକାଶ ପାଇଛି।



ଶନିବାର ସମ୍ବଲପୁର ଧନକଉଡା ବ୍ଲକସ୍ତରୀୟ ଖୋଖୋ, କବାଡି ଓ ଫୁଟବଲ ଚୟନ ଶିବିରରେ ଭାଗ ନେଇଥିବା ଖେଳାଳିମାନେ ।

## ଧନକଉଡ଼ା ବ୍ଲକସ୍ତରୀୟ ଖୋ ଖୋ, କବାଡି, ଫୁଟବଲ ଚୟନ ଶିବିର

ସମ୍ବଲପୁର,୮।୯(ବ୍ୟୁରୋ)

ସମ୍ବଲପୁର ଜିଲା ଧନକଉଡା ବ୍ଲକସ୍ତରୀୟ ଖୋଖୋ, କବାଡି ଓ ଫୁଟବଲ ଖେଳାଳି ଚୟନ ଶିବିର ଶନିବାର ବୁର୍ଲା ସରକାରୀ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ବୁର୍ଲା ସ୍କୁଲ ପ୍ରଧାନ ଶିକ୍ଷକ ଗଗନ ବିହାରୀ ଚୌଧୁରୀଙ୍କ ଅଧକ୍ଷତାରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ହୋଇଥିଲା। ଧନକଉଡ଼ା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୂରଲୀଧର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରର ଶୁଭାରମ୍ଭ କରିଥିଲେ। ସହକାରୀ ଶିକ୍ଷକ ରାମକୃଷ୍ଣ ରଥ ଉତ୍ସବ ସଂଯୋଜନା କରିଥିଲେ। ସେହିପରି ଧନକଉଡ଼ା ବ୍ଲକ ଜୋନାଲ ସମ୍ପାଦକ ସୌମେନ୍ଦ୍ର କୁମାର ଦାଶ ସୂଚନା ପ୍ରଦାନ କରିଥିଲେ। ବୁଢ଼ାରଜା ନୋଡ଼ାଲ ହାଇସ୍କୁଲ କ୍ରୀଡ଼ା ଶିକ୍ଷକ ସୁରେଶ୍ୱର କର୍ମୀ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଶିବିରରେ ୧୮୦ ଖେଳାଳି ଭାଗ ନେଇଥିଲେ। ନୃସିଂହଗୁରୁ ହାଇସ୍କୁଲ ଖେଳ ଶିକ୍ଷକ ଜଗବନ୍ଧୁ ବେହେରା ଓ ବୁର୍ଲା ହାଇସ୍କୁଲ କ୍ରୀଡା ଶିକ୍ଷକ ଶାନ୍ତା ରଣବିଡ଼ାଙ୍କ ତତ୍ତ୍ୱାବଧାନରେ ଶିବିର ହୋଇଥିଲା। ୧୫୦ଜଣଙ୍କ ମଧ୍ୟରୁ ୩୦ଜଣଙ୍କୁ ବ୍ଲକସ୍ତରରେ ମନୋନୀତ କରାଯାଇଛି। ଚଳିତ ମାସ ୧୧ ଓ ୧୨ ତାରିଖ ସମ୍ବଲପୁର ଜିଲାସ୍ତରୀୟ ଚୟନ ଶିବିରରେ ମନୋନୀତ କ୍ରୀଡ଼ାବିତ୍ ଯୋଗଦେବେ ।

## ୧୦ରେ ଭାରତ ବନ୍ଦ, ଜିଲା କଂଗ୍ରେସର ପ୍ରସ୍ତୁତି ବୈଠକ

ସମ୍ବଲପୁର,୭।୯(ବ୍ୟୁରୋ)

ତୈଳଦର, ଇନ୍ଧନ ଗ୍ୟାସ ଓ ବିଭିନ୍ନ ସାମଗ୍ରୀର ଆକାଶ ଛୁଆଁ ଦରଦାମ ବୃଦ୍ଧି ପ୍ରତିବାଦରେ ୧୦ ତାରିଖ ଅଖିଳ ଭାରତ କଂଗ୍ରେସ କମିଟି ପକ୍ଷରୁ ଭାରତ ବନ୍ଦ ଡାକରା ଦିଆଯାଇଛି। ଏହି ବନ୍ଦକୁ ସଫଳ କରିବା ପାଇଁ ଜିଲା କଂଗ୍ରେସ ପକ୍ଷରୁ ଶୁକ୍ରବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା କଂଗ୍ରେସ କମିଟି ସଭାପତି ଅଶ୍ୱିନୀ ଗୁରୁ କହିଥିଲେ ଯେ, ତୈଳଦର ବୃଦ୍ଧି ଯୋଗୁ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ଆକାଶଛୁଆଁ ହୋଇଛି। ଜନସାଧାରଣଙ୍କ ଆର୍ଥୀକ ମେରୁଦଣ୍ଡ ଦୋହଲି ଯାଇଛି। ତୈଳଦର ବୃଦ୍ଧି କରି ସରକାର ୧୧ କୋଟି ଟଙ୍କା ରାଜକୋଷରୁ ଲୁଣ୍ଠନ କରିସାରିଛନ୍ତି । ସମସ୍ୟା ଦୂର କରିବା ବଦଳରେ କେନ୍ଦ୍ର ସରକାର ସମସ୍ୟା ସୃଷ୍ଟି କରିଛନ୍ତି । ଏଣୁ ଏଥିରେ ଜନସାଧାରଣ ସାମିଲ ହେବାକୁ ସେ ଆହ୍ୱାନ କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ମହିନ୍ଦ୍ରା କମ୍ପାନୀର ଚାରିଚକିଆ ଯାନ 'ମାରାଜୋ'ର ବଜାର ପ୍ରବେଶ

ସମ୍ବଲପୁର,୮।୯(ବ୍ୟୁରୋ)

ମହିନ୍ଦ୍ରା କମ୍ପାନୀର ମାରାଜୋ ଚାରି ଚକିଆ ଯାନ ବଜାରକୁ ପ୍ରବେଶ କରିଛି। ସୁନ୍ଦରଗଡ଼ ଜିଲା ବେଲଡ଼ିହିସ୍ଥିତ କ୍ରିଷ୍ଣା ମହିନ୍ଦ୍ରା ଶୋରୁମ୍‌ଠାରେ ଅତିଥିମାନେ ନୂତନ ଗାଡିର ଶୁଭାରମ୍ଭ କରିଥିଲେ। କ୍ରିଷ୍ଣା ଅଟୋମୋଟିଭ୍‌ର ପରିଚାଳନା ନିର୍ଦ୍ଦେଶକ ଦିଲୀପ ଅଗ୍ରୱାଲ, ଉଦ୍ୟୋଗପତି ପ୍ରେମ ଅଗ୍ରୱାଲ, କମ୍ପାନୀର ଏରିଆ ସେଲ୍ସ ମ୍ୟାନେଜର ସୂର୍ଯ୍ୟପ୍ରକାଶ ନାୟକ, ପ୍ରଶିକ୍ଷଣ ମ୍ୟାନେଜର ରାଜେଶ କୁମାର, ଜେନେରାଲ ମ୍ୟାନେଜର ପ୍ରଦୀପ କୁମାର ରାଉତ, ଏଜିଏମ ଉତ୍ତମ ସେତୁଆ, ସେଲ୍ସ ମ୍ୟାନେଜର ପ୍ରତାପ ସ୍ୱାଇଁ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଘାଟନ ଉତ୍ସବରେ ବିକାଶ ଚନ୍ଦ୍ର ସାମଲ ଓ ପ୍ରଫୁଲ୍ଲ ଲାକ୍ରାଙ୍କୁ ଶୋରୁମ ସତ୍ତ୍ୱାଧିକାରୀ ନୂତନ ଗାଡ଼ିର ଚାବି ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଯେ, ମାରାଜୋ ଚାରି ଚକିଆ ଯାନ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳରେ ନିର୍ମିତ ହୋଇଛି। ଏହା ଏମ୍-୨, ଏମ୍-୪, ଏମ୍-୬, ଏମ୍-୮ ୪ ବର୍ଗରେ ରହିଥିବା ବେଳେ ୬ ରଙ୍ଗରେ ଉପଲବ୍ଧ ରହିଛି। ଏହାର ମୂଲ୍ୟ ୯ ଲକ୍ଷ ୯୯ ହଜାର ରହିଛି ।




ସୁନ୍ଦରଗଡ଼ ଜିଲା ବେଲଡ଼ିହିସ୍ଥିତ କ୍ରିଷ୍ଣା ମହିନ୍ଦ୍ରା ଶୋରୁମ୍‌ଠାରେ ଅତିଥିମାନେ ନୂତନ ମାରାଜୋ ଗାଡିର ଶୁଭାରମ୍ଭ କରୁଛନ୍ତି ।



ସମ୍ବଲପୁରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତ ପୂର୍ବରୁ ଜିଲା ଭାଜପା କର୍ମକର୍ତ୍ତାଙ୍କ ବୈଠକ।

## ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଜିଲା ଭାଜପାର ବୈଠକ

ସମ୍ବଲପୁର,୮।୯(ବ୍ୟୁରୋ)

ଆସନ୍ତା ସେପ୍ଟେମ୍ବର ୨୨ ତାରିଖ ପ୍ରଧାନମନ୍ତ୍ରୀ ନରେଦ ମୋଦି ଝାରସୁଗୁଡ଼ା ଗସ୍ତରେ ଆସି ଏୟାରପୋର୍ଟ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏହାକୁ ନେଇ ସମ୍ବଲପୁର ଜିଲା ଭାଜପା ପକ୍ଷରୁ ଜିଲା କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ରାମଚନ୍ଦ୍ର ମେହେର ଅଧକ୍ଷତା କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ସମ୍ବଲପୁର ଜିଲାରୁ ପ୍ରତି ବୁଥ୍‌ର କର୍ମୀ କିଭଳି ଭାବେ ଯୋଗ ଦେବେ ଆଲୋଚନା ହୋଇଥିଲା। ଏଥିପାଇଁ କର୍ମକର୍ତ୍ତାମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏଥିସହ ସମ୍ବଲପୁର ଜିଲାରେ ଦଳୀୟ କାର୍ଯ୍ୟକ୍ରମ କିପରି ଚାଲିଛି ସମୀକ୍ଷା ହୋଇଥିଲା। ସମ୍ବଲପୁର ବିଧାନସଭା ଦାୟିତ୍ୱରେ ଥିବା ଶରତ ପ୍ରଧାନ, ଜିଲା ସାଧାରଣ ସମ୍ପାଦକ ଦାମୋଦର କର, ସମ୍ବଲପୁର ବିଧାନସଭାର ବିସ୍ତାରକ ଦାମୋଦର ସମର୍ଥ, ରାଜ୍ୟ ଆଇନ ସେବା ପ୍ରକୋଷ୍ଠର ସହ ସଂଯୋଜକ ରତନ ରବାଲ ଜୀବନ ସାହୁ, ଜିଲା ମୁଖପାତ୍ର ସୂର୍ଯ୍ୟ ପାଣିଗ୍ରାହୀ, ଜିଲା ଉପସଭାପତି ଶ୍ରୀକାନ୍ତ ପାଣିଗ୍ରାହୀ, ସରୋଜିନି ବନଛୋର, ଦେଓକିରନ ପଟ୍ଟନାୟକ, ମୁକେଶ ଜରିୱାଲା, ଯୁବମୋର୍ଚ୍ଚା ସଭାପତି ରିକନ ପଟ୍ଟନାୟକ ପ୍ରମୁଖ ନିଜସ୍ୱ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଆରତୀ ଲତା ବରାଡ, ଜିଲା ସମ୍ପାଦକ ଭବାନୀ ପ୍ରସାଦ, ଅନୁସୟା ସାମଲ, ସରୋଜ ସାହୁ, ସୌମିକ୍ ବାବୁ, ଚନ୍ଦ୍ରଶେଖର ନାୟକ, ଦିବାକର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।

## ବୁର୍ଲାରେ ଟେଲିଫୋନ୍ ସେବା ବ୍ୟାହତ

ସମ୍ବଲପୁର,୮।୯(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ବୁର୍ଲାଠାରେ ୪ଦିନ ହେବ ଟେଲିଫୋନ୍ ଓ ବ୍ରଡ୍‌ବ୍ୟାଣ୍ଡ ସେବା ବ୍ୟାହତ ହୋଇଛି। ଏ ନେଇ ବିଭାଗୀୟ କର୍ମଚାରୀଙ୍କୁ ଯୋଗାଯୋଗ କଲେ ମଧ କିଛି ସୁଫଳ ମିଳୁ ନାହିଁ। ଅପରପକ୍ଷେ, ବିଏସଏନଏଲରୁ ଅବସର ଗ୍ରହଣ କରିଥିବା କାର୍ମଚାରୀ ଓ ଅଧିକାରୀମାନଙ୍କ ସ୍ଥାନରେ ନିଯୁକ୍ତି ପ୍ରକ୍ରିୟା ବନ୍ଦ ରହିଛି । କେବଳ ଠିକା ଶ୍ରମିକଙ୍କୁ ନେଇ କାର୍ଯ୍ୟ କରାଯାଉଛି । ଅପରପକ୍ଷେ ଗ୍ରାହକମାନେ ଠିକ୍ ସମୟରେ ବିଲ୍ ପଇଠ କରୁଛନ୍ତି । ଏହାକୁ ଦୃଷ୍ଟିରେ ରଖି ବିଏସଏନଏଲ କର୍ତ୍ତୃପକ୍ଷ ବୁର୍ଲାବାସୀଙ୍କୁ ସୁବିଧା ଯୋଗାଇଦେବା ଆବଶ୍ୟକ। ନଚେତ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଶ୍ରମିକ ନେତା ପ୍ରଶାନ୍ତ ପାଢ଼ୀ ଶନିବାର ଏକ ଖବରଦାତା ସମ୍ମିଳନୀରେ ସୂଚୀତ କରିଛନ୍ତି।

## ■ ବ୍ଲକସ୍ତରୀୟ କ୍ରୀଡା ପ୍ରତିଭା ଚୟନ ଶିବିର

# ୪୫ ଛାତ୍ରୀଛାତ୍ର ଜିଲାସ୍ତରକୁ ମନୋନୀତ

ନାକଟୀଦେଉଳ,୮।୯(ଡି.ଏନ.ଏ.)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ୍ ମାଧ୍ୟମିକ ବିଦ୍ୟାଳୟ ସମୂହର ଖେଳାଳି ଚୟନ ଶିବିର ସରାପାଲି ଉଚ୍ଚ ବିଦ୍ୟାଳୟଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଯୁବ ବୈଜ୍ଞାନିକ ଶେଷଦେବ କିଷାନ ଏଥିରେ ଯୋଗଦେଇ ଶିବିର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ବ୍ଲକ୍‌ର ୮ ଉଚ୍ଚବିଦ୍ୟାଳୟର ୮୯ ଛାତ୍ର, ୬୨ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଫୁଟବଲ, କବାଡି, ଖୋଖୋ ଆଦି ଖେଳକୁଦ ପ୍ରତିଯୋଗିତା ହୋଇଥିଲା। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ରଞ୍ଜନ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ଅନୁଷ୍ଠାନରୁ ଆସିଥିବା କ୍ରୀଡା ଶିକ୍ଷକମାନେ ଏହାକୁ ସଞ୍ଚାଳନ କରିଥିଲେ। ଫୁଟବଲରେ ୬, କବାଡି ସିନିୟର ବାଳକ ବିଭାଗରେ ୭, ବାଳିକା ବିଭାଗରେ ୧୪, ଖୋଖୋ ବାଳିକା, ବାଳକରେ ୯ ଲେଖାଏଁ ମୋଟ ୪୫ ପ୍ରତିଯୋଗୀ ଜିଲାସ୍ତରକୁ ମନୋନୀତ ହୋଇଛନ୍ତି। ପ୍ରଧାନ ଶିକ୍ଷକ ଲୋକନାଥ ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ନାକଟୀଦେଉଳସ୍ଥିତ ସିଆଇଏସଏଫ ସି-୧୨ ବାଟାଲିୟନର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଜଗଦୀଶ ବିଶି ମୁଖ୍ୟ ଅତିଥି, ସମ୍ବଲପୁର ଅତିରିକ୍ତ ଜିଲା ଅଧିକାରୀ ଦୟାନିଧି ପୂଜାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ଶିକ୍ଷକ ହଳଧର ସାହୁ ଧନ୍ୟବାଦ ଦେଇଥିଲେ।



ସରାପାଲି ଉଚ୍ଚ ବିଦ୍ୟାଳୟଠାରେ ଚୟନ ଶିବିରରେ ଚାଲିଥିବା କବାଡ଼ି ପ୍ରତିଯୋଗିତା।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ସେପ୍ଟେମ୍ବର ୯/୨୦୧୮ Sambalpur, Sunday, September 9/ 2018

## ସଂକ୍ଷେପରେ

### ଅପହୃତା କଲେଜ ଛାତ୍ରୀ ଉଦ୍ଧାର: ଅଭିଯୁକ୍ତ ଅଟକ

ତିହିଡ଼ି,୮।୯(ଡି.ଏନ.ଏ.): ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ତାଳପଦା ପଞ୍ଚାୟତ ଅଞ୍ଚଳର ଅପହୃତା କଲେଜ ଛାତ୍ରୀଙ୍କୁ ଯାଜପୁର ଟାଉନରୁ ପୋଲିସ ଉଦ୍ଧାର କରିଛି। ଏଥିସହ ଅପହରଣକାରୀ ସମୀର ଜେନାଙ୍କୁ ଭଦ୍ରକରୁ ଧରିବାରେ ସକ୍ଷମ ହୋଇଛି। ତାଙ୍କ ଘର ଭଦ୍ରକ ଏରେଇଁ ଗ୍ରାମରେ ବୋଲି ଜଣାପଡ଼ିଛି। ଉଦ୍ଧାର ଛାତ୍ରୀଙ୍କୁ ଶନିବାର ଭଦ୍ରକ କୋର୍ଟରେ ହାଜର କରାଯାଇଥିଲା। ତାଙ୍କୁ ଭଦ୍ରକସ୍ଥିତ ଆସିୟାନାରେ ରଖାଯିବାକୁ ନିର୍ଦ୍ଦେଶ ହୋଇଛି। ଅଭିଯୁକ୍ତ ସମୀରଙ୍କୁ ତିହିଡ଼ି ଥାନାରେ ଅଟକ ରଖାଯାଇଛି। ଛାତ୍ରୀ ଜଣଙ୍କ ଗତ ଜୁଲାଇ ୧୨ରେ କଲେଜକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ତାଙ୍କ ମା' ୧୯ ତାରିଖରେ ଏ ସମ୍ପର୍କରେ ତିହିଡ଼ି ଥାନାରେ ଅଭିଯୋଗ କରିଥିଲେ। ସମୀର ତାଙ୍କ ଝିଅକୁ ଅପହରଣ କରି ନେଇଥିବା ଅଭିଯୋଗରେ ଦର୍ଶାଯାଇଥିଲା। ପୋଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ସମୀରଙ୍କ ସ୍ତ୍ରୀଙ୍କ ଏତଲାକ୍ରମେ ସମୀରଙ୍କ ନାଁରେ ଏକ ନିର୍ଯାତନା ମାମଲାରୁଜୁ ହୋଇଛି।

### ବୀମା ବିଭ୍ରାଟରେ ସରକାରଙ୍କ ହସ୍ତକ୍ଷେପ

# କମ୍ପାନୀର ଅଭିଯୋଗ ବୈଠକରେ ଖାରଜ

ବରଗଡ଼ ଅଫିସ୍,୮।୯

ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ବାଟବଣା ହୋଇ ପଡ଼ିଛି । ବୀମା ବିଭ୍ରାଟକୁ ନେଇ ବରଗଡ଼ ଜିଲାବ୍ୟାପୀ ଅସନ୍ତୋଷ ଲାଗି ରହିଛି । ଏହା ସାଙ୍ଗକୁ କ୍ରମାଗତ ଆନ୍ଦୋଳନ ମଧ୍ୟ ଚାଲିଛି । ଚାଷୀଙ୍କ ବାରମ୍ବାର ଦାବି ଓ ଆନ୍ଦୋଳନ ପରେ ରାଜ୍ୟ ସରକାର ଏଥିରେ ହସ୍ତକ୍ଷେପ କରିବାକୁ ବାଧ୍ୟ ହୋଇଛନ୍ତି । ଏହି କ୍ରମରେ ଶନିବାର ରାଜ୍ୟ ସମବାୟ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା। ବୈଠକରେ ରାଜ୍ୟ ସରକାରଙ୍କ ପକ୍ଷରୁ ବୀମା ବିଭ୍ରାଟରେ କମ୍ପାନୀର ସମସ୍ତ ଅଭିଯୋଗକୁ ଖାରଜ କରାଯିବା ସହିତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସମ୍ପୂର୍ଣ୍ଣ ଭାବେ ସେମାନଙ୍କ ବୀମା କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ମିଳିଛି ।

ଉଚ୍ଚସ୍ତରୀୟ ବୈଠକରେ ସମବାୟ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ରଙ୍କ ସମେତ କୃଷି ଉତ୍ପାଦନ ସଚିବ ଗଗନ ଧଳ, ପ୍ରମୁଖ ସଚିବ ସୌରଭ ଗର୍ଗ, ସମବାୟ ସଚିବ ରଞ୍ଜନା ଚୋପ୍ରା ପ୍ରମୁଖ ଯୋଗ ଦେଇଥିଲେ । ସେହିପରି ନ୍ୟାଶନାଲ ଇନସ୍ୟୁରାନ୍ସ କମ୍ପାନୀର ଅଧିକାରୀ ଏବଂ ବିଭିନ୍ନ ଜିଲାର ପଦାଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ । ବୈଠକରେ ବୀମା ବିଭ୍ରାଟକୁ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ବିଭିନ୍ନ ତ୍ରୁଟି ଆଳ ଦେଖାଇ ବୀମା କମ୍ପାନୀ କ୍ଷତିପୂରଣ ପ୍ରଦାନ ସମୟରେ କାଟଛାଟ କରୁଥିବା ଯୋଗୁ ତାକୁ ବୈଠକରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ବୀମା କମ୍ପାନୀର ଅଧିକାରୀମାନେ ଏରିଆ କରେକ୍ସନ ଫ୍ୟାକ୍ଟର(ଏସିଏଫ) ଭଳି ନାନା ତ୍ରୁଟିର ଆଳ ଦେଖାଇ ଯୁକ୍ତି ବାଢ଼ିଥିଲେ । ମାତ୍ର ବୀମା କମ୍ପାନୀ ସମସ୍ତ ଚାଷୀଙ୍କଠାରୁ ବୀମା ପ୍ରିମିୟମ ଅସୁଲି କରିଥିବାରୁ ସେଭଳି ଯୁକ୍ତିରେ କୌଣସି ଯଥାର୍ଥତା ନ ଥିବା ମତପ୍ରକାଶ ପାଇଥିଲା । ଅନ୍ୟପଟେ ଅବଧିର ୫ମାସ ବିତିଯାଇ ଥିବା ସତ୍ତ୍ୱେ ନିର୍ଦ୍ଧାରିତ ସମୟ ସୁଦ୍ଧା ଚାଷୀଙ୍କୁ ବୀମା କ୍ଷତିପୂରଣ ପ୍ରଦାନ କରିବାରେ ବୀମା କମ୍ପାନୀର ଅପାରଗତା ପଦାରେ ପଡ଼ିଯାଇଥିଲା । ଏହିସବୁ ଦୃଷ୍ଟିରୁ ବୀମା କମ୍ପାନୀର ସେଭଳି ଆଳ, ଅଭିଯୋଗକୁ ବୈଠକରେ ଖାରଜ କରାଯାଇଥିଲା। ଏହାସହିତ କ୍ଷତିଗ୍ରସ୍ତ ଚାଷୀମାନେ ଯେଭଳି ସମ୍ପୂର୍ଣ୍ଣ ଭାବେ ସେମାନଙ୍କ ବୀମା କ୍ଷତିପୂରଣ ପାଇପାରିବେ, ସେ ନେଇ ତ୍ୱରିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା ।







# କେନ୍ଦୁଝରରେ ବର୍ଷା ବିତ୍ପାତ

ଝୁମ୍ପୁରା, ୮।୯(ଡି.ଏନ.ଏ.)

ଲଘୁଚାପ ଜନିତ ଲଗାଣ ବର୍ଷାରେ ଝୁମ୍ପୁରା ବ୍ଲକ ଅଞ୍ଚଳ ବେହାଲ ହୋଇଯାଇଛି। ଅରଡେଇ ଓ ବୈତରଣୀର ପାଣି ପାର୍ଶ୍ୱବର୍ତ୍ତୀ ଚାଷକ୍ଷେତକୁ ମାଡ଼ି ଯାଇଛି। ପଟୁଆ କୁଦର, ସତୀଘାଟ, ପାର୍ବତୀପୁର, ଶିଲିସୁଆଁ ଆଦି ସ୍ଥାନରେ ନିର୍ମିତ ଅସ୍ଥାୟୀ ପୋଲ ଧୋଇ ଯାଇଛି। ଖେଣ୍ଡରା ପଞ୍ଚାୟତର ପାଟବିଲା ଗ୍ରାମରେ ଥିବା ବଡବନ୍ଧର ହୁଡା ଭାଙ୍ଗି ଯିବାରୁ ବହୁ ଏକର ଚାଷ ଜମି ଜଳମଗ୍ନ ହୋଇଯାଇଛି। ଝୁମ୍ପୁରା ବ୍ଲକର ୨୨ଟି ପଞ୍ଚାୟତରେ ୫୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଛି। ଝୁମ୍ପୁରା ତହସିଲର ୬ଟି ରାଜସ୍ୱ ସର୍କଲ କାର୍ଯ୍ୟାଳୟ ଗୁଡିକରେ ସମୁଦାୟ ୩୨ଟି ଦରଖାସ୍ତ ଆସିଥିବା ତହସିଲଦାର ଜନକ ନାୟକ ସୂଚନା ଦେଇଛନ୍ତି। ସ୍ଥାନୀୟ ବସ୍ତୀ ଅଞ୍ଚଳ ବାସିନ୍ଦାଙ୍କ ଘରେ ପାଣି ପଶି ଯାଇଛି। ତହସିଲଦାର ନାୟକଙ୍କୁ ପଚାରିବାରୁ ବିପନ୍ନ ପରିବାରଙ୍କୁ ପଲିଥିନ ଯୋଗାଇ ଦେବା ପାଇଁ ସମସ୍ତ ରାଜସ୍ୱ ସର୍କଲକୁ କୁହାଯାଇଛି। ଘରଭଙ୍ଗା ଜନିତ ରିପୋର୍ଟ ଜିଲାପାଳଙ୍କୁ ଦିଆଯିବା ପରେ ନିୟମ ଅନୁଯାୟୀ କ୍ଷତିଗ୍ରସ୍ତଙ୍କୁ ସାହାଯ୍ୟ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।



ଝୁମ୍ପୁରା ଅଞ୍ଚଳରେ ଘରେ ପାଣିପଶି ଯାଇଛି।





Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ସୁନାରେ ସୁଗନ୍ଧ, ଆଖୁରେ ଫଳ, ଚନ୍ଦନରେ ଫୁଲ ନ ଥାଏ। ବିଦ୍ୱାନ ଧନୀ ହୋଇ ନ ଥାନ୍ତି କି ରାଜା ଦୀର୍ଘଜୀବୀ ହୋଇ ନ ଥାନ୍ତି।

- ଚାଣକ୍ୟ



## ସଂକ୍ଷେପରେ

### ଚାଷୀଙ୍କ ଅସ୍ୱାଭାବିକ ମୃତ୍ୟୁ

**ପାଇକମାଲ,୮।୯(ଡି.ଏନ.ଏ.):** ପାଇକମାଲ ବ୍ଲକ ମାଣ୍ଡିଆଡ଼ିପା ପଞ୍ଚାୟତ ମୁଣ୍ଡେଲା ଗ୍ରାମର ଜଣେ ଚାଷୀଙ୍କ ଶନିବାର ବୁର୍ଲା ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ମୃତକ ହେଲେ ଉପେନ୍ଦ୍ର ବାଗ (୫୦)। ସେ ଶୁକ୍ରବାର ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ସକାଳ ୭ଟାରେ ତାଙ୍କର ମୃତ୍ୟୁ ହୋଇଥିଲା। ଉପେନ୍ଦ୍ର ତିନି ଏକର ଜମି କରିବା ଚାଷ ପାଇଁ ପାଇକମାଲ ସମବାୟ ସମିତିରୁ ୩୮ ହଜାର ୫୮୫ଟଙ୍କା, ମହାଜନଙ୍କଠାରୁ ୩୦ହଜାର ଟଙ୍କା ଋଣ କରିଥିଲେ। ପାଇକମାଲ ସେବା ସମିତିକୁ ୧୬୩୬ଜଣ ଚାଷୀଙ୍କ ଶସ୍ୟବୀମା ଟଙ୍କା ଆସିଥିବା ବେଳେ ୬୯ଜଣଙ୍କର ଆସି ନ ଥିଲା। ଶୁକ୍ରବାର ୬୯ରୁ ୨୦ଜଣ ଚାଷୀଙ୍କ ବୀମା ଟଙ୍କା ଆସିଥିଲା। କିନ୍ତୁ ଉପେନ୍ଦ୍ର ବାଗଙ୍କ ବୀମା ଟଙ୍କା ନ ଆସିବାରୁ ସେ ଚିନ୍ତାରେ ଥିଲେ। ତାଙ୍କ ପୁଅ ମନୋଜ ବାଗଙ୍କ କହିବା ଅନୁସାରେ ବୀମାଟଙ୍କା ନ ପାଇବାରୁ ହତାଶ ହୋଇ ହଠାତ୍ ତାଙ୍କ ବାପା ଉପେନ୍ଦ୍ରଙ୍କ ଦେହ ଅସୁସ୍ଥ ହୋଇପଡିଥିଲା ଏବଂ ବୁର୍ଲାରେ ତାଙ୍କର ମୃତ୍ୟୁ ଘଟିଛି ବୋଲି କହିଥିଲେ। ମୃତ ଚାଷୀ ପରିବାରକୁ ଖୁବ ଶୀଘ୍ର ଶସ୍ୟବୀମା ଟଙ୍କା ଦେବା ସହ ରେଡକ୍ରସରୁ ୧୦ହଜାର ଟଙ୍କା ଦେବା ପାଇଁ ଦାବି କରିଛନ୍ତି।

# ନାଟକରେ ସାକ୍ଷରତା ବାର୍ତ୍ତା

**ବରଗଡ଼ ଅଫିସ୍,୮।୯**

ବରଗଡ଼ ସହର ଉପକଣ୍ଠ ସିମେଣ୍ଟନଗର ବିକାଶ ସ୍କୁଲରେ ଶନିବାର ବିଶ୍ୱ ସାକ୍ଷରତା ଦିବସ ପାଳିତ ହୋଇଛି। ଏହି ଅବସରରେ ସ୍କୁଲର ଅଧ୍ୟକ୍ଷ ସନାତନ ମହାପାତ୍ର ସମସ୍ତ ଛାତ୍ରୀଛାତ୍ରଙ୍କୁ ଉକ୍ତ ଦିବସ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏକ ବିକଶିତ ରାଷ୍ଟ୍ରରେ ଶିକ୍ଷାର ଯଥେଷ୍ଟ ଭୂମିକା ରହିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ସେହିପରି ସାମାଜିକ ଓ ନୈତିକ ଗୁଣାବଳୀର ବିକାଶରେ ଶିକ୍ଷା ଯଥେଷ୍ଟ ସହାୟକ ହୋଇଥାଏ ବୋଲି ଛାତ୍ର ଚିରଞ୍ଜିବୀ ମୁଦୁଲି ନିଜ ବକ୍ତବ୍ୟରେ କହିଥିଲେ। ଏହି ଦିବସ ପାଳନ ଅବସରରେ ଛାତ୍ରୀଛାତ୍ରମାନେ ନାଟ୍ୟକାର ଦିଲୀପ ବେହେରାଙ୍କ ରଚିତ ଓ ଧୀରେନ ଭୋଇଙ୍କ ନିର୍ଦ୍ଦେଶିତ ନାଟକ ଆସ ଆମେ ସଭେ ପାଠ୍ ପଢ଼ମା ପରିବେଷଣ କରିଥିଲେ। ଉକ୍ତ ନାଟକରେ ଛାତ୍ରୀ ରଶ୍ମିତା, ଅକ୍ଷିତା, ଛାତ୍ର ମୋହିତ, ସମୀର, ନିଲେଶ, ଇଶାନ ପ୍ରମୁଖ ବିଭିନ୍ନ ଚରିତ୍ରରେ ଅଭିନୟ କରିଥିଲେ। ଶିକ୍ଷକ ମଣ୍ଟୁ ଦେବତା ନାଟକ ପରିଚାଳନା କରିଥିଲେ।

ସେହିପରି ଜିଲା ସାକ୍ଷରତ କର୍ମଚାରୀ ସଂଘ ପକ୍ଷରୁ ସ୍ଥାନୀୟ ସୌଖୀନ କଳାକାର ରଙ୍ଗମଞ୍ଚରେ ବିଶ୍ୱ ସାକ୍ଷରତା ଦିବସ ପାଳନ କରାଯାଇଥିଲା। ରୁଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବରଗଡ଼ ଏମ୍‌ପି ଡଃ ପ୍ରଭାସ ସିଂ ମୁଖ୍ୟଅତିଥି, ବିଧାୟକ ଦେବେଶ ଆଚାର୍ଯ୍ୟ ଏବଂ ବିଧାୟିକା ରୀତା ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଭାରେ ଜିଲା ସାକ୍ଷରତା ସଂଘ ସଭାପତି ସୁରେନ୍ଦ୍ର ସୁନାଙ୍କ ସମେତ ଜିଲା ଓ ବ୍ଲକ ସଂଯୋଜକ ଏବଂ ପଞ୍ଚାୟତ ଗୁଡ଼ିକରୁ ପ୍ରେରକମାନେ ଯୋଗଦାନ କରିଥିଲେ। ସଭାରେ ସାକ୍ଷରତା କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଏମପି ଓ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସଂଘର ଜିଲା ସଂଯୋଜକ ରସିକ ଛୁରିଆ ବିବରଣୀ ପାଠ କରିଥିବାବେଳେ କୋଷାଧ୍ୟକ୍ଷ ବେଳାର ମୁଗ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

**ବିକାଶ ସ୍କୁଲରେ ବିଶ୍ୱ ସାକ୍ଷରତା ଦିବସ**




ବରଗଡ଼ ସିମେଣ୍ଟ ନଗର ବିକାଶ ସ୍କୁଲର ଛାତ୍ରୀଛାତ୍ର ବିଶ୍ୱ ସାକ୍ଷରତା ଦିବସରେ ନାଟକ ପରିବେଷଣ କରୁଛନ୍ତି।

■ ଦେହରେ ନିଆଁ ଲାଗି ମହିଳାଙ୍କ ମୃତ୍ୟୁ

# ହତ୍ୟା ଅଭିଯୋଗରେ ସ୍ୱାମୀ ଅଟକ

**ସୋହେଲା,୮।୯(ଡି.ଏନ.ଏ.)**

ବରଗଡ ଜିଲା ସୋହେଲା ଥାନା ଅନ୍ତର୍ଗତ ଝର ଗ୍ରାମର ଜଣେ ମହିଳାଙ୍କ ଦେହରେ ନିଆଁ ଲାଗି ବୁର୍ଲା ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ମୃତ୍ୟୁ ଘଟିଛି। ଏହି ଘଟଣାରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ମୃତ ମହିଳାଙ୍କ ସ୍ୱାମୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

ପୋଲିସ ସୂତ୍ରରୁ ପ୍ରକାଶ ଯେ, ଗତ ୨୦୦୭ରେ ସୋହେଲା ଥାନା ଅନ୍ତର୍ଗତ ଡାଣ୍ଡୋଲ ଗ୍ରାମର ପ୍ରେମାନନ୍ଦ ରଣାଙ୍କ ଝିଅ ମମ ରଣାଙ୍କୁ ଝର ଗ୍ରାମର ବାଦଲ ରଣାଙ୍କ ପୁଅ ସଞ୍ଜୀବ ରଣା(୩୫) ସାମାଜିକ ରୀତିରେ ବିବାହ କରିଥିଲେ। ସେମାନଙ୍କ ତିନୋଟି ସନ୍ତାନ ଅଛନ୍ତି। କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ଶୁକ୍ରବାର ରାତିରେ ଝଗଡା ହୋଇଥିଲା। ଝର ଗ୍ରାମର ଜଣେ ଭଦ୍ରବ୍ୟକ୍ତି ରାତି ୮ଟାରେ ମମଙ୍କ ବାପା ଡାଣ୍ଡୋଲ ଗ୍ରାମର ପ୍ରେମାନନ୍ଦଙ୍କୁ ଫୋନ କରି ତୁମ ଝିଅ ନିଆଁରେ ପୋଡି ଯାଇଛି ବୋଲି ଖବର ଦେଇଥିଲେ। ପ୍ରେମାନନ୍ଦ ଗ୍ରାମର ଭଦ୍ରବ୍ୟକ୍ତିଙ୍କୁ ଧରି ଝର ଗ୍ରାମକୁ ଆସି ମମ ବାରଣ୍ଡାରେ ମୂର୍ଚ୍ଛିତ ଅବସ୍ଥାରେ ପଡିଥିବା ଦେଖିବାକୁ ପାଇଥିଲେ। ମମଙ୍କୁ ପଚାରିବାରୁ ସଞ୍ଜୀବ ଶାଢ଼ୀରେ ନିଆଁ ଲଗାଇ ଦେଇ ପଳାଇଗଲେ ବୋଲି କହିଥିଲେ। ଗୁରୁତର ଅବସ୍ଥାରେ ମମଙ୍କୁ ବୁର୍ଲା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ମମଙ୍କ ମୃତ୍ୟୁ ହୋଇଥିଲା। ମୃତା ମହିଳାଙ୍କ ବାପା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୪୩/୧୮) ରୁଜୁ କରି ମହିଳାଙ୍କ ସ୍ୱାମୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ବୁର୍ଲା ଡାକ୍ତରଖାନାରେ ମହିଳାଙ୍କ ଶବ ବ୍ୟବଚ୍ଛେଦ କରାଯାଇଛି।

# ନଦୀରୁ ରିକ୍ସା ଚାଳକଙ୍କ ମୃତଦେହ ଉଦ୍ଧାର



ଜୀରାନଦୀରୁ ରିକ୍ସାଚାଳକଙ୍କ ମୃତଦେହ ଉଦ୍ଧାର କରାଯାଉଛି।

**ବରଗଡ଼ ଅଫିସ୍,୮।୯**

ବରଗଡ଼ ସହର ଉପକଣ୍ଠ ଜୀରାନଦୀକୁ ଗାଧୋଇ ଯାଇଥିବାବେଳେ ଶୁକ୍ରବାର ଅପରାହ୍ନ ପ୍ରାୟ ଦେଢ଼ଟାରେ ଜଳସ୍ରୋତରେ ଭାସି ଯାଇଥିବା ରିକ୍ସା ଚାଳକ ବୈଷ୍ଣବ ତେଜି(୪୦)ଙ୍କ ମୃତଦେହକୁ ଶନିବାର ସକାଳେ ଉଦ୍ଧାର କରାଯାଇଛି। ପୁରୁଣା ଜୀରା ବ୍ରିଜ୍‌ର ଅନତିଦୂର ପିଏଚଡ଼ି ପଡ଼ା ନଦୀକୂଳରୁ ତାଙ୍କ ମୃତଦେହ ମିଳିଛି। ସ୍ଥାନୀୟ ଯୁବକମାନେ ଖୋଜାଖୋଜି କରୁଥିବାବେଳେ ସେଠାରେ ମୃତଦେହଟି ଲାଖି ରହିଥିବା ଦେଖିବାକୁ ମିଳିଥିଲା। ଯୁବକମାନେ ମୃତଦେହ ଉଦ୍ଧାର କରିବା ପରେ ପୋଲିସ ଶବ ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି। ଶୁକ୍ରବାର ୩/୪ଜଣ ଯୁବକଙ୍କ ସହିତ ଗାଧୋଇବାକୁ ଯାଇଥିବାବେଳେ ଜୀରାନଦୀର ଜଳସ୍ରୋତରେ ବୈଷ୍ଣବ ଭାସି ଯାଇଥିଲେ। ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ଲୋକେ ଖୋଜାଖୋଜି କରିବା ସତ୍ତ୍ୱେ ଶୁକ୍ରବାର ତାଙ୍କ ପତ୍ତା ମିଳି ନ ଥିଲା।

# ଗଣେଶ ପୂଜାରେ ବାଜିବନି ଡିଜେ ସାଉଣ୍ଡ

**ବରଗଡ଼ ଅଫିସ୍,୮।୯**

ଗଣେଶ ପୂଜାକୁ ଆଉ ମାତ୍ର ୫ଦିନ ରହିଲା। ଆସନ୍ତା ୧୩ତାରିଖରେ ଏହା ଅନୁଷ୍ଠିତ ହେବ। ଏହି ପୂଜନୋତ୍ସବକୁ ଶୃଙ୍ଖଳିତ ଭାବେ ସମାପନ କରିବା ପାଇଁ ଶନିବାର ବରଗଡ଼ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ପୋଲିସ ଓ ପ୍ରଶାସନ ପକ୍ଷରୁ ଏକ ବୈଠକ ହୋଇଥିଲା। ବୈଠକରେ ବରଗଡ଼ ଉପଜିଲାପାଳ ଦେବେନ୍ଦ୍ର ନନ୍ଦ, ତହସିଲଦାର ସବ୍ୟସାଚୀ ପଣ୍ଡା, ଏସ୍‌ଡ଼ିପିଓ ସୁରେଶ କୁମାର ନାଏକ, ଟାଉନ ଥାନା ଆଇଆଇସି ବିଭୂତି ଭୂଷଣ ଭୋଇ ଏବଂ ଗଣେଶ ପୂଜା କମିଟି କର୍ମକର୍ତ୍ତା, ସଭ୍ୟବୃନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟବର୍ଷ ଭଳି ଏଥର ମଧ୍ୟ ଗଣେଶପୂଜାକୁ ଶୃଙ୍ଖଳିତ, ନିରାପଦ ଓ ସୁରକ୍ଷିତ ଭାବେ ପାଳନ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ପୂଜା କିମ୍ବା ବିସର୍ଜନ ସମୟରେ ଡିଜେ ବ୍ୟବହାରକୁ ସମ୍ପୂର୍ଣ୍ଣ ଭାବେ ନିଷିଦ୍ଧ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ଆସନ୍ତା ୧୮, ୧୯ ଏବଂ ୨୩ ତାରିଖ ଏଭଳି ୩ଟି ପର୍ଯ୍ୟାୟରେ ମୂର୍ତ୍ତି ବିସର୍ଜନ ଶୋଭାଯାତ୍ରା କରିବା ପାଇଁ ନିଷ୍ପତ୍ତି ହେବା ସହିତ ସେଥିପାଇଁ ରୁଟ୍ ଚାର୍ଟ ଚୂଡ଼ାନ୍ତ ହୋଇଥିଲା। ଏହାସହିତ ଅଶ୍ଳୀଳ ସଙ୍ଗୀତ ବଜାଇବାକୁ ନିଷିଦ୍ଧ କରାଯାଇ ଥିବାବେଳେ ରାତ୍ରି ୧୦ଟା ପରେ ମ୍ୟୁଜିକ ସିଷ୍ଟମକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ତୋରଣ, ବିଦ୍ୟୁତ ସାଜସଜ୍ଜା ଆଦି ପାଇଁ ଅଗ୍ନିଶମ ବିଭାଗ, ବିଦ୍ୟୁତ, ପିଡବ୍ଲୁଡ଼ି ଆଦି କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ଆଣିବାକୁ ବାଧ୍ୟତାମୂଳକ କରାଯାଇଛି। ବୈଠକରେ ନିଆଯାଇଥିବା ଏହି ନିଷ୍ପତ୍ତି କେତେଦୂର କାର୍ଯ୍ୟକାରୀ ହେଉଛି, ତାହା ଦେଖିବାକୁ ବାକି ରହିଲା।



ଗଣେଶ ପୂଜା ପାଇଁ ବରଗଡ଼ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ବୈଠକ ଚାଲିଛି।

## ସ୍କୁଲରେ ବୃକ୍ଷରୋପଣ

**ଝାରବନ୍ଧ, ୮।୯ (ଡି.ଏନ.ଏ)**

ଝାରବନ୍ଧ ବ୍ଲକ ଅନ୍ତର୍ଗତ କାଶିପାଣି ଗ୍ରାମରେ ଶନିବାର ବିଜୁ ଯୁବ ବାହିନୀ ଓ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରଧାନଶିକ୍ଷକ ପ୍ରଭୁଦାସ ମହାନନ୍ଦଙ୍କ ନେତୃତ୍ୱରେ ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ, ବିଜୁ ଯୁବ ବାହିନୀ ସଭାପତି ସୁନ୍ଦରମଣି ଷାଣ୍ଢ, ରାଜେନ୍ଦ୍ର ମହାକୁଡ ଓ ସମସ୍ତ ସଦସ୍ୟ ଗାଁଠାରୁ ସ୍କୁଲ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ବୃକ୍ଷରୋପଣ କରିଥିଲେ। ଏହାସହିତ ଗାଁର ସମସ୍ତ ନଳକୂପରେ ଥିବା ଡ୍ରେନ ସଫା କରିବା ସହିତ ଗାଁ ପରିମଳ ଉପରେ ଲୋକମାନଙ୍କୁ ସଚେତନ କରାଇଥିଲେ।

# ବିଜୁ ସେନାକୁ ବ୍ରେକ୍ ଦେବ ମୋଦି ସେନା: ସୁବାସ ଚୌହାନ




ଭାଜପା ନେତା ସୁବାସ ଚୌହାନ ବକ୍ତବ୍ୟ ଦେଉଛନ୍ତି।

**ସରଣ୍ଡା, ୮।୯ (ଡି.ଏନ.ଏ)**

ବିଜେଡି ବିଜୁ ସେନା କରିଛି, ଆମେ ମୋଦି ସେନା କରିଛୁ। ବିଜୁ ସେନାକୁ ମୋଦି ସେନା ଶତ ପ୍ରତିଶତ ବ୍ରେକ୍ ଦେଇପାରିବ। ଅତାବିରା ଏନଏସି ଅନ୍ତର୍ଗତ ଲାତରପାଲି ମାଁ ରାମଚଣ୍ଡୀ କଲ୍ୟାଣ ମଣ୍ଡପରେ ମୋଦୀ ସେନାର କର୍ମଶାଳାକୁ ଉଦ୍‌ଘାଟନ କରି ଭାଜପା ନେତା ସୁବାଷ ଚୌହାନ ଏହା କହିଛନ୍ତି। ଇଂ. ଭରତ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଚୌହାନ ଆହୁରି କହିଥିଲେ ଯେ, ମୋଦି ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ଲାଭ ଲୋକଙ୍କ ପାଖକୁ ପହଞ୍ଚାଇବାର କାମ ମୋଦି ସେନା କରିବ। ଓଡିଶାରେ ବିଜେଡି ସରକାର ଥିବାରୁ କେନ୍ଦ୍ର ଯୋଜନା ଲୋକଙ୍କ ପାଖକୁ ପହଞ୍ଚ ପାରୁନାହିଁ। ଏଣୁ ଆଗାମୀ ନିର୍ବାଚନରେ ଓଡିଶାରେ ଭାଜପା ସରକାର ଯେମିତି କରିବ ସେଥିପାଇଁ ଆପଣମାନେ ପ୍ରାଣପଣେ ଚେଷ୍ଟା କରନ୍ତୁ ବୋଲି ଚୌହାନ କର୍ମୀମାନଙ୍କୁ କହିଥିଲେ। ଚୌହାନ ପରେ ଖବରଦାତାମାନଙ୍କୁ ସାକ୍ଷାତକାର ଦେଇ କହିଥିଲେ, ଏମିତି ସେନା ଗଢ଼ିବା ପାଇଁ ଦଳ ପକ୍ଷରୁ ନିର୍ଦ୍ଦେଶ ଆସିନାହିଁ। ତଥାପି ଦଳୀୟ ଚିହ୍ନ ଥିବାରୁ ସେ ଏଠାକୁ ଆସିଛନ୍ତି। କର୍ମଶାଳାରେ ମୋଦି ସେନାର ଅଧ୍ୟକ୍ଷ ମହେନ୍ଦ୍ର ପୁରୋହିତ, କେଦାର ମିଶ୍ର, ମୁକୁନ୍ଦ ଦାସ, ସୁଦାମ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ଆଶୁତୋଷ ରଥ ମଞ୍ଚ ପରିଚାଳନା କରିଥିବା ବେଳେ ବିକ୍ରମ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୭ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ

**ଜାମଟିକ୍ରା, ୮।୯(ଡି.ଏନ.ଏ.)**

ଅତାବିରା ବ୍ଲକ କାଦୋବାହାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଶନିବାର ସ୍କୁଲସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୭ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବରିଷ୍ଠ ବିଭାଗରେ ସଲୋଡି ମେହେର, ଶୀତଲ ମହାନନ୍ଦ ଓ ମହେଶ କୁମାର ଗୁରାଣ୍ଡି ଓ କନିଷ୍ଠ ବିଭାଗରେ ନିକିତା ମେହେର, ସବ୍ୟସାଚୀ ମେହେରଓ ପଲ୍ଲବୀ ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଜ୍ଞାନ ଆଲୋଚନାଚକ୍ରରେ ୯ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରଧାନଶିକ୍ଷକ ଭରତ କିଶୋର ପତି ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଝିଲିମିଣ୍ଡା ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଧର୍ମରାଜ ପ୍ରଧାନ, ଶଶାଙ୍କ ଶେଖର ପୁରୋହିତ ଓ ମନ୍ଦାକିନୀ ପଣ୍ଡା ବିଚାରକ ଭାବେ ଯୋଗ ଦେଇଥିଲେ।

## ଗୋରୁଙ୍କୁ ଫାଟୁଆ ରୋଗ

**ପଦ୍ମପୁର, ୮।୯ (ଡି.ଏନ.ଏ)**

ପଦ୍ମପୁର ଅଞ୍ଚଳରେ ବର୍ତ୍ତମାନ ଗାଈ ଗୋରୁଙ୍କ ଫାଟୁଆରୋଗ ଦେଖାଦେଇଛି। ଫାଟୁଆ ଯୋଗୁ ଗାଈ ଗୋରୁ ଚରିବାକୁ ଯିବା କଷ୍ଟକର ହୋଇ ପଡୁଛି। ଫାଟୁଆ ହୋଇଥିବା ଗାଈ ଗୋରୁଙ୍କୁ ପ୍ରାଣୀ ଚିକିତ୍ସା ବିଭାଗ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବାକୁ ଜନସାଧାରଣ ଦାବି କରିଛନ୍ତି।

# ପେଟ୍ରୋଲ ପମ୍ପ ସମ୍ମୁଖରେ ବିକ୍ଷୋଭ




ଭେଡ଼େନ ବ୍ଲକ ଜାଣ୍ଡୋଲ ପେଟ୍ରୋଲ ପମ୍ପରେ ବିଜେଡ଼ିର କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ପଦ୍ମପୁର/ଭେଡେନ, ୮।୯ (ଡି.ଏନ.ଏ)**

କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଦର ବାରମ୍ବାର ବୃଦ୍ଧି କରୁଥିବାରୁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରତିବାଦରେ ପଦ୍ମପୁର ବିଜେଡି ତରଫରୁ ଟାଉନ ସଭାପତି ନବକିଶୋର ସାହୁଙ୍କ ନେତୃତ୍ୱରେ ପଦ୍ମପୁରର ସମସ୍ତ ପେଟ୍ରୋଲ ପମ୍ପ ସାମ୍‌ନାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଏନଏସି ଅଧ୍ୟକ୍ଷ ସିଦ୍ଧାର୍ଥ ସିଂ ବରିହା, କାଉନସିଲର ନବ ବରିହା, ଗାଦିନାରାୟଣ ପଟ୍ଟନାୟକ, ଜୟରାମ ମହାପାତ୍ର, ନୀଳ ସିନ୍ଧିରିଆ, ପ୍ରୀତମ ମେହେର, ବିଷ୍ଣୁ ପ୍ରସାଦ ବାଜପେୟୀଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ।

**ଭେଡ଼େନ,(ଡ଼ି.ଏନ.ଏ):** ଡ଼ିଜେଲ ଏବଂ ପେଟ୍ରୋଲର ଆକାଶଛୁଆଁ ଦରବୃଦ୍ଧି ପ୍ରତିବାଦରେ ଭେଡ଼େନ ବ୍ଲକ ଅନ୍ତର୍ଗତ ଜାଣ୍ଡୋଲ, ଥୁଆପାଲି, ଗର୍ଭଣା ଆଦି ସ୍ଥାନରେ ଥିବା ପେଟ୍ରୋଲ ପମ୍ପଗୁଡ଼ିକରେ ବ୍ଲକ ବିଜେଡ଼ି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ପଥପ୍ରାନ୍ତ ସଭା ତଥା ଲିଫଲେଟ ବଣ୍ଟନ କରାଯାଇଥିଲା। ବିଜେଡ଼ି ସଭାପତି ହରିଶଙ୍କର ବେହେରାଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜାଣ୍ଡୋଲରେ ଜିଲା ପରିଷଦ ସଭ୍ୟ ସୁବାସ ହୋତା, ସାଗର ମହାକୁର, ବିଜୟ ସାହୁ, ଅରବିନ୍ଦ ହୋତା, ଶଙ୍କର ଦାଶ, ରାଜ ବେହେରା, କରୁଣା ମେହେର, ସମିର ସେଠ, ଗୌରାଙ୍ଗ ପଧାନ, ପ୍ରଦୀପ ସୁନା, ଥୁଆପାଲିରେ ସତ୍ୟ ପୁରୋହିତ, ସୁଶାନ୍ତ ସାହୁ, ରଣଜିତ ଭୋଇ, ପ୍ରମୋଦ ଦନ୍ତା, ପ୍ରତାପ ହୋତାଙ୍କ ସମେତ ବହୁ କର୍ମୀ ସାମିଲ ହୋଇଥିଲେ।

## ନାଏବ ସରପଞ୍ଚଙ୍କ ସଭ୍ୟପଦ ରଦ୍ଦ ପାଇଁ ନିର୍ଦ୍ଦେଶ

**ଭେଡ଼େନ,୮।୯(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଅନ୍ତର୍ଗତ ଲୁହାଖଣ୍ଡି ଗ୍ରାମପଞ୍ଚାୟତର ନାଏବ ସରପଞ୍ଚ ସାନ୍ତ୍ୱନା ବାଗଙ୍କ ଚାରୋଟି ସନ୍ତାନ ଥିବାରୁ ନାଏବ ସରପଞ୍ଚ ପଦ ରଦ୍ଦ କରିବା ପାଇଁ ବରଗଡ଼ ସିଭିଲ ଜଜ୍ ରାୟ ପ୍ରଦାନ କରିଛନ୍ତି। ଏ ନେଇ ହିରୋମୁଣ୍ଡା ଗ୍ରାମର ଆଲାଦିନୀ ବାଗ ଏକ ମାମଲା (ନଂ.୧୦/୨୦୧୭) ରୁଜୁ କରିଥିଲେ। ଗତ ଅଗଷ୍ଟ ୩୧ ତାରିଖରେ ଏହି ରାୟ ପ୍ରକାଶ ପାଇଛି। ରାୟ ପ୍ରକାଶ ପାଇବା ପରେ ଆଲାଦିନୀ ଏହି ରାୟର କପି ନେଇ ଭେଡ଼େନ ବିଡ଼ିଓଙ୍କ ଅନୁପସ୍ଥିତିରେ ଦାୟିତ୍ୱରେ ଥିବା ସହକାରୀ ନିର୍ବାହୀ ଯନ୍ତ୍ରୀ ଶୈଳେଶ ଡ଼େଲକିଙ୍କୁ ଶୁକ୍ରବାର ପ୍ରଦାନ କରିଛନ୍ତି। ନୂତନ ବିଡ଼ିଓଙ୍କ ଯୋଗଦାନ ପରେ ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏଇଇ ଡ଼େଲକି ପ୍ରକାଶ କରିଛନ୍ତି।

## ଲୋକ ଅଦାଲତରେ ୯୬ ମାମଲା ଫଇସଲା

**ବରଗଡ଼ ଅଫିସ୍,୮।୯**

ବରଗଡ଼ ଜିଲା ଆଇନ ସେବା ପ୍ରାଧିକରଣ ପରିଚାଳନାରେ ଶନିବାର ସ୍ଥାନୀୟ ସିଭିଲ କୋର୍ଟ ପରିସରରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଲୋକ ଅଦାଲତରେ ଦେୱାନି ଓ ଫୌଜଦାରୀ ମାମଲା ପୃଥକ୍ କୋର୍ଟରେ ଫଇସଲା ହୋଇଥିଲା। ୯୬ଟି ମାମଲାର ଫଇସଲା କରାଯାଇ ୮୭, ୨୬,୩୧୭ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଉକ୍ତ ଲୋକ ଅଦାଲତରେ ଜିଲା ଦୌରାଜଜ୍ ସୁଦୀପ୍ତ ଆଚାର୍ଯ୍ୟ, ପରିବାର ବିଚାରପତି ଅଶ୍ୱିନୀ କୁମାର ନାୟକ, ଅତିରିକ୍ତ ଜିଲା ଦୌରାଜଜ୍ ଗିରିଜା ପ୍ରସାଦ ମହାପାତ୍ର, ମୁଖ୍ୟ ନ୍ୟାୟିକ ମାଜିଷ୍ଟ୍ରେଟ ସୁବାସ ଚନ୍ଦ୍ର ବିହାରି, ବରିଷ୍ଠ ଦେୱାନୀ ବିଚାରପତି ସୌମ୍ୟକ ପାତ୍ର, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସୁବାସ ଚନ୍ଦ୍ର ଧଳ, ସିଭିଲ କୋର୍ଟ ରେଜିଷ୍ଟ୍ରାର ପ୍ରତିମ ପାତ୍ରୋ, ଉପଖଣ୍ଡୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁବ୍ରତ ଆଚାର୍ଯ୍ୟ, କନିଷ୍ଠ ଦେୱାନୀ ବିଚାରପତି ସସ୍ମିତ ମିଶ୍ର, ଜେଏମଏଫସି ସବ୍ୟସାଚୀ ପ୍ରଧାନ ଯୋଗ ଦେଇଥିଲେ।



ଭେଡେନ ବ୍ଲକ ଚିଚିଣ୍ଡାରେ ଆୟୋଜିତ ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥି ଓ ଖେଳାଳି।

# ଫୁଟବଲ: ଡୁଙ୍ଗୁରିପାଲି ଚାମ୍ପିୟନ

**ଭେଡ଼େନ,୮।୯(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଅନ୍ତର୍ଗତ ଚିଚିଣ୍ଡା ଖେଳ ପଡ଼ିଆରେ ଶନିବାର ଅନୁଷ୍ଠିତ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟରେ ଡୁଙ୍ଗୁରିପାଲି ଦଳ ଚାମ୍ପିୟନ ହୋଇଛି। ସୁପ୍ରିମ ଆଥଲେଟିକ୍ସ ଆସୋସିଏଶନ ଆନୁକୂଲ୍ୟରେ ହୋଇଥିବା ଏହି ୯୪ ତମ ଫୁଟବଲ ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ବିଜୟୀ ଦଳ ଥୁଆପାଲି ଦଳକୁ ୧-୦ ଗୋଲ ବ୍ୟବଧାନରେ ପରାସ୍ତ କରିଛି। ପୂର୍ବରୁ ହୋଇଥିବା ସେମି ଫାଇନାଲରେ ଡୁଙ୍ଗୁରିପାଲି ଦଳ ବାଞ୍ଜିପାଲି ଏକାଦଶକୁ ଏବଂ ଥୁଆପାଲି ଦଳ ଘିଚାପାଲିକୁ ପରାସ୍ତ କରି ଫାଇନାଲ ଖେଳିବାକୁ ଯୋଗ୍ୟତା ହାସଲ କରିଥିଲେ। ଉଦଯାପନୀ ଉତ୍ସବରେ ଚିଚିଣ୍ଡା ସମିତି ସଭ୍ୟ ମୁକେଶ ସାହୁ ମୁଖ୍ୟଅତିଥି ଏବଂ ମନବୋଧ ମେହେର ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ରେଫରୀ ଛାୟାକାନ୍ତ ତରିଆ, ଜୟନ୍ତ ମେଣ୍ଡଲୀ, ସରୋଜ ପାଣ୍ଡେ ଏବଂ ସୂର୍ଯ୍ୟ ମାଝୀ ଖେଳଗୁଡ଼ିକୁ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ଲୁପୁରସିଂହା, ବାଞ୍ଜିପାଲି, ଭେଜିପାଲି, ପପଙ୍ଗା, ଡୁଙ୍ଗୁରିପାଲି, ଜାମଟିକ୍ରା, ଘିଚାପାଲି ଏବଂ ଥୁଆପାଲି ଦଳ ଅଂଶଗ୍ରହଣ କରିଥିଲେ।



ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।

- କାର୍ଲାଇଲ



## ସଂକ୍ଷେପରେ

### ସାମାଜିକର୍ମୀଙ୍କ ସହାୟତାରେ ପ୍ରେମୀଯୁଗଳଙ୍କ ବିବାହ ହେଲା

**ସୋନପୁର,୮।୯(ନି.ପ୍ର.):** ସାମାଜିକକର୍ମୀଙ୍କ ଉଦ୍ୟମ କ୍ରମେ ସୋନପୁର ପଶ୍ଚିମ ସୋମନାଥ ମନ୍ଦିରରେ ଶନିବାର ପ୍ରେମୀଯୁଗଳଙ୍କ ବିବାହ ସମ୍ପନ୍ନ ହୋଇଛି । ଦଶରଥପୁରର ଆନନ୍ଦ ନାଏକ ଓ ଖମ୍ଭେଶ୍ୱରୀପାଲିର ସୁକାନ୍ତି ବେହେରାଙ୍କ ଏହି ବିବାହ ବୈଦିକ ରୀତି ଅନୁଯାୟୀ ହୋଇଥିଲା। ଦୁହେଁ ପ୍ରାପ୍ତ ବୟସ୍କ ହୋଇଥିଲେ ହେଁ ଭିନ୍ନ ଭିନ୍ନ ଜାତିର ହୋଇଥିବାରୁ ଏକ ପ୍ରକାର ସାମାଜିକ ବାସନ୍ଦ ହୋଇଥିଲେ। ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ର ପକ୍ଷରୁ ଉଭୟ ପରିବାର ମଧ୍ୟରେ ମିଳାମିଶା ପାଇଁ ଉଦ୍ୟମ ହୋଇଥିଲା। ଉଭୟ ପକ୍ଷଙ୍କ ସହମତି ପରେ ଏହି ବିବାହ ସମ୍ପନ୍ନ ହେବା ସହିତ ଭୋଜି ହୋଇଥିଲା। ସୁବର୍ଣ୍ଣାର ଅଧକ୍ଷା ମୀନା ମହାରଣା, ଉପଦେଷ୍ଟା ପ୍ରଫେସର ନାରାୟଣ ପ୍ରସାଦ ରାୟଗୁରୁ, ଅଜିତ କୁମାର ପାଣିଗ୍ରାହୀ, ମିନତି ସାହୁ, ଭଗବତୀ ରାୟଗୁରୁ ଏଥିରେ ସହଯୋଗ କରିଥିଲେ। ଗୋରେଖନାଥ ସାହୁ, ସାମାଜିକକର୍ମୀ ଶ୍ରୀବସ୍ତ ମଲ୍ଲିକ, ଇନ୍ଦୁମତୀ ପୁରୋହିତ, ସମ୍ପିତ ନନ୍ଦ, ବସନ୍ତ ମଞ୍ଜରି ମିଶ୍ର, ମମତା ବିଦ୍ୟାଧର, ଶ୍ରଦ୍ଧାଞ୍ଜଳି ମିଶ୍ର ଓ ଦ୍ୱାରିକା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶନିବାର ନାରୀ ଜାଗରଣ କେନ୍ଦ୍ରରେ ମୋଟ ତିନୋଟି ପାରିବାରିକ ମାମଲାର ଆପୋଷ ସମାଧାନ ହୋଇଥିଲା।



### ପାଣିରେ ବୁଡି ରହିଛି ଚାଷ ଜମି

**ଅମରପାଲି, ୮।୯(ଡି.ଏନ.ଏ.):** ଲଗାଣବର୍ଷାରେ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କୋଟସମଲାଇ ଅଞ୍ଚଳରେ ମାତ୍ରାଧିକ କ୍ଷୟକ୍ଷତି ହୋଇଛି । ଅନେକ ମାଟି ଘର ଭାଙ୍ଗି ଯାଇଥିବା ବେଳେ ଚାଷୀଙ୍କ ଚାଷଜମି ପାଣିରେ ବୁଡ ରହିଛି । ଅନେକ ଚାଷ ଜମି ବାଲିଚର ହୋଇଯାଇଛି । କୋଟସମଲାଇ ଗ୍ରାମର କୃଷ୍ଣଚନ୍ଦ୍ର ସେଠୀ, ଶୁଭାଷିନୀ ମନ୍ତା, ରବି ନାରାୟଣ ସାହୁ, ଚମରା ସେଠୀ, ଭିକାରୀ ସେଠୀ, ନରେନ୍ଦ୍ର ବାଘ, ହୁଁକାର ଗଡୁଆଁ, ଶମ୍ଭୁ କର୍ମୀ, ଗିରିଜା ଶଙ୍କର ମେଣ୍ଡିଲି, ପୂର୍ଣ୍ଣଚନ୍ଦ୍ର ବାଘ, ହରିବାର କୁଟିଆ, ସନ୍ତୋଷ ମେଣ୍ଡିଲି ପ୍ରମୁଖଙ୍କ ଚାଷ ଜମି ପାଣିରେ ବୁଡି ରହିଛି। ତେଣୁ ଉକ୍ତ ଚାଷୀମାନଙ୍କୁ ଯଥାଶୀଘ୍ର କ୍ଷତିପୂରଣ ପ୍ରଦାନ କିବାକୁ ସାଧାରେଣରେ ଦାବି ହେଉଛି ।

■ ଅମରପାଲି ନୋଡାଲ ସ୍କୁଲରେ ଶିକ୍ଷକ ସମସ୍ୟା

# ନିଯୁକ୍ତି ଦାବିରେ ଗ୍ରାମବାସୀ ବିଇଓଙ୍କୁ ଫେରାଦ

**ଅମରପାଲି, ୮।୯ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି ନୋଡାଲ ୟୁପି ସ୍କୁଲରେ ଶିକ୍ଷକ ନିଯୁକ୍ତି ଦେବା ପାଇଁ ଗ୍ରାମବାସୀ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)ଙ୍କୁ ଶୁକ୍ରବାର ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁସାରେ ଉକ୍ତ ସ୍କୁଲଟି ଜିଲାର ଏକ ପ୍ରତିଷ୍ଠିତ ଓ ସର୍ବପୁରାତନ ସ୍କୁଲ ଅଟେ। ୧୯୫୫ ମସିହାରେ ସ୍ଥାପିତ ହୋଇଥିବା ଉକ୍ତ ସ୍କୁଲରେ ଏବେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଅଛି। କ୍ରମାଗତ ଭାବରେ ଉକ୍ତ ସ୍କୁଲ ଜିଲାର ଶ୍ରେଷ୍ଠ ସ୍କୁଲ ଭାବେ ମଧ ପୁରସ୍କୃତ ହୋଇସାରିଛି। ଏବେ ଉକ୍ତ ସ୍କୁଲରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀରେ ୧୩ଜଣ ଲେଖାଏ ଥିବା ବେଳେ ତୃତୀୟ ଓ ଚତୁର୍ଥ ଶ୍ରେଣୀରେ ୧୮ଜଣ ଲେଖାଏ, ପଞ୍ଚମ ଶ୍ରେଣୀରେ ୧୭ ଜଣ, ୬ଷ୍ଠ ଶ୍ରେଣୀରେ ୭୮ ଜଣ, ସପ୍ତମ ଶ୍ରେଣୀରେ ୬୮ ଜଣ ଓ ଅଷ୍ଟମ ଶ୍ରେଣୀରେ ୧୦୨ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି।




ଅମରପାଲି ଗ୍ରାମବାସୀ ଶିକ୍ଷକ ନିଯୁକ୍ତି ପାଇଁ ବିଇଓଙ୍କୁ ଅଭିଯୋଗ କରିବାକୁ ଆସିଛନ୍ତି।

ସ୍କୁଲରେ ଅଧ୍ୟୟନ କରୁଥିବା ସମୁଦାୟ ୩୨୭ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୩୩ ଜଣ ଛାତ୍ରୀ ଓ ୧୯୪ ଜଣ ଛାତ୍ର ଅଟନ୍ତି। ମାତ୍ର ଏବେ ଉକ୍ତ ସ୍କୁଲରେ ଛାତ୍ରୀଛାତ୍ରଙ୍କ ତୁଳନାରେ ଶିକ୍ଷକ ସଂଖ୍ୟା କମ୍ ଅଛନ୍ତି। ସବୁଠାରୁ ବଡକଥା ହେଲା ଶ୍ରେଣୀ ଗୃହଗୁଡିକ ଛୋଟ ଛୋଟ ହୋଇଥିବା ବେଳେ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ରମାନେ ଶ୍ରେଣୀ ଗୃହରେ ବସିପାରୁ ନାହାନ୍ତି। ତେଣୁ ଏହି ତିନି ଶ୍ରେଣୀ ପାଇଁ ସେକସନ୍‌ର ଆବଶ୍ୟକତା ରହିଛି। ଏପରି ସ୍ଥଳେ ସ୍କୁଲରେ ଏବେ ୮ ଜଣ ଶିକ୍ଷକ ଓ ଜଣେ ଶିକ୍ଷୟିତ୍ରୀଙ୍କୁ ପାଠ ପଢ଼ାଇବାରେ ସମସ୍ୟା ହେଉଛି। ସ୍କୁଲରେ ଶିକ୍ଷକ ଥିବା ପ୍ରଦୀପ ଜଗଦଲାଙ୍କୁ ସିଆରସିସିର ଦାୟିତ୍ୱ ଦେବା ସହିତ ଆଉ ଜଣେ ଶିକ୍ଷକଙ୍କୁ କିଛି ଦିନ ପୂର୍ବରୁ ଅନ୍ୟତ୍ର ବଦଳି କରାଯାଇଛି। ତେଣୁ ସ୍କୁଲରେ ଏବେ ପାଠପଢ଼ାରେ ବହୁତ ସମସ୍ୟା ଦେଖାଯାଉଛି। ଏନେଇ ବହଲପଦର ସମିତି ସଭ୍ୟ ପୀତାମ୍ବର ସାହୁଙ୍କ ସମେତ ସ୍କୁଲ ପରିଚାଳନା କମିଟିର ସଭାପତି ନିର୍ମଳ ଚନ୍ଦ୍ର ସାହୁ, ଦୁର୍ଯ୍ୟୋଧନ ପଧାନ, ସନ୍ତୋଷ ସାହୁ, ନାରାୟଣ କମିଲ, ଗଣେଶ ସାହୁ, ବିନୋଦ ସେଠୀ, ବିହାରୀ ଦେହେରୀ, ପୀତାମ୍ବର ପଧାନ ପ୍ରମୁଖ ବିଇଓଙ୍କୁ ଭେଟି ଗ୍ରାମବାସୀଙ୍କ ସ୍ୱାକ୍ଷରିତ ଅଭିଯୋଗପତ୍ର ପ୍ରଦାନ କରି ଯଥାଶୀଘ୍ର ଆଉ ୨ଜଣ ଶିକ୍ଷକଙ୍କୁ ନିଯୁକ୍ତି କରିବାକୁ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଆଗକୁ ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ମଧ ଦେଇଛନ୍ତି। ଏ ନେଇ ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାରଙ୍କୁ ଯୋଗାଯୋଗ କରିବାରୁ ସେ ଉକ୍ତ ସ୍କୁଲରେ ଶିକ୍ଷକ ସମସ୍ୟା କଥାକୁ ସ୍ୱୀକାର କରିଛନ୍ତି। ଉକ୍ତ ସ୍କୁଲରେ ଅଧିକ ଛାତ୍ରୀ ଥିବାରୁ ଜଣେ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ଦିଆଯାଇଛି। ୭ଦିନ ମଧ୍ୟରେ ଆଉ ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ। ତେଣୁ ବିଭାଗ ଉକ୍ତ ସ୍କୁଲର ସମସ୍ୟାକୁ ଦୃଷ୍ଟି ଦେଇ ଯଥାଶୀଘ୍ର ଶିକ୍ଷକ ନିଯୁକ୍ତି ଦେବାକୁ ସାଧାରଣରେ ଦାବି ହେଉଛି।

### ନୂଆଁଖାଇ ଭେଟ୍‌ଘାଟ୍ ପାଇଁ ପ୍ରସ୍ତୁତି

**ସୋନପୁର,୮।୯(ନି.ପ୍ର.)**

ସୁବର୍ଣ୍ଣପୁରରେ ନୂଆଁଖାଇ ଭେଟ୍‌ଘାଟ୍ ଉତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ଆୟୋଜନ କମିଟି ପକ୍ଷରୁ ସେପ୍ଟେମ୍ବର ୧୩ ତାରିଖ ଅପରାହ୍ଣରେ ମା' ସୁରେଶ୍ୱରୀ ମନ୍ଦିର ଠାରୁ ଏକ ବାଇକ୍ ରାଲି ବାହାରିବ। ଏଥିରେ ସହରର ସମସ୍ତ ବସ୍ତି ଅଞ୍ଚଳର ଲୋକଙ୍କୁ ନୂଆଁଖାଇ ଯାତ୍ରାର କାର୍ଯ୍ୟକ୍ରମରେ ସାମିଲ ହେବାକୁ କମିଟି ପକ୍ଷରୁ ନିମନ୍ତ୍ରଣ କରାଯିବ। ୧୪ତାରିଖ ସକାଳେ ମା' ସମଲେଇ ମନ୍ଦିରଠାରୁ ପାହୁର ଯାତ୍ରା ଆରମ୍ଭ ହୋଇ ସହର ପରିକ୍ରମା କରିବା ପରେ ଇଷ୍ଟଦେବୀ ସୁରେଶ୍ୱରୀଙ୍କ ପୀଠରେ ପହଞ୍ଚିବାର କାର୍ଯ୍ୟକ୍ରମ ଚୂଡାନ୍ତ ହୋଇଛି। ସନ୍ଧ୍ୟାରେ ସଂସ୍କୃତି ବିଭାଗ ସହାୟତାରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ସ୍ଥାନୀୟ ଭୀମଭୋଇ କଳା ମଣ୍ଡପଠାରେ ସାଂସ୍କୃତିକ କାଯର୍‌ୟକ୍ରମ ପରିବେଷଣ କରାଯିବ ବୋଲି କମିଟିର ସଭାପତି ଅଭିମନ୍ୟୁ କୁଶଳ, ଉପଦେଷ୍ଟା ଶ୍ରୀବସ୍ତ ମଲ୍ଲିକ ଓ ଉପଦେଷ୍ଟା ଶ୍ୟାମା ଓମ୍ ପ୍ରସାଦ ମିଶ୍ର ଜଣାଇଛନ୍ତି।

## ଜାତୀୟ ପୁଷ୍ଟି ସପ୍ତାହ ପାଳିତ

**ସୋନପୁର, ୮।୯(ନି.ପ୍ର.)**

ଜିଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଜାତୀୟ ପୁଷ୍ଟି ସପ୍ତାହ ଜିଲାପାଳଙ୍କ ସଭାଗୃହରେ ପାଳିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଓ ଡିଆରଡିଏ ପିଡି ସୂର୍ଯ୍ୟନାରାୟଣ ଦାଶ ଯୋଗ ଦେଇଥିଲେ। ଜିଲାରେ କୌଣସି ଶିଶୁ ଯେମିତି ଅପପୁଷ୍ଟିର ଶିକାର ନ ହେବେ ସେଥିପ୍ରତି ଦୃଷ୍ଟି ଦେବା ସହିତ ଏଥିପାଇଁ ଥିବା ବିଭିନ୍ନ ଯୋଜନାର ସଫଳ ରୂପାୟନ ଉପରେ ଧ୍ୟାନ ଦେବାକୁ ବିଭାଗୀୟ ଅଧିକାରୀ, ସିଡିପିଓ ଓ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନଙ୍କୁ ଜିଲାପାଳ ମିଶ୍ର ପରାମର୍ଶ ଦେଇଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ମହାପାତ୍ର ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଡିପିଏଚଓ ପରିବାର କଲ୍ୟାଣ ଡାକ୍ତର ଦୈତ୍ୟନାରାୟଣ ପାଢୀ, ଡିପିସି ବେଣୁଧର ବେହେରା, ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ, ଜିଲା ସମାଜ ମଙ୍ଗଳ ବିଭାଗ କାର୍ଯ୍ୟକ୍ରମ ଅଧିକାରୀ ଅନୀତା ଗୁରୁ ଓ ଜ୍ୟୋତିରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏହିଅବସରରେ ପ୍ରବନ୍ଧ ପ୍ରତିଯୋଗିତାର କୃତି ପ୍ରତିଯୋଗିମାନଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ପୁଷ୍ଟିକର ଖାଦ୍ୟ ପ୍ରତିଯୋଗିତା ଓ ପ୍ରଦର୍ଶନ ତଥା କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।



ସପ୍ତାହ ପାଳନ ଅବସରରେ ମଞ୍ଚାସୀନ ଅତିଥି ବୃନ୍ଦ।

## ୨ ବୃହତ ଉଠା ଜଳସେଚନ ପ୍ରକଳ୍ପ ଉଦ୍‌ଘାଟିତ

**ସୋନପୁର,୮।୯(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକର ଅଇଁଲାପାଲି ଓ ଗୁଞ୍ଜିମୁଣ୍ଡା ପାର୍ବତୀ ଗିରି ବୃହତ ଉଠା ଜଳସେଚନ ପ୍ରକଳ୍ପ ଶନିବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫେରିନ୍ସି ଜରିଆରେ ଏହି ପ୍ରକଳ୍ପଦ୍ୱୟର ଉଦ୍‌ଘାଟନ କରିଥିଲେ। ତେଲନଦୀ ବେସିନରେ ଏହି ପ୍ରକଳ୍ପ ନିର୍ମାଣ ହୋଇଛି। ଖରିଫ ଋତୁରେ ୨୩୦୦ ହେକ୍ଟର ଜମିରେ ଜଳସେଚିତ ହେବା ନେଇ ଲକ୍ଷ୍ୟ ରହିଛି। ଅଇଁଲାପାଲି ପ୍ରକଳ୍ପର ମୂଲ୍ୟ ୨୬.୫୨କୋଟି ଓ ଗୁଞ୍ଜିମୁଣ୍ଡା ପ୍ରକଳ୍ପର ମୂଲ୍ୟ ୧୪.୧୪ କୋଟି। ପ୍ରକଳ୍ପ ଦ୍ୱାରା ୪ଟି ପଞ୍ଚାୟତର ୨୫ଟି ଗ୍ରାମର ଚାଷୀ ଉପକୃତ ହେବେ। ରାଜ୍ୟ ସରକାର ତେଲନଦୀରେ ବ୍ୟାରେଜ୍ ନିର୍ମାଣ କଲେ ରବିଋତୁରେ ମଧ ଜମି ଜଳସେଚିତ ହୋଇପାରିବ ବୋଲି ସୂଚନା ମିଳିଛି। ଠିକା ପାଇଥିବା ସଂସ୍ଥା ୫ବର୍ଷ ପାଇଁ ବିଦ୍ୟୁତ୍ ଦେୟ ପ୍ରଦାନ ସହିତ ପ୍ରକଳ୍ପର ମରାମତି ଓ ପରିଚାଳନା କରିବ। ଶୁକ୍ରବାର ପୂର୍ବାହ୍ଣରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଥିବା ଓସୱାନ(ଓଡିଶା ଷ୍ଟେଟ୍ ୱାଇଡ୍ ଏରିଆ ନେଟ୍‌ୱାର୍କ) ଭିଡିଓ କନ୍‌ଫେରେନ୍ସ କକ୍ଷରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମର ସିଧା ପ୍ରସାରଣ ପାଇଁ ବିଶେଷ ବ୍ୟବସ୍ଥା ହୋଇଥିଲା। ଜିଲାପାଳ ମଧୁସୂଦନ ମିଶ୍ର, ଡିଆରଡିଏ ପିଡି ସୂର୍ଯ୍ୟନାରାୟଣ ଦାଶ, ତରଭା ବ୍ଲକ ଅଧ୍ୟକ୍ଷା ସସ୍ମିତା ମଲ୍ଲିକ, ଜିଲା ପରିଷଦ ସଭ୍ୟ ସରୋଜ କମ୍ପ, ପ୍ରବୀଣ ନାଗ, ଜିଲା ଉପକୃଷି ନିର୍ଦ୍ଦେଶକ ସନ୍ତୋଷ କୁମାର ଜେନା, ଜିଲା ଇ-ଗଭର୍ଣ୍ଣାନ୍ସ ପରିଚାଳକ ଗୁପ୍ତେଶ୍ୱର ରଣା ଓ ଚାଷୀ ପ୍ରତିନିଧି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲାପାଳ, ଅନ୍ୟ ପ୍ରଶାସନିକ ଅଧିକାରୀ ଓ ଲୋକ ପ୍ରତିନିଧି।

**ତରଭା ବ୍ଲକ**
- ■ ପ୍ରକଳ୍ପ ମୂଲ୍ୟ ୪୦.୬୬ କୋଟି
- ■ ଖରିଫରେ ୨୩୦୦ ହେକ୍ଟର ଜମି ଜଳସେଚିତ ହେବ

# ବର୍ଷା ଛାଡିଛି, ଦୁର୍ଦ୍ଦଶା କମିନି

**୪ ଦିନ ହେଲା ବାଉରୀଯୋର ପୋଲ ଉପରେ ଚାଲିଛି ବନ୍ୟାଜଳ**

**ବୀରମହାରାଜପୁର, ୮।୯(ଡି.ଏନ.ଏ.)**

ଚଳିତବର୍ଷ ବର୍ଷାରେ ସୁବର୍ଣ୍ଣପୁର ଜିଲାର ବୀରମହାରାଜପୁର ବ୍ଲକ ଦେଇ ପ୍ରବାହିତ ବାଉରିଯୋର ଜନସାଧାରଣଙ୍କ ପାଇଁ କାଳ ସାଜିଛି । ଲଗାଣବର୍ଷା ହେଲେ କିମ୍ବା ମହାନଦୀରେ ବନ୍ୟା ଆସିଲେ ତାର ପିଛିଲା ପାଣିରେ ଉକ୍ତ ଯୋରରେ ଥିବାଏକ ମାତ୍ର ପୋଲଟି ବୁଡିଯାଉଛି । ଫଳରେ ବହୁ ଦିନ ଧରି ବୀରମହାରାଜପୁରଠାରୁ ରେଢଖୋଲ, ବୌଦ୍ଧ ଓ ଆଠମଲ୍ଲିକକୁ ସଡ଼କ ପଥରେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି । କେବଳ ସେତିକି ନୁହେଁ, ଏଭଳି ସ୍ଥିତି ବୀରମହାରାଜପୁର ବ୍ଲକର ସୀମାନ୍ତ ପିତା ମହୁଲ ଗ୍ରାମପଞ୍ଚାୟତକୁ ଦୁଇଫାଳ କରି ପକାଉଛି । ଏଠାକାର ୫ଟି ଗ୍ରାମ ଦୁରଦୁରା, ଗରିଆମୁଣ୍ଡା, ଠାକୁରପୁର, କୁଞ୍ଜାମହୁଲ ଓ ଭୁଲେଶ୍ୱରର ଅଧିବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ସୂଚନା ଅନୁଯାୟୀ, ଏହି ଅଞ୍ଚଳରେ ଗତ ୫ ତାରିଖଠାରୁ ଦୁଇଦିନ ବ୍ୟାପୀ ମୂଷଳଧାରାରେ ବର୍ଷା ହୋଇଥିଲା। କେବଳ ୭ ତାରିଖ ଗୋଟିଏ ଦିନ ୧୩୫ ମି.ମି. ବର୍ଷା ରେକର୍ଡ କରାଯାଇଛି ।ଅବିଶ୍ରାନ୍ତ ବର୍ଷା ଯୋଗୁ ଏହି ବ୍ଲକର ବ୍ୟାପକ କ୍ଷୟକ୍ଷତି ଘଟିଥିବା ଜଣାପଡିଥିବାବେଳେ ୩ ପଡୋଶୀ ଜିଲା ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ଏଥିଯୋଗୁ ନାନା ସମସ୍ୟା ସୃଷ୍ଟି କରିଛି । ଜନସାଧାରଣଙ୍କ ଗମନାଗମନ ସମସ୍ୟାକୁ ଲାଘବ କରିବା ପାଇଁ ସ୍ଥାନୀୟ ସରପଞ୍ଚ ସରୋଜ କୁମାର ବାରିକଙ୍କ ପ୍ରୟାସକ୍ରମେ ପଞ୍ଚାୟତ ପକ୍ଷରୁ ୨ଟି ଦେଶୀ ଡଙ୍ଗାର ବ୍ୟବସ୍ଥା କରାଯାଇଛି ,ଯାହାକି ଏବେ ଏକମାତ୍ର ଭରସା ପାଲଟିଛି । ଚଳିତବର୍ଷ ପୂର୍ତ୍ତ ବିଭାଗ ଅଧୀନରେ ଆରମ୍ଭ ହୋଇଥିବା ହାଏଲେଭଲ ବ୍ରିଜ ନିର୍ମାଣାଧୀନ ରହିଛି ଏବଂ ତାହା ଆଗାମୀ ୬ମାସ ମଧ୍ୟରେ ଶେଷ ହେବାର ସମ୍ଭାବନା ଦିଶୁନାହିଁ । ଏଭଳି ପରିସ୍ଥିତି ଯୋଗୁ ଚଳିତ ବର୍ଷା ଦିନରେ ୫ମ ଥର ପାଇଁ ବଉରିଯୋର ପୋଲ ଉପରେ ବନ୍ୟାପାଣି ପ୍ରବାହିତ କାରଣରୁ ରାସ୍ତା ବିଚ୍ଛିନ୍ନ ହୋଇଛି ।



ବାଉରିଯୋର ପୋଲ ଉପରେ ବନ୍ୟାପାଣି ପ୍ରବାହିତ ହେଉଥିବାରୁ ଲୋକମାନେ ଯାତାୟତ ପାଇଁ ଦେଶୀ ଡଙ୍ଗା ଚାଲିଛି ।

ବୀରମହାରାଜପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ

# ସହମତିରେ ଅସୁଲି ହେଲା ଖିଲାପି ଋଣ

**ବୀରମହାରାଜପୁର, ୮।୯ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ସଦର ମହକୁମାସ୍ଥିତ ବରିଷ୍ଠ ଦେୱାନୀ ଜଜ୍‌ଙ୍କ ଅଦାଲତ ପରିସରରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ତାଲୁକ ଆଇନ ସେବା ସମିତି ତରଫରୁ ଉକ୍ତ ଲୋକ ଅଦାଲତ ଆୟୋଜିତ ହୋଇଥିଲା। ସମିତି ସଭାପତି ତଥା ବୀରମହାରାଜପୁର ବରିଷ୍ଠ ଦେୱାନୀ ତଥା ସରକାରୀ ଦୌରାଜଜ ମାନସ ରଞ୍ଜନ ରଥଙ୍କ ତଥ ତତ୍ତ୍ୱାବଧାନରେ ଆଗତ ମାମଲାଗୁଡିକରେ ପରିଚାଳନା କରାଯାଇଥିଲା। ଏଥିରେ ସହଯୋଗ କରିଥିଲେ ଏସ୍‌ଡିଜେଏମ୍ ଅବକାଶ ଚୌଧୁରୀ। ମିଳିଥିବା ସୂଚନାମତେ ରାଷ୍ଟ୍ରୀୟ ଅଦାଲତରେ ଆଗତ ଏକାଧିକ ମାମଲା ମଧ୍ୟରୁ ଉତ୍କଳ ଗ୍ରାମୀଣ ବ୍ୟାଙ୍କ, ବୀରମହାରାଜପୁର ଶାଖା ପକ୍ଷରୁ ଋଣ ଖିଲାପୀଦାରଙ୍କ ବିରୋଧରେ ରୁଜୁ ହୋଇଥିବା ଏକ ମୋକଦ୍ଦମାରେ ୧ଲକ୍ଷ ୪୩ ହଜାର ଟଙ୍କା ପକ୍ଷଙ୍କ ସହମତି ଭିତ୍ତିରେ ଆଦାୟ କରାଯାଇଥିଲା। ବ୍ୟାଙ୍କ ପକ୍ଷରୁ ଶାଖା ପରିଚାଳକ ନେତ୍ରାନନ୍ଦ ନାୟକ ଓ ବ୍ୟାଙ୍କ ଓକିଲ ବିଷ୍ଣୁ ଚରଣ ପଣ୍ଡା ଉପସ୍ଥିତ ରହିଥିଲେ। ସେହିପରି ଲୋକ ଅଦାଲତରେ ବାର ଆସୋସିଏଶନ ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରି, ସହସମ୍ପାଦକ ସନ୍ତୋଷ କୁମାର ଚାନ୍ଦ, ସରକାରୀ ଓକିଲ ମଧୁସୂଦନ ଆଚାର୍ଯ୍ୟ, ଶ୍ରୀନିବାସ ଚାନ୍ଦ, ଆଡ୍‌ଭୋକେଟ ଶଙ୍କର୍ଷଣ ପଣ୍ଡା, ଚିତ୍ତରଞ୍ଜନ ସେଠୀ ଓ ଉମାଶଙ୍କର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ମାମଲା ସମାଧାନରେ ସହାୟତା କରିଥିଲେ। ସମିତି ତରଫରୁ ତ୍ରିଦେବ ମିଶ୍ର ଅଦାଲତ ଆୟୋଜନରେ ସହଯୋଗ କରିଥିଲେ। ଏଥର ରାଷ୍ଟ୍ରୀୟ ଲୋକ ଅଦାଲତର ଭାରତୀୟ ଷ୍ଟେଟବ୍ୟାଙ୍କ, ବୀରମହାରାଜପୁର ଶାଖାର ପରିଚାଳକ ଅନୁପସ୍ଥିତ ରହୁଥିବାରୁ ଓଟିଏସ ପାଇଁ ଆଗ୍ରହୀ ଥିବା ପକ୍ଷ ନିରାଶ ହୋଇ ଫେରିଥିବା ଅଭିଯୋଗ ହୋଇଛି।



ଅଦାଲତ ପରିସରରେ ଅନୁଷ୍ଠିତ ଲୋକ ଅଦାଲତରେ ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ, ବିଚାରପତିଙ୍କ ସହ ଆଇନଜୀବୀ।

# ସୁବର୍ଣ୍ଣପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ

## ୨୩ ମାମଲାର ଫଇସଲା, ୧୦ଲକ୍ଷ ୫୬ହଜାର ଆଦାୟ

**ସୋନପୁର,୮।୯(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲା ଦୌରାଜଜ୍ କୋର୍ଟ ପରିସରରେ ଏକ ରାଷ୍ଟ୍ରିୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଦେୱାନୀ, ଫୌଜଦାରୀ, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ୍ ଓ ଜଳଯୋଗାଣ, ପାରିବାରିକ, ଜମି ଅଧିଗ୍ରହଣ, ଶ୍ରମ ବିବାଦ ଓ ଚେକ୍ ବାଉନ୍ସ ଇତ୍ୟାଦି ମକଦ୍ଦମାର ଆପୋଷ ସହମତିରେ ସମାଧାନ ହୋଇଥିଲା। ୨୩ଟି ମାମଲାର ଫଇସଲା ହୋଇ ସର୍ବମୋଟ ୧୦ଲକ୍ଷ ୫୬ହଜାର ୭୦୧ଟଙ୍କା ଆଦାୟ କରାଯାଇଛି । ସେଥିମଧ୍ୟରୁ ବିଭିନ୍ନ ଅଦାଲତରେ ବିଚାରଧୀନ ଥିବା ୭ଟି ବ୍ୟାଙ୍କ ଋଣ ଆଦାୟ ବାବଦକୁ ୩ଲକ୍ଷ ୪୧ହଜାର ୮୪୮ଟଙ୍କା, ୭ଟି ଜଳଯୋଗାଣ ମାମଲାର ବାଚାର କରି ୩୨ହଜାର ୭୮୪ଟଙ୍କା ଓ ୯ଟି ବକେୟା ମାମଲାର ବିଚାର ୬ଲକ୍ଷ ୮୨ହଜାର ୬୯ଟଙ୍କା ଆଦାୟ କରାଯାଇଛି।

ସେହିପରି ଏହି ଲୋକ ଅଦାଲତରେ ଏକ ବୈବାହିକ ବିବାଦର ଆପୋଷ ବୁଝାବଣାରେ ସମାଧାନ ହୋଇଛି। ଜିଲା ଦୌରାଜଜ ତଥା ଜିଲା ଆଇନସେବା ପ୍ରାଧିକରଣର ଅଧକ୍ଷ ରାଜ କୁମାର ସାହୁ, ବରିଷ୍ଠ ଦେୱାନୀ ଜଜ୍ ସନ୍ଦୀପ ପଟ୍ଟନାୟକ ଓ ଜିଲା ଆଇନସେବା ପ୍ରାଧିକରଣ ସମ୍ପାଦିକା ସୁନିତା ପଟ୍ଟନାୟକ ଯୋଗଦେଇ ସୋନପୁରର ବାସୁଦେବ ନାୟକ ଓ ବରଗଡ ଜିଲା ଭେଡେନର ରୋଜାଲିନ ନାୟକ ଅଲଗା ହୋଇ ରହିଥିବା ଏକ ଛାଡପତ୍ର ମାମଲାର ହସ୍ତକ୍ଷେପ କରି ଉଭୟ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଆପୋଷ ମିଳାମିଶା କରି ଉଭୟଙ୍କୁ ନିଜ ଘରକୁ ପେରାଇ ଦେବାର ନିର୍ଦ୍ଦେଶ ଦେଇଥିଲେ । ଫଳରେ ଦୀର୍ଘଦିନରୁ ବିଚ୍ଛେଦ ଥିବା ଉଭୟ ସ୍ତ୍ରୀସ୍ୱାମୀ ଖୁସିରେ ଘରକୁ ଫେରିଥିଲେ। ଏହି ମିଳାମିଶା ମାମଲାରେ ଆଇନଜୀବୀ ଭଗବତୀ ମିଶ୍ର ଓ ରଶ୍ମିରଞ୍ଜନ ଦାସ ସହଯୋଗ କରିଥିଲେ। ଅତିରିକ୍ତ ଜିଲା ଦୌରାଜଜ୍ ଶ୍ୱେତା ମିଶ୍ର, ସିଜେଏମ ମଦନଲାଲ କେଡିଆ, ରେଜିଷ୍ଟ୍ରାର ସୀମା ତ୍ରିପାଠୀ, ସୋନପୁର ଏସ୍‌ଡିଜେଏମ ସୁକାନ୍ତ କିଶୋର ଜେନା, କୋର୍ଟ ପରିଚାଳକ ଅଚ୍ୟୁତ ସାମନ୍ତରାୟ, ସରକାରୀ ଓକିଲ ବ୍ୟୋମକେଶ ଦାଶ, ପ୍ରକାଶ କୁମାର ମିଶ୍ର, ଅଦ୍ୱୈତ କୁମାର ପଣ୍ଡା, ବାବୁଲାଲ ଦାଶ ପ୍ରମୁଖଙ୍କ ସହ ବିଭିନ୍ନ ମାମଲାର ସମାଧାନ ପାଇଁ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ନିଯୁକ୍ତ ଆଇନଜୀବୀ ମାନେ ଲୋକ ଅଦାଲତରେ ଯୋଗ ଦେଇଥିଲେ। ଏଥିରେ ଜିଲା ଅଦାଲତ ସମେତ ଜିଲା ଆଇନସେବା ପ୍ରାଧିକରଣର ରଘୁନାଥ ସାହୁ, ବିନ୍ଦୁସାର ମହାପାତ୍ର, କେଶବ ଗୁରୁ, ଅର୍ଜୁନ ବେହେରା, ଜୟପ୍ରକାଶ ମିଶ୍ର, ବିବେକାନନ୍ଦ ପଣ୍ଡା, ନରେନ୍ଦ୍ର କୁମାର ସିଂ ଓ ଶ୍ୟାମ ସୁନ୍ଦର ବାରିକ ପ୍ରମୁଖ ସହଯୋଗ କରିଥିଲେ।




ଲୋକ ଅଦାଲତରେ ଜିଲା ଦୌରାଜଜ୍ ଓ ଅନ୍ୟ ବିଚାରପତି ବୃନ୍ଦ।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୯ ସେପ୍ଟେମ୍ବର, ୨୦୧୮



ସୁନାରେ ସୁଗନ୍ଧ, ଆଖୁରେ ଫଳ, ଚନ୍ଦନରେ ଫୁଲ ନ ଥାଏ। ବିଦ୍ୱାନ ଧନୀ ହୋଇ ନ ଥାନ୍ତି କି ରାଜା ଦୀର୍ଘଜୀବୀ ହୋଇ ନ ଥାନ୍ତି।

- ଚାଣକ୍ୟ



## ସଂକ୍ଷେପରେ

### ଚାଷୀଙ୍କ ଅସ୍ୱାଭାବିକ ମୃତ୍ୟୁ

**ପାଇକମାଳ,୮।୯(ଡି.ଏନ.ଏ.):** ପାଇକମାଳ ବ୍ଲକ ମାଣ୍ଡିଆଡ଼ିପା ପଞ୍ଚାୟତ ମୁଣ୍ଡେଲା ଗ୍ରାମର ଜଣେ ଚାଷୀଙ୍କ ଶନିବାର ବୁର୍ଲା ଡାକ୍ତରଖାନାରେ ମୃତ୍ୟୁ ଘଟିଛି । ମୃତକ ହେଲେ ଉପେନ୍ଦ୍ର ବାଗ (୫୦) । ସେ ଶୁକ୍ରବାର ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ସକାଳ ୭ଟାରେ ତାଙ୍କର ମୃତ୍ୟୁ ହୋଇଥିଲା । ଉପେନ୍ଦ୍ର ତିନି ଏକର ଜମି କରିବା ଚାଷ ପାଇଁ ପାଇକମାଳ ସମବାୟ ସମିତିରୁ ୩୮ ହଜାର ୫୮୫ଟଙ୍କା, ମହାଜନଙ୍କଠାରୁ ୩୦ହଜାର ଟଙ୍କା ଋଣ କରିଥିଲେ । ପାଇକମାଳ ସେବା ସମିତିକୁ ୧୬୩୬ଜଣ ଚାଷୀଙ୍କ ଶସ୍ୟବୀମା ଟଙ୍କା ଆସିଥିବା ବେଳେ ୬୯ଜଣଙ୍କର ଆସି ନ ଥିଲା । ଶୁକ୍ରବାର ୬୯ରୁ ୨୦ଜଣ ଚାଷୀଙ୍କ ବୀମା ଟଙ୍କା ଆସିଥିଲା । କିନ୍ତୁ ଉପେନ୍ଦ୍ର ବାଗଙ୍କ ବୀମା ଟଙ୍କା ନ ଆସିବାରୁ ସେ ଚିନ୍ତାରେ ଥିଲେ । ତାଙ୍କ ପୁଅ ମନୋଜ ବାଗଙ୍କ କହିବା ଅନୁସାରେ ବୀମାଟଙ୍କା ନ ପାଇବାରୁ ହତାଶ ହୋଇ ହଠାତ୍ ତାଙ୍କ ବାପା ଉପେନ୍ଦ୍ରଙ୍କ ଦେହ ଅସୁସ୍ଥ ହୋଇପଡିଥିଲା ଏବଂ ବୁର୍ଲାରେ ତାଙ୍କର ମୃତ୍ୟୁ ଘଟିଛି ବୋଲି କହିଥିଲେ । ମୃତ ଚାଷୀ ପରିବାରକୁ ଖୁବ ଶୀଘ୍ର ଶସ୍ୟବୀମା ଟଙ୍କା ଦେବା ସହ ରେଡକ୍ରସରୁ ୧୦ହଜାର ଟଙ୍କା ଦେବା ପାଇଁ ଦାବି କରିଛନ୍ତି ।

# ନାଟକରେ ସାକ୍ଷରତା ବାର୍ତ୍ତା

**ବରଗଡ଼ ଅଫିସ୍,୮।୯**

ବରଗଡ଼ ସହର ଉପକଣ୍ଠ ସିମେଣ୍ଟନଗର ବିକାଶ ସ୍କୁଲରେ ଶନିବାର ବିଶ୍ୱ ସାକ୍ଷରତା ଦିବସ ପାଳିତ ହୋଇଛି । ଏହି ଅବସରରେ ସ୍କୁଲର ଅଧ୍ୟକ୍ଷ ସନାତନ ମହାପାତ୍ର ସମସ୍ତ ଛାତ୍ରୀଛାତ୍ରଙ୍କୁ ଉକ୍ତ ଦିବସ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଏକ ବିକଶିତ ରାଷ୍ଟ୍ରରେ ଶିକ୍ଷାର ଯଥେଷ୍ଟ ଭୂମିକା ରହିଛି ବୋଲି ସେ ମତବ୍ୟକ୍ତ କରିଥିଲେ । ସେହିପରି ସାମାଜିକ ଓ ନୈତିକ ଗୁଣାବଳୀର ବିକାଶରେ ଶିକ୍ଷା ଯଥେଷ୍ଟ ସହାୟକ ହୋଇଥାଏ ବୋଲି ଛାତ୍ର ଚିରଞ୍ଜିବୀ ମୁଦୁଲି ନିଜ ବକ୍ତବ୍ୟରେ କହିଥିଲେ । ଏହି ଦିବସ ପାଳନ ଅବସରରେ ଛାତ୍ରୀଛାତ୍ରମାନେ ନାଟ୍ୟକାର ଦିଲୀପ ବେହେରାଙ୍କ ରଚିତ ଓ ଧୀରେନ ଭୋଇଙ୍କ ନିର୍ଦ୍ଦେଶିତ ନାଟକ ଆସ ଆମେ ସଭେ ପାଠ୍ ପଢ଼ମା ପରିବେଷଣ କରିଥିଲେ । ଉକ୍ତ ନାଟକରେ ଛାତ୍ରୀ ରଶ୍ମିତା, ଅକ୍ଷିତା, ଛାତ୍ର ମୋହିତ, ସମୀର, ନିଲେଶ, ଇଶାନ ପ୍ରମୁଖ ବିଭିନ୍ନ ଚରିତ୍ରରେ ଅଭିନୟ କରିଥିଲେ । ଶିକ୍ଷକ ମଣ୍ଟୁ ଦେବତା ନାଟକ ପରିଚାଳନା କରିଥିଲେ ।

ସେହିପରି ଜିଲା ସାକ୍ଷରତ କର୍ମଚାରୀ ସଂଘ ପକ୍ଷରୁ ସ୍ଥାନୀୟ ସୌଖୀନ କଳାକାର ରଙ୍ଗମଞ୍ଚରେ ବିଶ୍ୱ ସାକ୍ଷରତା ଦିବସ ପାଳନ କରାଯାଇଥିଲା । ରୁଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବରଗଡ଼ ଏମ୍‌ପି ଡଃ ପ୍ରଭାସ ସିଂ ମୁଖ୍ୟଅତିଥି, ବିଧାୟକ ଦେବେଶ ଆଚାର୍ଯ୍ୟ ଏବଂ ବିଧାୟିକା ରୀତା ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସଭାରେ ଜିଲା ସାକ୍ଷରତା ସଂଘ ସଭାପତି ସୁରେନ୍ଦ୍ର ସୁନାଙ୍କ ସମେତ ଜିଲା ଓ ବ୍ଲକ ସଂଯୋଜକ ଏବଂ ପଞ୍ଚାୟତ ଗୁଡ଼ିକରୁ ପ୍ରେରକମାନେ ଯୋଗଦାନ କରିଥିଲେ । ସଭାରେ ସାକ୍ଷରତା କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଏମପି ଓ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ସଂଘର ଜିଲା ସଂଯୋଜକ ରସିକ ଛୁରିଆ ବିବରଣୀ ପାଠ କରିଥିବାବେଳେ କୋଷାଧ୍ୟକ୍ଷ ବେଳାର ମୁଗ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ ।

**ବିକାଶ ସ୍କୁଲରେ ବିଶ୍ୱ ସାକ୍ଷରତା ଦିବସ**




ବରଗଡ଼ ସିମେଣ୍ଟ ନଗର ବିକାଶ ସ୍କୁଲର ଛାତ୍ରୀଛାତ୍ର ବିଶ୍ୱ ସାକ୍ଷରତା ଦିବସରେ ନାଟକ ପରିବେଷଣ କରୁଛନ୍ତି ।

■ ଦେହରେ ନିଆଁ ଲାଗି ମହିଳାଙ୍କ ମୃତ୍ୟୁ

# ହତ୍ୟା ଅଭିଯୋଗରେ ସ୍ୱାମୀ ଅଟକ

**ସୋହେଲା,୮।୯(ଡି.ଏନ.ଏ.)**

ବରଗଡ ଜିଲା ସୋହେଲା ଥାନା ଅନ୍ତର୍ଗତ ଝର ଗ୍ରାମର ଜଣେ ମହିଳାଙ୍କ ଦେହରେ ନିଆଁ ଲାଗି ବୁର୍ଲା ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ମୃତ୍ୟୁ ଘଟିଛି। ଏହି ଘଟଣାରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ମୃତ ମହିଳାଙ୍କ ସ୍ୱାମୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି ।

ପୋଲିସ ସୂତ୍ରରୁ ପ୍ରକାଶ ଯେ, ଗତ ୨୦୦୭ରେ ସୋହେଲା ଥାନା ଅନ୍ତର୍ଗତ ଡାଣ୍ଡୋଲ ଗ୍ରାମର ପ୍ରେମାନନ୍ଦ ରଣାଙ୍କ ଝିଅ ମମ ରଣାଙ୍କୁ ଝର ଗ୍ରାମର ବାଦଲ ରଣାଙ୍କ ପୁଅ ସଞ୍ଜୀବ ରଣା(୩୫) ସାମାଜିକ ରୀତିରେ ବିବାହ କରିଥିଲେ। ସେମାନଙ୍କ ତିନୋଟି ସନ୍ତାନ ଅଛନ୍ତି। କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ଶୁକ୍ରବାର ରାତିରେ ଝଗଡା ହୋଇଥିଲା । ଝର ଗ୍ରାମର ଜଣେ ଭଦ୍ରବ୍ୟକ୍ତି ରାତି ୮ଟାରେ ମମଙ୍କ ବାପା ଡାଣ୍ଡୋଲ ଗ୍ରାମର ପ୍ରେମାନନ୍ଦଙ୍କୁ ଫୋନ କରି ତୁମ ଝିଅ ନିଆଁରେ ପୋଡି ଯାଇଛି ବୋଲି ଖବର ଦେଇଥିଲେ । ପ୍ରେମାନନ୍ଦ ଗ୍ରାମର ଭଦ୍ରବ୍ୟକ୍ତିଙ୍କୁ ଧରି ଝର ଗ୍ରାମକୁ ଆସି ମମ ବାରଣ୍ଡାରେ ମୁମୂର୍ଷୁ ଅବସ୍ଥାରେ ପଡିଥିବା ଦେଖିବାକୁ ପାଇଥିଲେ । ମମଙ୍କୁ ପଚାରିବାରୁ ସଞ୍ଜୀବ ଶାଢ଼ୀରେ ନିଆଁ ଲଗାଇ ଦେଇ ପଳାଇଗଲେ ବୋଲି କହିଥିଲେ । ଗୁରୁତର ଅବସ୍ଥାରେ ମମଙ୍କୁ ବୁର୍ଲା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ମମଙ୍କ ମୃତ୍ୟୁ ହୋଇଥିଲା। ମୃତା ମହିଳାଙ୍କ ବାପା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୪୩/୧୮) ରୁଜୁ କରି ମହିଳାଙ୍କ ସ୍ୱାମୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି । ବୁର୍ଲା ଡାକ୍ତରଖାନାରେ ମହିଳାଙ୍କ ଶବ ବ୍ୟବଚ୍ଛେଦ କରାଯାଇଛି ।

# ନଦୀରୁ ରିକ୍ସା ଚାଳକଙ୍କ ମୃତଦେହ ଉଦ୍ଧାର



ଜୀରାନଦୀରୁ ରିକ୍ସାଚାଳକଙ୍କ ମୃତଦେହ ଉଦ୍ଧାର କରାଯାଉଛି ।

**ବରଗଡ଼ ଅଫିସ୍,୮।୯**

ବରଗଡ଼ ସହର ଉପକଣ୍ଠ ଜୀରାନଦୀକୁ ଗାଧୋଇ ଯାଇଥିବାବେଳେ ଶୁକ୍ରବାର ଅପରାହ୍ନପ୍ରାୟ ଦେଢ଼ଟାରେ ଜଳସ୍ରୋତରେ ଭାସି ଯାଇଥିବା ରିକ୍ସା ଚାଳକ ବୈଷ୍ଣବ ତେଜି(୪୦)ଙ୍କ ମୃତଦେହକୁ ଶନିବାର ସକାଳେ ଉଦ୍ଧାର କରାଯାଇଛି । ପୁରୁଣା ଜୀରା ବ୍ରିଜ୍‌ର ଅନତିଦୂର ପିଏଚଡ଼ି ପଡ଼ା ନଦୀକୂଳରୁ ତାଙ୍କ ମୃତଦେହ ମିଳିଛି । ସ୍ଥାନୀୟ ଯୁବକମାନେ ଖୋଜାଖୋଜି କରୁଥିବାବେଳେ ସେଠାରେ ମୃତଦେହଟି ଲାଖି ରହିଥିବା ଦେଖିବାକୁ ମିଳିଥିଲା । ଯୁବକମାନେ ମୃତଦେହ ଉଦ୍ଧାର କରିବା ପରେ ପୋଲିସ ଶବ ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି । ଶୁକ୍ରବାର ୩/୪ଜଣ ଯୁବକଙ୍କ ସହିତ ଗାଧୋଇବାକୁ ଯାଇଥିବାବେଳେ ଜୀରାନଦୀର ଜଳସ୍ରୋତରେ ବୈଷ୍ଣବ ଭାସି ଯାଇଥିଲେ । ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ଲୋକେ ଖୋଜାଖୋଜି କରିବା ସତ୍ତ୍ୱେ ଶୁକ୍ରବାର ତାଙ୍କ ପତ୍ତା ମିଳି ନ ଥିଲା ।

# ଗଣେଶ ପୂଜାରେ ବାଜିବନି ଡିଜେ ସାଉଣ୍ଡ

**ବରଗଡ଼ ଅଫିସ୍,୮।୯**

ଗଣେଶ ପୂଜାକୁ ଆଉ ମାତ୍ର ୫ଦିନ ରହିଲା । ଆସନ୍ତା ୧୩ତାରିଖରେ ଏହା ଅନୁଷ୍ଠିତ ହେବ । ଏହି ପୂଜନୋତ୍ସବକୁ ଶୃଙ୍ଖଳିତ ଭାବେ ସମାପନ କରିବା ପାଇଁ ଶନିବାର ବରଗଡ଼ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ପୋଲିସ ଓ ପ୍ରଶାସନ ପକ୍ଷରୁ ଏକ ବୈଠକ ହୋଇଥିଲା । ବୈଠକରେ ବରଗଡ଼ ଉପଜିଲାପାଳ ଦେବେନ୍ଦ୍ର ନନ୍ଦ, ତହସିଲଦାର ସବ୍ୟସାଚୀ ପଣ୍ଡା, ଏସ୍‌ଡ଼ିପିଓ ସୁରେଶ କୁମାର ନାଏକ, ଟାଉନ ଥାନା ଆଇଆଇସି ବିଭୂତି ଭୂଷଣ ଭୋଇ ଏବଂ ଗଣେଶ ପୂଜା କମିଟି କର୍ମକର୍ତ୍ତା, ସଭ୍ୟବୃନ୍ଦ ପ୍ରମୁଖ ଯୋଗ ଦେଇଥିଲେ । ଅନ୍ୟବର୍ଷ ଭଳି ଏଥର ମଧ୍ୟ ଗଣେଶପୂଜାକୁ ଶୃଙ୍ଖଳିତ, ନିରାପଦ ଓ ସୁରକ୍ଷିତ ଭାବେ ପାଳନ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା । ପୂଜା କିମ୍ବା ବିସର୍ଜନ ସମୟରେ ଡିଜେ ବ୍ୟବହାରକୁ ସମ୍ପୂର୍ଣ୍ଣ ଭାବେ ନିଷିଦ୍ଧ ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ସେହିପରି ଆସନ୍ତା ୧୮, ୧୯ ଏବଂ ୨୩ ତାରିଖ ଏଭଳି ୩ଟି ପର୍ଯ୍ୟାୟରେ ମୂର୍ତ୍ତି ବିସର୍ଜନ ଶୋଭାଯାତ୍ରା କରିବା ପାଇଁ ନିଷ୍ପତ୍ତି ହେବା ସହିତ ସେଥିପାଇଁ ରୁଟ୍ ଚାର୍ଟ ଚୂଡ଼ାନ୍ତ ହୋଇଥିଲା । ଏହାସହିତ ଅଶ୍ଳୀଳ ସଙ୍ଗୀତ ବଜାଇବାକୁ ନିଷିଦ୍ଧ କରାଯାଇ ଥିବାବେଳେ ରାତ୍ରି ୧୦ଟା ପରେ ମ୍ୟୁଜିକ ସିଷ୍ଟମକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ତୋରଣ, ବିଦ୍ୟୁତ ସାଜସଜ୍ଜା ଆଦି ପାଇଁ ଅଗ୍ନିଶମ ବିଭାଗ, ବିଦ୍ୟୁତ, ପିଡବ୍ଲୁଡ଼ି ଆଦି କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ଆଣିବାକୁ ବାଧ୍ୟତାମୂଳକ କରାଯାଇଛି । ବୈଠକରେ ନିଆଯାଇଥିବା ଏହି ନିଷ୍ପତ୍ତି କେତେଦୂର କାର୍ଯ୍ୟକାରୀ ହେଉଛି, ତାହା ଦେଖିବାକୁ ବାକି ରହିଲା ।



ଗଣେଶ ପୂଜା ପାଇଁ ବରଗଡ଼ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ବୈଠକ ଚାଲିଛି ।

## ସ୍କୁଲରେ ବୃକ୍ଷରୋପଣ

**ଝାରବନ୍ଧ, ୮।୯ (ଡି.ଏନ.ଏ)**

ଝାରବନ୍ଧ ବ୍ଲକ ଅନ୍ତର୍ଗତ କାଶିପାଣି ଗ୍ରାମରେ ଶନିବାର ବିଜୁ ଯୁବ ବାହିନୀ ଓ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍କୁଲର ପ୍ରଧାନଶିକ୍ଷକ ପ୍ରଭୁଦାସ ମହାନନ୍ଦଙ୍କ ନେତୃତ୍ୱରେ ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ, ବିଜୁ ଯୁବ ବାହିନୀ ସଭାପତି ସୁନ୍ଦରମଣି ଷାଣ୍ଢ, ରାଜେନ୍ଦ୍ର ମହାକୁଡ ଓ ସମସ୍ତ ସଦସ୍ୟ ଗାଁଠାରୁ ସ୍କୁଲ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ବୃକ୍ଷରୋପଣ କରିଥିଲେ । ଏହାସହିତ ଗାଁର ସମସ୍ତ ନଳକୂପରେ ଥିବା ଡ୍ରେନ ସଫା କରିବା ସହିତ ଗାଁ ପରିମଳ ଉପରେ ଲୋକମାନଙ୍କୁ ସଚେତନ କରାଇଥିଲେ ।

# ବିଜୁ ସେନାକୁ ବ୍ରେକ୍ ଦେବ ମୋଦି ସେନା: ସୁବାସ ଚୌହାନ




ଭାଜପା ନେତା ସୁବାସ ଚୌହାନ ବକ୍ତବ୍ୟ ଦେଉଛନ୍ତି ।

**ସରଣ୍ଡା, ୮।୯ (ଡି.ଏନ.ଏ)**

ବିଜେଡି ବିଜୁ ସେନା କରିଛି, ଆମେ ମୋଦି ସେନା କରିଛୁ । ବିଜୁ ସେନାକୁ ମୋଦି ସେନା ଶତ ପ୍ରତିଶତ ବ୍ରେକ୍ ଦେଇପାରିବ । ଅତାବିରା ଏନଏସି ଅନ୍ତର୍ଗତ ଲାତରପାଲି ମାଁ ରାମଚଣ୍ଡୀ କଲ୍ୟାଣ ମଣ୍ଡପରେ ମୋଦୀ ସେନାର କର୍ମଶାଳାକୁ ଉଦ୍‌ଘାଟନ କରି ଭାଜପା ନେତା ସୁବାଷ ଚୌହାନ ଏହା କହିଛନ୍ତି । ଇଂ. ଭରତ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଚୌହାନ ଆହୁରି କହିଥିଲେ ଯେ, ମୋଦି ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ଲାଭ ଲୋକଙ୍କ ପାଖକୁ ପହଞ୍ଚାଇବାର କାମ ମୋଦି ସେନା କରିବ । ଓଡିଶାରେ ବିଜେଡି ସରକାର ଥିବାରୁ କେନ୍ଦ୍ର ଯୋଜନା ଲୋକଙ୍କ ପାଖକୁ ପହଞ୍ଚି ପାରୁନାହିଁ । ଏଣୁ ଆଗାମୀ ନିର୍ବାଚନରେ ଓଡିଶାରେ ଭାଜପା ସରକାର ଯେମିତି କରିବ ସେଥିପାଇଁ ଆପଣମାନେ ପ୍ରାଣପଣେ ଚେଷ୍ଟା କରନ୍ତୁ ବୋଲି ଚୌହାନ କର୍ମୀମାନଙ୍କୁ କହିଥିଲେ । ଚୌହାନ ପରେ ଖବରଦାତାମାନଙ୍କୁ ସାକ୍ଷାତକାର ଦେଇ କହିଥିଲେ, ଏମିତି ସେନା ଗଢ଼ିବା ପାଇଁ ଦଳ ପକ୍ଷରୁ ନିର୍ଦ୍ଦେଶ ଆସିନାହିଁ । ତଥାପି ଦଳୀୟ ଚିହ୍ନ ଥିବାରୁ ସେ ଏଠାକୁ ଆସିଛନ୍ତି । କର୍ମଶାଳାରେ ମୋଦି ସେନାର ଅଧ୍ୟକ୍ଷ ମହେନ୍ଦ୍ର ପୁରୋହିତ, କେଦାର ମିଶ୍ର, ମୁକୁନ୍ଦ ଦାସ, ସୁଦାମ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ । ଆଶୁତୋଷ ରଥ ମଞ୍ଚ ପରିଚାଳନା କରିଥିବା ବେଳେ ବିକ୍ରମ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ୧୭ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ

**ଜାମଟିକ୍ରା, ୮।୯(ଡି.ଏନ.ଏ.)**

ଅତାବିରା ବ୍ଲକ କାଦୋବାହାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଶନିବାର ସ୍କୁଲସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା । ଏଥିରେ ୧୭ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ବରିଷ୍ଠ ବିଭାଗରେ ସଲୋଡି ମେହେର, ଶୀତଳ ମହାନନ୍ଦ ଓ ମହେଶ କୁମାର ଗୁରାଣ୍ଡି ଓ କନିଷ୍ଠ ବିଭାଗରେ ନିକିତା ମେହେର, ସବ୍ୟସାଚୀ ମେହେରଓ ପଲ୍ଲବୀ ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ବିଜ୍ଞାନ ଆଲୋଚନାଚକ୍ରରେ ୯ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ପ୍ରଧାନଶିକ୍ଷକ ଭରତ କିଶୋର ପତି ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ । ଝିଲିମିଣ୍ଡା ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଧର୍ମରାଜ ପ୍ରଧାନ, ଶଶାଙ୍କ ଶେଖର ପୁରୋହିତ ଓ ମନ୍ଦାକିନୀ ପଣ୍ଡା ବିଚାରକ ଭାବେ ଯୋଗ ଦେଇଥିଲେ ।

## ଗୋରୁଙ୍କୁ ଫାଟୁଆ ରୋଗ

**ପଦ୍ମପୁର, ୮।୯ (ଡି.ଏନ.ଏ)**

ପଦ୍ମପୁର ଅଞ୍ଚଳରେ ବର୍ତ୍ତମାନ ଗାଈ ଗୋରୁଙ୍କ ଫାଟୁଆରୋଗ ଦେଖାଦେଇଛି । ଫାଟୁଆ ଯୋଗୁ ଗାଈ ଗୋରୁ ଚରିବାକୁ ଯିବା କଷ୍ଟକର ହୋଇ ପଡୁଛି । ଫାଟୁଆ ହୋଇଥିବା ଗାଈ ଗୋରୁଙ୍କୁ ପ୍ରାଣୀ ଚିକିତ୍ସା ବିଭାଗ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବାକୁ ଜନସାଧାରଣ ଦାବି କରିଛନ୍ତି ।

# ପେଟ୍ରୋଲ ପମ୍ପ ସମ୍ମୁଖରେ ବିକ୍ଷୋଭ




ଭେଡ଼େନ ବ୍ଲକ ଜାଣ୍ଡୋଲ ପେଟ୍ରୋଲ ପମ୍ପରେ ବିଜେଡ଼ିର କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

**ପଦ୍ମପୁର/ଭେଡେନ, ୮।୯ (ଡି.ଏନ.ଏ)**

କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଦର ବାରମ୍ବାର ବୃଦ୍ଧି କରୁଥିବାରୁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହାର ପ୍ରତିବାଦରେ ପଦ୍ମପୁର ବିଜେଡି ତରଫରୁ ଟାଉନ ସଭାପତି ନବକିଶୋର ସାହୁଙ୍କ ନେତୃତ୍ୱରେ ପଦ୍ମପୁରର ସମସ୍ତ ପେଟ୍ରୋଲ ପମ୍ପ ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏଥିରେ ଏନଏସି ଅଧ୍ୟକ୍ଷ ସିଦ୍ଧାର୍ଥ ସିଂ ବରିହା, କାଉନସିଲର ନବ ବରିହା, ଗାଦିନାରାୟଣ ପଟ୍ଟନାୟକ, ଜୟରାମ ମହାପାତ୍ର, ନୀଳ ସିନ୍ଧିରିଆ, ପ୍ରୀତମ ମେହେର, ବିଷ୍ଣୁ ପ୍ରସାଦ ବାଜପେୟୀଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ ।

**ଭେଡ଼େନ,(ଡ଼ି.ଏନ.ଏ):** ଡ଼ିଜେଲ ଏବଂ ପେଟ୍ରୋଲର ଆକାଶଛୁଆଁ ଦରବୃଦ୍ଧି ପ୍ରତିବାଦରେ ଭେଡ଼େନ ବ୍ଲକ ଅନ୍ତର୍ଗତ ଜାଣ୍ଡୋଲ, ଥୁଆପାଲି, ଗର୍ଭଣା ଆଦି ସ୍ଥାନରେ ଥିବା ପେଟ୍ରୋଲ ପମ୍ପଗୁଡ଼ିକରେ ବ୍ଲକ ବିଜେଡ଼ି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ପଥପ୍ରାନ୍ତ ସଭା ତଥା ଲିଫଲେଟ ବଣ୍ଟନ କରାଯାଇଥିଲା । ବିଜେଡ଼ି ସଭାପତି ହରିଶଙ୍କର ବେହେରାଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜାଣ୍ଡୋଲରେ ଜିଲା ପରିଷଦ ସଭ୍ୟ ସୁବାସ ହୋତା, ସାଗର ମହାକୁର, ବିଜୟ ସାହୁ, ଅରବିନ୍ଦ ହୋତା, ଶଙ୍କର ଦାଶ, ରାଜ ବେହେରା, କରୁଣା ମେହେର, ସମିର ସେଠ, ଗୌରାଙ୍ଗ ପଧାନ, ପ୍ରଦୀପ ସୁନା, ଥୁଆପାଲିରେ ସତ୍ୟ ପୁରୋହିତ, ସୁଶାନ୍ତ ସାହୁ, ରଣଜିତ ଭୋଇ, ପ୍ରମୋଦ ଦନ୍ତା, ପ୍ରତାପ ହୋତାଙ୍କ ସମେତ ବହୁ କର୍ମୀ ସାମିଲ ହୋଇଥିଲେ ।

## ନାଏବ ସରପଞ୍ଚଙ୍କ ସଭ୍ୟପଦ ରଦ୍ଦ ପାଇଁ ନିର୍ଦ୍ଦେଶ

**ଭେଡ଼େନ,୮।୯(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଅନ୍ତର୍ଗତ ଲୁହାଖଣ୍ଡି ଗ୍ରାମପଞ୍ଚାୟତର ନାଏବ ସରପଞ୍ଚ ସାନ୍ତ୍ୱନା ବାଗଙ୍କ ଚାରୋଟି ସନ୍ତାନ ଥିବାରୁ ନାଏବ ସରପଞ୍ଚ ପଦ ରଦ୍ଦ କରିବା ପାଇଁ ବରଗଡ଼ ସିଭିଲ ଜଜ୍ ରାୟ ପ୍ରଦାନ କରିଛନ୍ତି । ଏ ନେଇ ହିରୋମୁଣ୍ଡା ଗ୍ରାମର ଆଲାଦିନୀ ବାଗ ଏକ ମାମଲା (ନଂ.୧୦/୨୦୧୭) ରୁଜୁ କରିଥିଲେ । ଗତ ଅଗଷ୍ଟ ୩୧ ତାରିଖରେ ଏହି ରାୟ ପ୍ରକାଶ ପାଇଛି । ରାୟ ପ୍ରକାଶ ପାଇବା ପରେ ଆଲାଦିନୀ ଏହି ରାୟର କପି ନେଇ ଭେଡ଼େନ ବିଡ଼ିଓଙ୍କ ଅନୁପସ୍ଥିତିରେ ଦାୟିତ୍ୱରେ ଥିବା ସହକାରୀ ନିର୍ବାହୀ ଯନ୍ତ୍ରୀ ଶୈଳେଶ ଡ଼େଲକିଙ୍କୁ ଶୁକ୍ରବାର ପ୍ରଦାନ କରିଛନ୍ତି । ନୂତନ ବିଡ଼ିଓଙ୍କ ଯୋଗଦାନ ପରେ ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏଇଇ ଡ଼େଲକି ପ୍ରକାଶ କରିଛନ୍ତି ।

## ଲୋକ ଅଦାଲତରେ ୯୬ ମାମଲା ଫଇସଲା

**ବରଗଡ଼ ଅଫିସ୍,୮।୯**

ବରଗଡ଼ ଜିଲା ଆଇନ ସେବା ପ୍ରାଧିକରଣ ପରିଚାଳନାରେ ଶନିବାର ସ୍ଥାନୀୟ ସିଭିଲ କୋର୍ଟ ପରିସରରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଲୋକ ଅଦାଲତରେ ଦେୱାନି ଓ ଫୌଜଦାରୀ ମାମଲା ପୃଥକ୍ କୋର୍ଟରେ ଫଇସଲା ହୋଇଥିଲା । ୯୬ଟି ମାମଲାର ଫଇସଲା କରାଯାଇ ୮୭, ୨୬,୩୧୭ ଟଙ୍କା ଜରିମାନା ଆଦାୟ କରାଯାଇଥିଲା । ଉକ୍ତ ଲୋକ ଅଦାଲତରେ ଜିଲା ଦୌରାଜଜ୍ ସୁଦୀପ୍ତ ଆଚାର୍ଯ୍ୟ, ପରିବାର ବିଚାରପତି ଅଶ୍ୱିନୀ କୁମାର ନାୟକ, ଅତିରିକ୍ତ ଜିଲା ଦୌରାଜଜ୍ ଗିରିଜା ପ୍ରସାଦ ମହାପାତ୍ର, ମୁଖ୍ୟ ନ୍ୟାୟିକ ମାଜିଷ୍ଟ୍ରେଟ ସୁବାସ ଚନ୍ଦ୍ର ବିହାରି, ବରିଷ୍ଠ ଦେୱାନୀ ବିଚାରପତି ସୌମ୍ୟକ ପାତ୍ର, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସୁବାସ ଚନ୍ଦ୍ର ଧଳ, ସିଭିଲ କୋର୍ଟ ରେଜିଷ୍ଟ୍ରାର ପ୍ରତିମ ପାତ୍ରୋ, ଉପଖଣ୍ଡୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁବ୍ରତ ଆଚାର୍ଯ୍ୟ, କନିଷ୍ଠ ଦେୱାନୀ ବିଚାରପତି ସସ୍ମିତ ମିଶ୍ର, ଜେଏମଏଫସି ସବ୍ୟସାଚୀ ପ୍ରଧାନ ଯୋଗ ଦେଇଥିଲେ ।

# ଫୁଟବଲ: ଡୁଙ୍ଗୁରିପାଲି ଚାମ୍ପିୟନ



ଭେଡେନ ବ୍ଲକ ଚିଚିଣ୍ଡାରେ ଆୟୋଜିତ ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥି ଓ ଖେଳାଳି ।

**ଭେଡ଼େନ,୮।୯(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଅନ୍ତର୍ଗତ ଚିଚିଣ୍ଡା ଖେଳ ପଡ଼ିଆରେ ଶନିବାର ଅନୁଷ୍ଠିତ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟରେ ଡୁଙ୍ଗୁରିପାଲି ଦଳ ଚାମ୍ପିୟନ ହୋଇଛି । ସୁପ୍ରିମ ଆଥଲେଟିକ୍ସ ଆସୋସିଏଶନ ଆନୁକୂଲ୍ୟରେ ହୋଇଥିବା ଏହି ୯୪ ତମ ଫୁଟବଲ ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ବିଜୟୀ ଦଳ ଥୁଆପାଲି ଦଳକୁ ୧-୦ ଗୋଲ ବ୍ୟବଧାନରେ ପରାସ୍ତ କରିଛି । ପୂର୍ବରୁ ହୋଇଥିବା ସେମି ଫାଇନାଲରେ ଡୁଙ୍ଗୁରିପାଲି ଦଳ ବାଞ୍ଜିପାଲି ଏକାଦଶକୁ ଏବଂ ଥୁଆପାଲି ଦଳ ଘିଚାପାଲିକୁ ପରାସ୍ତ କରି ଫାଇନାଲ ଖେଳିବାକୁ ଯୋଗ୍ୟତା ହାସଲ କରିଥିଲେ । ଉଦଯାପନୀ ଉତ୍ସବରେ ଚିଚିଣ୍ଡା ସମିତି ସଭ୍ୟ ମୁକେଶ ସାହୁ ମୁଖ୍ୟଅତିଥି ଏବଂ ମନବୋଧ ମେହେର ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ରେଫରୀ ଛାୟାକାନ୍ତ ତରିଆ, ଜୟନ୍ତ ମେଣ୍ଡଲୀ, ସରୋଜ ପାଣ୍ଡେ ଏବଂ ସୂର୍ଯ୍ୟ ମାଝୀ ଖେଳଗୁଡ଼ିକୁ ପରିଚାଳନା କରିଥିଲେ । ଏହି ପ୍ରତିଯୋଗିତାରେ ଲୁପୁରସିଂହା, ବାଞ୍ଜିପାଲି, ଭେଜିପାଲି, ପପଙ୍ଗା, ଡୁଙ୍ଗୁରିପାଲି, ଜାମଟିକ୍ରା, ଘିଚାପାଲି ଏବଂ ଥୁଆପାଲି ଦଳ ଅଂଶଗ୍ରହଣ କରିଥିଲେ ।



ନିଜର ଦୁର୍ବଳତା କେଉଁଠି ଅଛି, ତାହା ଜାଣି ନ ପାରିବା ହେଉଛି ସବୁଠାରୁ ବଳି ଦୁର୍ଭାଗ୍ୟ।
- କାର୍ଲାଇଲ

■ ଅମରପାଲି ନୋଡାଲ ସ୍କୁଲରେ ଶିକ୍ଷକ ସମସ୍ୟା

# ନିଯୁକ୍ତି ଦାବିରେ ଗ୍ରାମବାସୀ ବିଇଓଙ୍କୁ ଫେରାଦ

**ଅମରପାଲି, ୮।୯ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି ନୋଡାଲ ୟୁପି ସ୍କୁଲରେ ଶିକ୍ଷକ ନିଯୁକ୍ତି ଦେବା ପାଇଁ ଗ୍ରାମବାସୀ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)ଙ୍କୁ ଶୁକ୍ରବାର ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁସାରେ ଉକ୍ତ ସ୍କୁଲଟି ଜିଲାର ଏକ ପ୍ରତିଷ୍ଠିତ ଓ ସର୍ବପୁରାତନ ସ୍କୁଲ ଅଟେ। ୧୯୫୫ ମସିହାରେ ସ୍ଥାପିତ ହୋଇଥିବା ଉକ୍ତ ସ୍କୁଲରେ ଏବେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଅଛି। କ୍ରମାଗତ ଭାବରେ ଉକ୍ତ ସ୍କୁଲ ଜିଲାର ଶ୍ରେଷ୍ଠ ସ୍କୁଲ ଭାବେ ମଧ୍ୟ ପୁରସ୍କୃତ ହୋଇସାରିଛି। ଏବେ ଉକ୍ତ ସ୍କୁଲରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀରେ ୧୩ଜଣ ଲେଖାଏ ଥିବା ବେଳେ ତୃତୀୟ ଓ ଚତୁର୍ଥ ଶ୍ରେଣୀରେ ୧୮ଜଣ ଲେଖାଏ, ପଞ୍ଚମ ଶ୍ରେଣୀରେ ୧୭ ଜଣ, ଷଷ୍ଠ ଶ୍ରେଣୀରେ ୭୮ ଜଣ, ସପ୍ତମ ଶ୍ରେଣୀରେ ୬୮ ଜଣ ଓ ଅଷ୍ଟମ ଶ୍ରେଣୀରେ ୧୦୨ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି।



ଅମରପାଲି ଗ୍ରାମବାସୀ ଶିକ୍ଷକ ନିଯୁକ୍ତି ପାଇଁ ବିଇଓଙ୍କୁ ଅଭିଯୋଗ କରିବାକୁ ଆସିଛନ୍ତି।

ସ୍କୁଲରେ ଅଧ୍ୟୟନ କରୁଥିବା ସମୁଦାୟ ୩୨୭ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୩୩ ଜଣ ଛାତ୍ରୀ ଓ ୧୯୪ ଜଣ ଛାତ୍ର ଅଟନ୍ତି। ମାତ୍ର ଏବେ ଉକ୍ତ ସ୍କୁଲରେ ଛାତ୍ରୀଛାତ୍ରଙ୍କ ତୁଳନାରେ ଶିକ୍ଷକ ସଂଖ୍ୟା କମ୍ ଅଛନ୍ତି। ସବୁଠାରୁ ବଡକଥା ହେଲା ଶ୍ରେଣୀ ଗୃହଗୁଡିକ ଛୋଟ ଛୋଟ ହୋଇଥିବା ବେଳେ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ରମାନେ ଶ୍ରେଣୀ ଗୃହରେ ବସିପାରୁ ନାହାନ୍ତି। ତେଣୁ ଏହି ତିନି ଶ୍ରେଣୀ ପାଇଁ ସେକସନ୍‌ର ଆବଶ୍ୟକତା ରହିଛି। ଏପରି ସ୍ଥଳେ ସ୍କୁଲରେ ଏବେ ୮ ଜଣ ଶିକ୍ଷକ ଓ ଜଣେ ଶିକ୍ଷୟିତ୍ରୀଙ୍କୁ ପାଠ ପଢ଼ାଇବାରେ ସମସ୍ୟା ହେଉଛି। ସ୍କୁଲରେ ଶିକ୍ଷକ ଥିବା ପ୍ରଦୀପ ଜଗଦଲାଙ୍କୁ ସିଆରସିସିର ଦାୟିତ୍ୱ ଦେବା ସହିତ ଆଉ ଜଣେ ଶିକ୍ଷକଙ୍କୁ କିଛି ଦିନ ପୂର୍ବରୁ ଅନ୍ୟତ୍ର ବଦଳି କରାଯାଇଛି। ତେଣୁ ସ୍କୁଲରେ ଏବେ ପାଠପଢ଼ାରେ ବହୁତ ସମସ୍ୟା ଦେଖାଯାଉଛି। ଏନେଇ ବହଲପଦର ସମିତି ସଭ୍ୟ ପୀତାମ୍ବର ସାହୁଙ୍କ ସମେତ ସ୍କୁଲ ପରିଚାଳନା କମିଟିର ସଭାପତି ନିର୍ମଳ ଚନ୍ଦ୍ର ସାହୁ, ଦୁର୍ଯ୍ୟୋଧନ ପଧାନ, ସନ୍ତୋଷ ସାହୁ, ନାରାୟଣ କମିଲ, ଗଣେଶ ସାହୁ, ବିନୋଦ ସେଠୀ, ବିହାରୀ ଦେହେରୀ, ପୀତାମ୍ବର ପଧାନ ପ୍ରମୁଖ ବିଇଓଙ୍କୁ ଭେଟି ଗ୍ରାମବାସୀଙ୍କ ସ୍ୱାକ୍ଷରିତ ଅଭିଯୋଗପତ୍ର ପ୍ରଦାନ କରି ଯଥାଶୀଘ୍ର ଆଉ ୨ଜଣ ଶିକ୍ଷକଙ୍କୁ ନିଯୁକ୍ତି କରିବାକୁ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଆଗକୁ ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ମଧ୍ୟ ଦେଇଛନ୍ତି। ଏ ନେଇ ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାରଙ୍କୁ ଯୋଗାଯୋଗ କରିବାରୁ ସେ ଉକ୍ତ ସ୍କୁଲରେ ଶିକ୍ଷକ ସମସ୍ୟା କଥାକୁ ସ୍ୱୀକାର କରିଛନ୍ତି। ଉକ୍ତ ସ୍କୁଲରେ ଅଧିକ ଛାତ୍ରୀ ଥିବାରୁ ଜଣେ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ଦିଆଯାଇଛି। ୭ଦିନ ମଧ୍ୟରେ ଆଉ ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ। ତେଣୁ ବିଭାଗ ଉକ୍ତ ସ୍କୁଲର ସମସ୍ୟାକୁ ଦୃଷ୍ଟି ଦେଇ ଯଥାଶୀଘ୍ର ଶିକ୍ଷକ ନିଯୁକ୍ତି ଦେବାକୁ ସାଧାରଣରେ ଦାବି ହେଉଛି।

## ସଂକ୍ଷେପରେ

### ସାମାଜିକକର୍ମୀଙ୍କ ସହାୟତାରେ ପ୍ରେମୀଯୁଗଳଙ୍କ ବିବାହ ହେଲା

**ସୋନପୁର,୮।୯(ନି.ପ୍ର.):** ସାମାଜିକକର୍ମୀଙ୍କ ଉଦ୍ୟମ କ୍ରମେ ସୋନପୁର ପଶ୍ଚିମ ସୋମନାଥ ମନ୍ଦିରରେ ଶନିବାର ପ୍ରେମୀଯୁଗଳଙ୍କ ବିବାହ ସମ୍ପନ୍ନ ହୋଇଛି । ଦଶରଥପୁରର ଆନନ୍ଦ ନାଏକ ଓ ଖମ୍ଭେଶ୍ୱରୀପାଲିର ସୁକାନ୍ତି ବେହେରାଙ୍କ ଏହି ବିବାହ ବୈଦିକ ରୀତି ଅନୁଯାୟୀ ହୋଇଥିଲା। ଦୁହେଁ ପ୍ରାପ୍ତ ବୟସ୍କ ହୋଇଥିଲେ ହେଁ ଭିନ୍ନ ଭିନ୍ନ ଜାତିର ହୋଇଥିବାରୁ ଏକ ପ୍ରକାର ସାମାଜିକ ବାସନ୍ଦ ହୋଇଥିଲେ। ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ର ପକ୍ଷରୁ ଉଭୟ ପରିବାର ମଧ୍ୟରେ ମିଳାମିଶା ପାଇଁ ଉଦ୍ୟମ ହୋଇଥିଲା। ଉଭୟ ପକ୍ଷଙ୍କ ସହମତି ପରେ ଏହି ବିବାହ ସମ୍ପନ୍ନ ହେବା ସହିତ ଭୋଜି ହୋଇଥିଲା। ସୁବର୍ଣ୍ଣାର ଅଧକ୍ଷା ମୀନା ମହାରଣା, ଉପଦେଷ୍ଟା ପ୍ରଫେସର ନାରାୟଣ ପ୍ରସାଦ ରାୟଗୁରୁ, ଅଜିତ କୁମାର ପାଣିଗ୍ରାହୀ, ମିନତି ସାହୁ, ଭଗବତୀ ରାୟଗୁରୁ ଏଥିରେ ସହଯୋଗ କରିଥିଲେ। ଗୋରେଖନାଥ ସାହୁ, ସାମାଜିକକର୍ମୀ ଶ୍ରୀବତ୍ସ ମଲ୍ଲିକ, ଇନ୍ଦୁମତୀ ପୁରୋହିତ, ସମ୍ବିତ ନନ୍ଦ, ବସନ୍ତ ମଞ୍ଜରି ମିଶ୍ର, ମମତା ବିଦ୍ୟାଧର, ଶ୍ରଦ୍ଧାଞ୍ଜଳି ମିଶ୍ର ଓ ଦ୍ୱାରିକା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶନିବାର ନାରୀ ଜାଗରଣ କେନ୍ଦ୍ରରେ ମୋଟ ତିନୋଟି ପାରିବାରିକ ମାମଲାର ଆପୋଷ ସମାଧାନ ହୋଇଥିଲା।



### ପାଣିରେ ବୁଡି ରହିଛି ଚାଷ ଜମି

**ଅମରପାଲି, ୮।୯(ଡି.ଏନ.ଏ.):** ଲଗାଣବର୍ଷାରେ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କୋଟସମଲାଇ ଅଞ୍ଚଳରେ ମାତ୍ରାଧିକ କ୍ଷୟକ୍ଷତି ହୋଇଛି । ଅନେକ ମାଟି ଘର ଭାଙ୍ଗି ଯାଇଥିବା ବେଳେ ଚାଷୀଙ୍କ ଚାଷଜମି ପାଣିରେ ବୁଡ ରହିଛି । ଅନେକ ଚାଷ ଜମି ବାଲିଚର ହୋଇଯାଇଛି । କୋଟସମଲାଇ ଗ୍ରାମର କୃଷ୍ଣଚନ୍ଦ୍ର ସେଠୀ, ଶୁଭାଷିନୀ ମନ୍ତା, ରବି ନାରାୟଣ ସାହୁ, ଚମରା ସେଠୀ, ଭିକାରୀ ସେଠୀ, ନରେନ୍ଦ୍ର ବାଘ, ହୁଁକାର ଗଡୁଆଁ, ଶମ୍ଭୁ କର୍ମୀ, ଗିରିଜା ଶଙ୍କର ମେଣ୍ଡିଲି, ପୂର୍ଣ୍ଣଚନ୍ଦ୍ର ବାଘ, ହରିବାର କୁଟିଆ, ସନ୍ତୋଷ ମେଣ୍ଡିଲି ପ୍ରମୁଖଙ୍କ ଚାଷ ଜମି ପାଣିରେ ବୁଡି ରହିଛି। ତେଣୁ ଉକ୍ତ ଚାଷୀମାନଙ୍କୁ ଯଥାଶୀଘ୍ର କ୍ଷତିପୂରଣ ପ୍ରଦାନ କିବାକୁ ସାଧାରେଣରେ ଦାବି ହେଉଛି ।

### ନୂଆଁଖାଇ ଭେଟ୍‌ଘାଟ୍ ପାଇଁ ପ୍ରସ୍ତୁତି

**ସୋନପୁର,୮।୯(ନି.ପ୍ର.)**

ସୁବର୍ଣ୍ଣପୁରରେ ନୂଆଁଖାଇ ଭେଟ୍‌ଘାଟ୍ ଉତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ଆୟୋଜନ କମିଟି ପକ୍ଷରୁ ସେପ୍ଟେମ୍ବର ୧୩ ତାରିଖ ଅପରାହ୍ନରେ ମା' ସୁରେଶ୍ୱରୀ ମନ୍ଦିର ଠାରୁ ଏକ ବାଇକ୍ ରାଲି ବାହାରିବ। ଏଥିରେ ସହରର ସମସ୍ତ ବସ୍ତି ଅଞ୍ଚଳର ଲୋକଙ୍କୁ ନୂଆଁଖାଇ ଯାତ୍ରାର କାର୍ଯ୍ୟକ୍ରମରେ ସାମିଲ ହେବାକୁ କମିଟି ପକ୍ଷରୁ ନିମନ୍ତ୍ରଣ କରାଯିବ। ୧୪ତାରିଖ ସକାଳେ ମା' ସମଲେଇ ମନ୍ଦିରଠାରୁ ପାହୁର ଯାତ୍ରା ଆରମ୍ଭ ହୋଇ ସହର ପରିକ୍ରମା କରିବା ପରେ ଇଷ୍ଟଦେବୀ ସୁରେଶ୍ୱରୀଙ୍କ ପୀଠରେ ପହଞ୍ଚିବାର କାର୍ଯ୍ୟକ୍ରମ ବୃତାନ୍ତ ହୋଇଛି। ସନ୍ଧ୍ୟାରେ ସଂସ୍କୃତି ବିଭାଗ ସହାୟତାରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ସ୍ଥାନୀୟ ଭୀମଭୋଇ କଳା ମଣ୍ଡପଠାରେ ସାଂସ୍କୃତିକ କାଯର୍ୟକ୍ରମ ପରିବେଷଣ କରାଯିବ ବୋଲି କମିଟିର ସଭାପତି ଅଭିମନ୍ୟୁ କୁଶଳ, ଉପଦେଷ୍ଟା ଶ୍ରୀବତ୍ସ ମଲ୍ଲିକ ଓ ଉପଦେଷ୍ଟା ଶ୍ୟାମା ଓମ୍ ପ୍ରସାଦ ମିଶ୍ର ଜଣାଇଛନ୍ତି।

# ଜାତୀୟ ପୁଷ୍ଟି ସପ୍ତାହ ପାଳିତ

**ସୋନପୁର, ୮।୯(ନି.ପ୍ର.)**

ଜିଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଜାତୀୟ ପୁଷ୍ଟି ସପ୍ତାହ ଜିଲାପାଳଙ୍କ ସଭାଗୃହରେ ପାଳିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଓ ଡିଆରଡିଏ ପିଡି ସୂର୍ଯ୍ୟନାରାୟଣ ଦାଶ ଯୋଗ ଦେଇଥିଲେ। ଜିଲାରେ କୌଣସି ଶିଶୁ ଯେମିତି ଅପପୁଷ୍ଟିର ଶିକାର ନ ହେବେ ସେଥିପ୍ରତି ଦୃଷ୍ଟି ଦେବା ସହିତ ଏଥିପାଇଁ ଥିବା ବିଭିନ୍ନ ଯୋଜନାର ସଫଳ ରୂପାୟନ ଉପରେ ଧ୍ୟାନ ଦେବାକୁ ବିଭାଗୀୟ ଅଧିକାରୀ, ସିଡିପିଓ ଓ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନଙ୍କୁ ଜିଲାପାଳ ମିଶ୍ର ପରାମର୍ଶ ଦେଇଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ମହାପାତ୍ର ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଡିପିଏଚଓ ପରିବାର କଲ୍ୟାଣ ଡାକ୍ତର ଦୈତ୍ୟନାରାୟଣ ପାଢୀ, ଡିପିସି ବେଣୁଧର ବେହେରା, ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ, ଜିଲା ସମାଜ ମଙ୍ଗଳ ବିଭାଗ କାର୍ଯ୍ୟକ୍ରମ ଅଧିକାରୀ ଅନୀତା ଗୁରୁ ଓ ଜ୍ୟୋତିରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ପ୍ରବନ୍ଧ ପ୍ରତିଯୋଗିତାର କୃତି ପ୍ରତିଯୋଗିମାନଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ପୁଷ୍ଟିକର ଖାଦ୍ୟ ପ୍ରତିଯୋଗିତା ଓ ପ୍ରଦର୍ଶନ ତଥା କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।


ସପ୍ତାହ ପାଳନ ଅବସରରେ ମଞ୍ଚାସୀନ ଅତିଥି ବୃନ୍ଦ।

# ୨ ବୃହତ ଉଠା ଜଳସେଚନ ପ୍ରକଳ୍ପ ଉଦ୍‌ଘାଟିତ

**ସୋନପୁର,୮।୯(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକର ଅଇଁଲାପାଲି ଓ ଗୁଞ୍ଜିମୁଣ୍ଡା ପାର୍ବତୀ ଗିରି ବୃହତ ଉଠା ଜଳସେଚନ ପ୍ରକଳ୍ପ ଶନିବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫେରିଙ୍ଗ୍ ଜରିଆରେ ଏହି ପ୍ରକଳ୍ପଦ୍ୱୟର ଉଦ୍‌ଘାଟନ କରିଥିଲେ। ତେଲନଦୀ ବେସିନରେ ଏହି ପ୍ରକଳ୍ପ ନିର୍ମାଣ ହୋଇଛି। ଖରିଫ ଋତୁରେ ୨୩୦୦ ହେକ୍ଟର ଜମିରେ ଜଳସେଚିତ ହେବା ନେଇ ଲକ୍ଷ୍ୟ ରହିଛି। ଅଇଁଲାପାଲି ପ୍ରକଳ୍ପର ମୂଲ୍ୟ ୨୬.୫୨କୋଟି ଓ ଗୁଞ୍ଜିମୁଣ୍ଡା ପ୍ରକଳ୍ପର ମୂଲ୍ୟ ୧୪.୧୪ କୋଟି। ପ୍ରକଳ୍ପ ଦ୍ୱାରା ୪ଟି ପଞ୍ଚାୟତର ୨୫ଟି ଗ୍ରାମର ଚାଷୀ ଉପକୃତ ହେବେ। ରାଜ୍ୟ ସରକାର ତେଲନଦୀରେ ବ୍ୟାରେଜ୍ ନିର୍ମାଣ କଲେ ରବିଋତୁରେ ମଧ୍ୟ ଜମି ଜଳସେଚିତ ହୋଇପାରିବ ବୋଲି ସୂଚନା ମିଳିଛି। ଠିକା ପାଇଥିବା ସଂସ୍ଥା ୫ବର୍ଷ ପାଇଁ ବିଦ୍ୟୁତ୍ ଦେୟ ପ୍ରଦାନ ସହିତ ପ୍ରକଳ୍ପର ମରାମତି ଓ ପରିଚାଳନା କରିବ। ଶୁକ୍ରବାର ପୂର୍ବାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଥିବା ଓସୱାନ(ଓଡିଶା ଷ୍ଟେଟ୍ ୱାଇଡ୍ ଏରିଆ ନେଟ୍‌ୱାର୍କ) ଭିଡିଓ କନ୍‌ଫେରେନ୍ସ କକ୍ଷରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମର ସିଧା ପ୍ରସାରଣ ପାଇଁ ବିଶେଷ ବ୍ୟବସ୍ଥା ହୋଇଥିଲା। ଜିଲାପାଳ ମଧୁସୂଦନ ମିଶ୍ର, ଡିଆରଡିଏ ପିଡି ସୂର୍ଯ୍ୟନାରାୟଣ ଦାଶ, ତରଭା ବ୍ଲକ ଅଧକ୍ଷା ସସ୍ମିତା ମଲ୍ଲିକ, ଜିଲା ପରିଷଦ ସଭ୍ୟ ସରୋଜ କମ୍ପ, ପ୍ରବୀଣ ନାଗ, ଜିଲା ଉପକୃଷି ନିର୍ଦ୍ଦେଶକ ସନ୍ତୋଷ କୁମାର ଜେନା, ଜିଲା ଇ-ଗଭର୍ଣ୍ଣାନ୍ସ ପରିଚାଳକ ଗୁପ୍ତେଶ୍ୱର ରଣା ଓ ଚାଷୀ ପ୍ରତିନିଧି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।


 କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲାପାଳ, ଅନ୍ୟ ପ୍ରଶାସନିକ ଅଧିକାରୀ ଓ ଲୋକ ପ୍ରତିନିଧି।

**ତରଭା ବ୍ଲକ**
- ■ ପ୍ରକଳ୍ପ ମୂଲ୍ୟ ୪୦.୬୬ କୋଟି
- ■ ଖରିଫରେ ୨୩୦୦ ହେକ୍ଟର ଜମି ଜଳସେଚିତ ହେବ

# ବର୍ଷା ଛାଡିଛି, ଦୁର୍ଦ୍ଦଶା କମିନି

## ୪ ଦିନ ହେଲା ବାଉରୀଯୋର ପୋଲ ଉପରେ ଚାଲିଛି ବନ୍ୟାଜଳ

**ବୀରମହାରାଜପୁର, ୮।୯(ଡି.ଏନ.ଏ.)**

ଚଳିତବର୍ଷ ବର୍ଷାରେ ସୁବର୍ଣ୍ଣପୁର ଜିଲାର ବୀରମହାରାଜପୁର ବ୍ଲକ ଦେଇ ପ୍ରବାହିତ ବାଉରିଯୋର ଜନସାଧାରଣଙ୍କ ପାଇଁ କାଳ ସାଜିଛି । ଲଗାଣବର୍ଷା ହେଲେ କିମ୍ବା ମହାନଦୀରେ ବନ୍ୟା ଆସିଲେ ତାର ପିଛିଲା ପାଣିରେ ଉକ୍ତ ଯୋରରେ ଥିବାଏକ ମାତ୍ର ପୋଲଟି ବୁଡିଯାଉଛି । ଫଳରେ ବହୁ ଦିନ ଧରି ବୀରମହାରାଜପୁରଠାରୁ ରେଢଖୋଲ, ବୌଦ୍ଧ ଓ ଆଠମଲ୍ଲିକକୁ ସଡ଼କ ପଥରେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି । କେବଳ ସେତିକି ନୁହେଁ, ଏଭଳି ସ୍ଥିତି ବୀରମହାରାଜପୁର ବ୍ଲକର ସୀମାନ୍ତ ପିତା ମହୁଲ ଗ୍ରାମପଞ୍ଚାୟତକୁ ଦୁଇଫାଳ କରି ପକାଉଛି । ଏଠାକାର ୫ଟି ଗ୍ରାମ ଦୁରଦୁରା, ଗରିଆମୁଣ୍ଡା, ଠାକୁରପୁର, କୁଞ୍ଜାମହୁଲ ଓ ଭୁଲେଶ୍ୱରର ଅଧିବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ସୂଚନା ଅନୁଯାୟୀ, ଏହି ଅଞ୍ଚଳରେ ଗତ ୫ ତାରିଖଠାରୁ ଦୁଇଦିନ ବ୍ୟାପୀ ମୂଷଳଧାରାରେ ବର୍ଷା ହୋଇଥିଲା। କେବଳ ୭ ତାରିଖ ଗୋଟିଏ ଦିନ ୧୩୫ ମି.ମି. ବର୍ଷା ରେକର୍ଡ କରାଯାଇଛି ।ଅବିଶ୍ରାନ୍ତ ବର୍ଷା ଯୋଗୁ ଏହି ବ୍ଲକର ବ୍ୟାପକ କ୍ଷୟକ୍ଷତି ଘଟିଥିବା ଜଣାପଡିଥିବାବେଳେ ୩ ପଡୋଶୀ ଜିଲା ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ଏଥିଯୋଗୁ ନାନା ସମସ୍ୟା ସୃଷ୍ଟି କରିଛି । ଜନସାଧାରଣଙ୍କ ଗମନାଗମନ ସମସ୍ୟାକୁ ଲାଘବ କରିବା ପାଇଁ ସ୍ଥାନୀୟ ସରପଞ୍ଚ ସରୋଜ କୁମାର ବାରିକଙ୍କ ପ୍ରୟାସକ୍ରମେ ପଞ୍ଚାୟତ ପକ୍ଷରୁ ୨ଟି ଦେଶୀ ଡଙ୍ଗାର ବ୍ୟବସ୍ଥା କରାଯାଇଛି ,ଯାହାକି ଏବେ ଏକମାତ୍ର ଭରସା ପାଲଟିଛି । ଚଳିତବର୍ଷ ପୂର୍ତ୍ତ ବିଭାଗ ଅଧୀନରେ ଆରମ୍ଭ ହୋଇଥିବା ହାଏଲେଭଲ ବ୍ରିଜ ନିର୍ମାଣାଧୀନ ରହିଛି ଏବଂ ତାହା ଆଗାମୀ ୬ମାସ ମଧ୍ୟରେ ଶେଷ ହେବାର ସମ୍ଭାବନା ଦିଶୁନାହିଁ । ଏଭଳି ପରିସ୍ଥିତି ଯୋଗୁ ଚଳିତ ବର୍ଷା ଦିନରେ ୫ମ ଥର ପାଇଁ ବଉରିଯୋର ପୋଲ ଉପରେ ବନ୍ୟାପାଣି ପ୍ରବାହିତ କାରଣରୁ ରାସ୍ତା ବିଚ୍ଛିନ୍ନ ହୋଇଛି ।


ବାଉରିଯୋର ପୋଲ ଉପରେ ବନ୍ୟାପାଣି ପ୍ରବାହିତ ହେଉଥିବାରୁ ଲୋକମାନେ ଯାତାୟତ ପାଇଁ ଦେଶୀ ଡଙ୍ଗା ଚାଲିଛି ।

ବୀରମହାରାଜପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ

# ସହମତିରେ ଅସୁଲି ହେଲା ଖିଲାପି ଋଣ

**ବୀରମହାରାଜପୁର, ୮।୯ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ସଦର ମହକୁମାସ୍ଥିତ ବରିଷ୍ଠ ଦେୱାନୀ ଜଜ୍‌ଙ୍କ ଅଦାଲତ ପରିସରରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ତାଲୁକ ଆଇନ ସେବା ସମିତି ତରଫରୁ ଉକ୍ତ ଲୋକ ଅଦାଲତ ଆୟୋଜିତ ହୋଇଥିଲା। ସମିତି ସଭାପତି ତଥା ବୀରମହାରାଜପୁର ବରିଷ୍ଠ ଦେୱାନୀ ତଥା ସରକାରୀ ଦୌରାଜଜ ମାନସ ରଞ୍ଜନ ରଥଙ୍କ ତଥ ତତ୍ତ୍ୱାବଧାନରେ ଆଗତ ମାମଲାଗୁଡିକରେ ପରିଚାଳନା କରାଯାଇଥିଲା। ଏଥିରେ ସହଯୋଗ କରିଥିଲେ ଏସ୍‌ଡିଜେଏମ୍ ଅବକାଶ ଚୌଧୁରୀ। ମିଳିଥିବା ସୂଚନାମତେ ରାଷ୍ଟ୍ରୀୟ ଅଦାଲତରେ ଆଗତ ଏକାଧିକ ମାମଲା ମଧ୍ୟରୁ ଉତ୍କଳ ଗ୍ରାମୀଣ ବ୍ୟାଙ୍କ, ବୀରମହାରାଜପୁର ଶାଖା ପକ୍ଷରୁ ଋଣ ଖିଲାପୀଦାରଙ୍କ ବିରୋଧରେ ରୁଜୁ ହୋଇଥିବା ଏକ ମୋକଦ୍ଦମାରେ ୧ଲକ୍ଷ ୪୩ ହଜାର ଟଙ୍କା ପକ୍ଷଙ୍କ ସହମତି ଭିତ୍ତିରେ ଆଦାୟ କରାଯାଇଥିଲା। ବ୍ୟାଙ୍କ ପକ୍ଷରୁ ଶାଖା ପରିଚାଳକ ନେତ୍ରାନନ୍ଦ ନାୟକ ଓ ବ୍ୟାଙ୍କ ଓକିଲ ବିଷ୍ଣୁ ଚରଣ ପଣ୍ଡା ଉପସ୍ଥିତ ରହିଥିଲେ। ସେହିପରି ଲୋକ ଅଦାଲତରେ ବାର ଆସୋସିଏଶନ ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରି, ସହସମ୍ପାଦକ ସନ୍ତୋଷ କୁମାର ଚାନ୍ଦ, ସରକାରୀ ଓକିଲ ମଧୁସୂଦନ ଆଚାର୍ଯ୍ୟ, ଶ୍ରୀନିବାସ ଚାନ୍ଦ, ଆଡ୍‌ଭୋକେଟ ଶଙ୍କର୍ଷଣ ପଣ୍ଡା, ଚିତ୍ତରଞ୍ଜନ ସେଠୀ ଓ ଉମାଶଙ୍କର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ମାମଲା ସମାଧାନରେ ସହାୟତା କରିଥିଲେ। ସମିତି ତରଫରୁ ତ୍ରିଦେବ ମିଶ୍ର ଅଦାଲତ ଆୟୋଜନରେ ସହଯୋଗ କରିଥିଲେ। ଏଥର ରାଷ୍ଟ୍ରୀୟ ଲୋକ ଅଦାଲତର ଭାରତୀୟ ଷ୍ଟେଟବ୍ୟାଙ୍କ, ବୀରମହାରାଜପୁର ଶାଖାର ପରିଚାଳକ ଅନୁପସ୍ଥିତ ରହୁଥିବାରୁ ଓଟିଏସ ପାଇଁ ଆଗ୍ରହୀ ଥିବା ପକ୍ଷ ନିରାଶ ହୋଇ ଫେରିଥିବା ଅଭିଯୋଗ ହୋଇଛି।


ଅଦାଲତ ପରିସରରେ ଅନୁଷ୍ଠିତ ଲୋକ ଅଦାଲତରେ ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ, ବିଚାରପତିଙ୍କ ସହ ଆଇନଜୀବୀ।

# ସୁବର୍ଣ୍ଣପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ

## ୨୩ ମାମଲାର ଫଇସଲା, ୧୦ଲକ୍ଷ ୫୬ହଜାର ଆଦାୟ

**ସୋନପୁର,୮।୯(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲା ଦୌରାଜଜ୍ କୋର୍ଟ ପରିସରରେ ଏକ ରାଷ୍ଟ୍ରିୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଦେୱାନୀ, ଫୌଜଦାରୀ, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ୍ ଓ ଜଳଯୋଗାଣ, ପାରିବାରିକ, ଜମି ଅଧିଗ୍ରହଣ, ଶ୍ରମ ବିବାଦ ଓ ଚେକ୍ ବାଉନ୍ସ ଇତ୍ୟାଦି ମକଦ୍ଦମାର ଆପୋଷ ସହମତିରେ ସମାଧାନ ହୋଇଥିଲା। ୨୩ଟି ମାମଲାର ଫଇସଲା ହୋଇ ସର୍ବମୋଟ ୧୦ଲକ୍ଷ ୫୬ହଜାର ୭୦୧ଟଙ୍କା ଆଦାୟ କରାଯାଇଛି । ସେଥିମଧ୍ୟରୁ ବିଭିନ୍ନ ଅଦାଲତରେ ବିଚାରଧୀନ ଥିବା ୭ଟି ବ୍ୟାଙ୍କ ଋଣ ଆଦାୟ ବାବଦକୁ ୩ଲକ୍ଷ ୪୧ହଜାର ୮୪୮ଟଙ୍କା, ୭ଟି ଜଳଯୋଗାଣ ମାମଲାର ବାଚାର କରି ୩୨ହଜାର ୭୮୪ଟଙ୍କା ଓ ୯ଟି ବକେୟା ମାମଲାର ବିଚାର ୬ଲକ୍ଷ ୮୨ହଜାର ୬୯ଟଙ୍କା ଆଦାୟ କରାଯାଇଛି।

ସେହିପରି ଏହି ଲୋକ ଅଦାଲତରେ ଏକ ବୈବାହିକ ବିବାଦର ଆପୋଷ ବୁଝାବଣାରେ ସମାଧାନ ହୋଇଛି। ଜିଲା ଦୌରାଜଜ ତଥା ଜିଲା ଆଇନସେବା ପ୍ରାଧିକରଣର ଅଧକ୍ଷ ରାଜ କୁମାର ସାହୁ, ବରିଷ୍ଠ ଦେୱାନୀ ଜଜ୍ ସନ୍ଦୀପ ପଟ୍ଟନାୟକ ଓ ଜିଲା ଆଇନସେବା ପ୍ରାଧିକରଣ ସମ୍ପାଦିକା ସୁନିତା ପଟ୍ଟନାୟକ ଯୋଗଦେଇ ସୋନପୁରର ବାସୁଦେବ ନାୟକ ଓ ବରଗଡ ଜିଲା ଭେଡେନର ରୋଜାଲିନ ନାୟକ ଅଲଗା ହୋଇ ରହିଥିବା ଏକ ଛାଡପତ୍ର ମାମଲାର ହସ୍ତକ୍ଷେପ କରି ଉଭୟ ସ୍ତ୍ରୀସ୍ୱାମୀଙ୍କ ମଧ୍ୟରେ ଆପୋଷ ମିଳାମିଶା କରି ଉଭୟଙ୍କୁ ନିଜ ଘରକୁ ପେରାଇ ଦେବାର ନିର୍ଦ୍ଦେଶ ଦେଇଥିଲେ । ଫଳରେ ଦୀର୍ଘଦିନରୁ ବିଚ୍ଛେଦ ଥିବା ଉଭୟ ସ୍ତ୍ରୀସ୍ୱାମୀ ଖୁସିରେ ଘରକୁ ଫେରିଥିଲେ। ଏହି ମିଳାମିଶା ମାମଲାରେ ଆଇନଜୀବୀ ଭଗବତୀ ମିଶ୍ର ଓ ରଶ୍ମିରଞ୍ଜନ ଦାସ ସହଯୋଗ କରିଥିଲେ। ଅତିରିକ୍ତ ଜିଲା ଦୌରାଜଜ୍ ଶ୍ୱେତା ମିଶ୍ର, ସିଜେଏମ ମଦନଲାଲ କେଡିଆ, ରେଜିଷ୍ଟ୍ରାର ସୀମା ତ୍ରିପାଠୀ, ସୋନପୁର ଏସ୍‌ଡିଜେଏମ ସୁକାନ୍ତ କିଶୋର ଜେନା, କୋର୍ଟ ପରିଚାଳକ ଅଚ୍ୟୁତ ସାମନ୍ତରାୟ, ସରକାରୀ ଓକିଲ ବ୍ୟୋମକେଶ ଦାଶ, ପ୍ରକାଶ କୁମାର ମିଶ୍ର, ଅଦ୍ୱୈତ କୁମାର ପଣ୍ଡା, ବାବୁଲାଲ ଦାଶ ପ୍ରମୁଖଙ୍କ ସହ ବିଭିନ୍ନ ମାମଲାର ସମାଧାନ ପାଇଁ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ନିଯୁକ୍ତ ଆଇନଜୀବୀ ମାନେ ଲୋକ ଅଦାଲତରେ ଯୋଗ ଦେଇଥିଲେ। ଏଥିରେ ଜିଲା ଅଦାଲତ ସମେତ ଜିଲା ଆଇନସେବା ପ୍ରାଧିକରଣର ରଘୁନାଥ ସାହୁ, ବିନ୍ଦୁସାର ମହାପାତ୍ର, କେଶବ ଗୁରୁ, ଅର୍ଜୁନ ବେହେରା, ଜୟପ୍ରକାଶ ମିଶ୍ର, ବିବେକାନନ୍ଦ ପଣ୍ଡା, ନରେନ୍ଦ୍ର କୁମାର ସିଂ ଓ ଶ୍ୟାମ ସୁନ୍ଦର ବାରିକ ପ୍ରମୁଖ ସହଯୋଗ କରିଥିଲେ।



ଲୋକ ଅଦାଲତରେ ଜିଲା ଦୌରାଜଜ୍ ଓ ଅନ୍ୟ ବିଚାରପତି ବୃନ୍ଦ।



"କୋମଳ ଉତ୍ତର କ୍ରୋଧକୁ ଦମନ କରେ, ମାତ୍ର କଟୁବାକ୍ୟ କୋପ ଜନ୍ମାଏ।
- ଯୀଶୁଖ୍ରୀଷ୍ଟ



## ସଂକ୍ଷେପରେ

### କାନ୍ଥ ପଡ଼ି ମା' ଝିଅ ଆହତ

ବଡଗାଁ, ୮।୯ (ଡି.ଏନ.ଏ.)- ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ରୂନଗାଁ ପଞ୍ଚାୟତର ବଡପଡା ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ବର୍ଷା ଯୋଗୁ ମାଟି କାନ୍ଥ ପଡ଼ି ମା' ଓ ଝିଅ ଆହତ ହୋଇଛନ୍ତି। ତେବେ ମାଟି କାନ୍ଥ ତଳୁ ମା'ଝିଅଙ୍କୁ ନାବାଳକ ପୁଅ ଉଦ୍ଧାର କରିଥିଲେ। ପ୍ରକାଶ ଯେ, ଅଜିତ କେର୍କେଟାଙ୍କ ଘରର ଗୋଟିଏ କୋଠରୀ ଧସିପଡିଥିଲା। ହେଲେ ତାଙ୍କ ସ୍ତ୍ରୀ ଭର୍ସୀଲା (୪୪) ଓ ସାନଝିଅ ରଶ୍ମିତା(୯) ଅଳ୍ପକେ ବର୍ତ୍ତିଯାଇଛନ୍ତି। ଉଭୟ ମା, ଝିଅ ସାମାନ୍ୟ ଆହତ ହୋଇଛନ୍ତି। ରାତି ୩ଟାରେ ମା, ଝିଅ ଶୋଇଥିବା ସ୍ଥାନରେ କାନ୍ଥ ବର୍ଷାରେ ଭିଜି ପଡିଯାଇଥିଲା। ରଶ୍ମିତା ମା ପେଟ ତଳେ ରହିଯାଇଥିଲେ ମଧ୍ୟ ମାଟିଖଣ୍ଡରେ ଉଭୟ ଏକ ପ୍ରକାର ପୋତି ହୋଇଯାଇଥିଲେ। ପାଖ କୋଠରୀରେ ଶୋଇଥିବା ଦଶମ ଶ୍ରେଣୀରେ ପଢୁଥିବା ପୁଅ ରୋଶନ ଶବ୍ଦ ଶୁଣି ମା ଓ ଭଉଣୀକୁ ଉଦ୍ଧାର କରିଥିଲେ।

### ଟିପ୍ପର ବାଇକ ଧକ୍କାରେ ତିନି ଆହତ

ଲହୁଣୀପଡା, ୮।୯(ଡି.ଏନ.ଏ.)- ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ନୂଆଡିହି ଛକ ନିକଟରେ ଶନିବାର ପ୍ଅପରାହ୍ନରେ ଟପ୍ପର ବାଇକ ଧକ୍କାରେ ୩ବାଇକ ଆରୋହୀ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଲହୁଣୀପଡା ଥାନା ଅନ୍ତର୍ଗତ କଲୋଇପୋଷ ବାହାଡଯୋଶୀରାଜ୍ୟ ରାଜପଥ ଖୁଣ୍ଟଗାଁସ୍ଥିତ ନୂଆଡିହି ଛକରେ ଶନିବାର ଅପରାହ୍ନରେ ଏହି ଦୁର୍ଘଟଣା ଘଟିଥିବା ଜଣାଯାଇଛି। ଓଡି୧୫ଜି ୫୬୨୮ ବାଇକ ଯୋଗେ ଲହୁଣୀପଡା ପଟୁ ରାମ ହାଇବୁରୁ, ମଙ୍ଗଳ ବେତ୍ରା ଏବଂ କୁନା ନାଏକ ବାହାଡା ପୋଶୀ ଆଡକୁ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଓଆର୦୯କେ ୦୧୬୬ ଟିପ୍ପର ସହିତ ଧକ୍କା ହୋଇଥିଲେ। ଫଳରେ ବାଇକ ଆରୋହୀମାନେ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତିଯାଇଥିଲେ ମଧ୍ୟ ବାଇକ ଟିପ୍ପର ତଳେ ପଡିଯାଇଥିଲା। ଆହତ ବାଇକ ଆରୋହୀମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ମଧ୍ୟ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଥିଲା। ବାଇକ ଆରୋହୀମାନେ ପାଲଲହଡା ଅଞ୍ଚଳର ବୋଲି ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି। କୁନା ନାଏକ ଅବସ୍ଥା ଗୁରୁତର ଥିବା ଜାଣିବାକୁ ଥିବାବେଳେ ଲହୁଣୀପଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି।

### ଚୋରି ଅଭିଯୋଗରେ ୩ ଗିରଫ

ଝାରସୁଗୁଡା ଅଫିସ,୮।୯-ଅଙ୍ଗନୱାଡି କେନ୍ଦ୍ରରୁ ଚୋରି କରିଥିବା ଅଭିଯୋଗରେ ବଡମାଲ ପୋଲିସ ଶନିବାର ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବଞ୍ଜାରି ଚିତୁଆପଡାର ମିଶ୍ର ଓରାମ, ନିରାକାର ଓରାମ ଏବଂ ଶିବୁ ଓରାମ। ଅଭିଯୁକ୍ତମାନେ ବଞ୍ଜାରୀ ଅଙ୍ଗନୱାଡିର ଖାଦ୍ୟସାମଗ୍ରୀ ଚୋରି କରି ନେଇଥିବା ଅଭିଯୋଗ ହୋଇଥିଲା।

## ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମାଣ

# ରାସ୍ତା କାଟି ପୋଲ ତିଆରି

ହେମଗିର, ୮।୯ (ଡି.ଏନ.ଏ.)

ହେମଗିର ବ୍ଲକ ଅନ୍ତର୍ଗତ ଆଙ୍କେଳବିରା ପଞ୍ଚାୟତ ମୁଖ୍ୟାଳୟଠାରୁ କୋଇଲି ଘୁଘୁର ପର୍ଯ୍ୟନ୍ତ ୮କି.ମି. ଦୈର୍ଘ୍ୟ ଏକ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ କାର୍ଯ୍ୟ ଚାଲୁ ରହିଛି। ଦୀର୍ଘଦିନରୁ ଏ ଅଞ୍ଚଳବାସୀଙ୍କ ଦାବିକୁ ଦୃଷ୍ଟିରେ ରଖି ସରକାରଙ୍କ ତରଫରୁ ଏହି ପ୍ରଧାନମନ୍ତ୍ରୀ ସଡକ ଦିଆଯାଇଛି। ଏହି ସଡକ ଦେଇ ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକର ପ୍ରାୟ ଅଧିକାଂଶ ଗ୍ରାମର ଲୋକେ ଝାରସୁଗୁଡା ଜିଲା ଲଖନପୁର ବ୍ଲକ କଦମଡିହି ପଞ୍ଚଗାଁ ତଥା ଛତିଶଗଡ଼ ରାଜ୍ୟର ଚନ୍ଦରପୁର

**ହେମଗିର ବ୍ଲକ**
- ଡାଇଭର୍ସନ ରାସ୍ତା ନାହିଁ
- ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ
- ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

ମାଁ ଚନ୍ଦ୍ରସେନୀ ପୀଠକୁ ଯାଇଥାନ୍ତି। ଏତଦବ୍ୟତୀତ ସୁନ୍ଦରଗଡ ଓ ଝାରସୁଗୁଡା ଜିଲାର ସୀମାନ୍ତରେ ଥିବା କୋଇଲି



ରାସ୍ତା କାଟି ପୋଲ ତିଆରି ଚାଲିଛି।

ଘୁଘୁର ଶୈବପୀଠକୁ ମଧ୍ୟ ପ୍ରତିଦିନ ଶ୍ରଦ୍ଧାଳୁମାନେ ଏହି ରାସ୍ତା ଦେଇ ଯାଇଥାଆନ୍ତି। ଏହି ରାସ୍ତା ବର୍ତ୍ତମାନ ନିର୍ମାଣଧୀନ ଥିବାରୁ ରୋହିଣୀ ଗାଁର ମୁଣ୍ଡରେ ଥିବା ରଏନା ଲେମ୍ବୁ ବଗିଚାଠାରେ ଏକ ପୋଲ କାର୍ଯ୍ୟ ଚାଲୁ ରହିଛି। ଦୀର୍ଘ ଦୁଇମାସ ହେବ ପୋଲ କାର୍ଯ୍ୟ ସରିନାହିଁ। ନିୟମ ମୁତାବକ ପୋଲ ତିଆରି ସ୍ଥାନରେ ଡାଇଭର୍ସନ ରାସ୍ତା ତଆରି କରିବା କଥା। କିନ୍ତୁ ସମ୍ପୃକ୍ତ କଣ୍ଟ୍ରାକ୍ଟର ଡାଇଭର୍ସନ ରାସ୍ତା ତିଆରି କରି ନ ଥିବାରୁ ଲୋକେ ତଥା ଗାଡି ମୋଟର ଯାତାୟତ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଏଥିଯୋଗୁ ଲୋକେ ରାସ୍ତା ତଳକୁ ଓହ୍ଲେଇଯିବା ଆସିବା କରୁଥିବାରୁ ଦୁର୍ଘଟଣା ମଧ୍ୟ ଘଟୁଛି। କଣ୍ଟ୍ରାକ୍ଟରକୁ ଗ୍ରାମବାସୀମାନେ ବାରମ୍ବାର କହୁଥିଲେ ମଧ୍ୟ କର୍ଣ୍ଣପାତ କରୁନାହାନ୍ତି। ବର୍ତ୍ତମାନ ଧୀରେ ଧୀରେ ଆକ୍ରୋଶ ଭାବ ବଢିବାରେ ଲାଗିଛି । ଏହାର ଆଶୁ ସମାଧାନ ନ କଲେ ଆଗାମୀ ଦିନରେ ଗଣ୍ଡଗୋଳର ରୂପ ନେବାର ଆଶଙ୍କା କରାଯାଉଛି। ତେଣୁ ଏ ଦିଗରେ ପ୍ରଶାସନ ଉଚିତ ପଦକ୍ଷେପ ନେବା ପାଇଁ ଲୋକଙ୍କ ଦାବି ହେଉଛି।

## ମୋମୋ ଅନ୍‌ଲାଇନ ଗେମ୍ ଆତଙ୍କ ରୋକିବାକୁ ପ୍ରୟାସ

# ପୋଲିସର ସଚେତନତା କାର୍ଯ୍ୟକ୍ରମ

ସୁନ୍ଦରଗଡ, ୮।୯ (ଡି.ଏନ୍.ଏ)

ମୋମୋ ଅନ୍‌ଲାଇନ ଗେମ ଆତଙ୍କକୁ ରୋକିବା ପାଇଁ ସୁନ୍ଦରଗଡ ଜିଲା ପୋଲିସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଜିଲା ପୋଲିସ ସମ୍ମିଳନୀ କକ୍ଷଠାରେ ସମସ୍ତ ଶିକ୍ଷାନୁଷ୍ଠାନଗୁଡିକର ଅଧ୍ୟକ୍ଷ, ପ୍ରଧାନ ଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷକ ଓ ପୋଲିସ ଅଧିକାରୀ ତଥା ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନେଇ ଏକ ସଚେତନତାଧର୍ମୀ ବୈଠକ ଅନୁଷ୍ଠିତ ହୋଇଥିଲା। ବ୍ଲୁ ହ୍ୱେଲ ପରେ ବର୍ତ୍ତମାନ ମୋମୋ ଅନଲାଇନ ଗେମ୍‌ର ଭୟାବହତା ଓ ଏହାର କୁପରିଣତି ସମ୍ପର୍କରେ ଏସ୍.ପି. ସୌମ୍ୟା ମିଶ୍ରା ଆଲୋଚନା କରିଥିଲେ। ଏ ଦିଗରେ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଓ ଅଭିଭାବକମାନେ ସଚେତନ ହୋଇ ଛାତ୍ରୀ, ଛାତ୍ର ଓ ପିଲାମାନଙ୍କ ଗତିବିଧି ଓ ପରିବର୍ତ୍ତିତ ଗତିବିଧି ଉପରେ ନଜର ରଖିବାକୁ ପରାମର୍ଶ ଦେଇଥିଲେ। ଏପରିକି ଆବଶ୍ୟକ ସ୍ଥଳେ ନିଜ ପିଲାମାନଙ୍କୁ ଏଣ୍ଡ୍ରୋଏଡ୍ ମୋବାଇଲ ଫୋନ୍‌ଠାରୁ ଦୂରେଇ ରଖିବାକୁ ପରାମର୍ଶ ଦେଇଥିଲେ। ଏପରିକି ଶିକ୍ଷାନୁଷ୍ଠାନ ପରିସରକୁ ମୋବାଇଲ ଫୋନ୍‌କୁ ବାରଣ ଦିଗରେ ମଧ୍ୟ ଛାତ୍ରୀଛାତ୍ର ମାନଙ୍କୁ ସ୍କୁଲ, କଲେଜ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେବା ଉପରେ ଏସ୍‌ପି ଗୁରୁତ୍ୱାରୋପ କରିଥିଲେ।

## ୧୦ରେ କଂଗ୍ରେସର ଭାରତ ବନ୍ଦ ଡାକରା

# ସୁନ୍ଦରଗଡ଼ ଜିଲାରେ ବନ୍ଦ ସଫଳ କରିବାକୁ ଆହ୍ୱାନ

ସୁନ୍ଦରଗଡ, ୮।୯ (ଡି.ଏନ୍.ଏ)

ଦେଶରେ କ୍ରମାଗତ ଭାବେ ତୈଳଦର ବୃଦ୍ଧି ପାଉଥିବାରୁ ଏହାର ପ୍ରତିବାଦରେ ଆସନ୍ତା ୧୦ତାରିଖ ସୋମବାର କଂଗ୍ରେସ ପକ୍ଷରୁ ଭାରତ ବନ୍ଦ ଡାକରା ଦିଆଯାଇଛି। ଏ ନେଇ ଶନିବାର ସନ୍ଧ୍ୟାରେ ଜିଲା କଂଗ୍ରେସ କମିଟି ପକ୍ଷରୁ ଜିଲା ସଭାପତି ବେଣୁମାଧବ ତ୍ରିପାଠୀ ସୂଚନା ଦେଇଛନ୍ତି। ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ଦରବୃଦ୍ଧି ଯୋଗୁ ସାଧାରଣ ଜନତାଙ୍କ ଉପରେ ଏହାର ବୋଝ ବଢିବାରେ ଲାଗିଛି। ଏଥିଯୋଗୁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଦିନକୁ ଦିନ ଏହି ସମସ୍ୟା ଉତ୍କଟ ହେବାରେ ଲାଗିଛି। ତୈଳଦର ବୃଦ୍ଧିକୁ ପ୍ରୋତ୍ସାହିତ କରାଯାଇ କେନ୍ଦ୍ର ସରକାରଙ୍କ ଦ୍ୱାରା ୧୧ଲକ୍ଷ କୋଟି ଟଙ୍କା ଲୁଟ କରାଯାଇଛି ବୋଲି ତ୍ରିପାଠୀ ପ୍ରକାଶ କରିଛନ୍ତି। ଏଣୁ ତୁରନ୍ତ ସରକାର ପେଟ୍ରୋଲ ଓ ଡିଜେଲ ଉପରୁ ଉତ୍ପାଦ ଟିକସ କମାଇ ଦରବୃଦ୍ଧିରେ ଲଗାମ ଲଗାଇବା ଆବଶ୍ୟକ ବୋଲି ସେ ପ୍ରକାଶ କରିଛନ୍ତି। ଏତଦ୍ ବ୍ୟତୀତ ତୈଳକୁ ଯଥାଶିଘ୍ର ଜିଏସ୍ ଟି ପରିସରଭୁକ୍ତ କରାଯିବା ଉଚିତ ବୋଲି କହିଛନ୍ତି। କଂଗ୍ରେସର ଏହି ବନ୍ଦ ଡାକରା ସାଧାରଣ ଜନତାଙ୍କ ଆନ୍ଦୋଳନ ବୋଲି କହିବା ସହ ଏଥିରେ ସମସ୍ତ ବର୍ଗର ଜନସାଧାରଣ ,ସାମାଜିକ ଓ ପରିବହନ ସଙ୍ଗଠନ ସମେତ ସଚେତନ ନାଗରିକମାନେ ସାମିଲ ହୋଇ ବନ୍ଦକୁ ସଫଳ କରିବା ପାଇଁ ଅନୁରୋଧ କରାଯାଇଛି। ସେହିପରି ବିଜେଡି ପକ୍ଷରୁ ସ୍ଥାନୀୟ ସର୍କିଟ ହାଉସଠାରେ ଶନିବାର ଅନୁଷ୍ଠିତ ବୈଠକରେ ଆସନ୍ତା ୯ତାରିଖରେ ସ୍ଥାନୀୟ ଟିଡି ସିସି ପେଟ୍ରୋଲ ପମ୍ପ ସମ୍ମୁଖରେ କେନ୍ଦ୍ର ସରକାରଙ୍କ ମନୋମୁଖୀ ତୈଳଦର ବୃଦ୍ଧି ପ୍ରତିବାଦରେ ଧାରଣ ଦେବା ପାଇଁ ନିଷ୍ପତ୍ତି ହୋଇଛି।

# ଗୁଡଛାପଲ-ଉଷ୍ରା ରାସ୍ତାରୁ ପିଚୁ ଉଠିଗଲାଣି

କୁଆଁରମୁଣ୍ଡା, ୮।୯ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ଗୁଡଛାପଲ-ଉଷ୍ରା ଗ୍ରାମ୍ୟ ଉନ୍ନୟନ ରାସ୍ତାର ଗୁଡଛାପଲ, ଲାଞ୍ଜିବେର୍ଣ୍ଣା ଓ ଅନ୍ୟାନ୍ୟ ସ୍ଥାନରେ ପିଚୁ ଉଠିଯାଇ ଖାଲ ସୃଷ୍ଟି ହେବାକୁ ବସିଲାଣି। ଗତ ୨ ଦିନ ତଳେ ହୋଇଥିବା ଲଗାଣ ବର୍ଷାରେ ଏହି ରାସ୍ତାର ପିଚୁରୁ ଗେଟି ବାହାରି ଖାଲଖମା ସୃଷ୍ଟି ହୋଇଛି। ଏହି ରାସ୍ତା ନିର୍ମାଣ ଗତ ୨ ମାସ ତଳେ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଏତେ ଶୀଘ୍ର ରାସ୍ତାରୁ ଗେଟି ବାହାରିବା ନିମ୍ନମାନର କାମ ହୋଇଥିବା ସ୍ପଷ୍ଟ କରୁଛି। ବିଶେଷକରି ଠିକାଦାର ରାସ୍ତା ନିର୍ମାଣ କଲାବେଳେ କାମର ମାନକୁ ତଦାରଖ କରିବା ପାଇଁ ବିଭାଗ ପକ୍ଷରୁ କନିଷ୍ଠ ଯନ୍ତ୍ରୀ କିମ୍ବା ଅନ୍ୟ କର୍ମଚାରୀ ଉପସ୍ଥିତ ରହିବା ନିୟମ ଅଛି। ମାତ୍ର ବିଭାଗୀୟ କର୍ମଚାରୀମାନେ ଠିକାଦାର ସହ ମିଶି ଠିକ୍‌ଭାବେ ତଦାରଖ କରୁ ନ ଥିବାରୁ ରାସ୍ତାର ନିର୍ମାଣ ଶେଷ ହେବାର ମାତ୍ର କେଇଟା ଦିନ ଭିତରେ ପିଚୁ ଉଠି ଯାଉଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିପ୍ରତି ବିଭାଗୀୟ ଉଚ୍ଚ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

**ନିମ୍ନମାନର କାମ**

ସୂଚନାଯୋଗ୍ୟ ଯେ, ଉଷ୍ରା, ବାନିଗୁନି, ଗୁଡଛାପଲ, ଲାଞ୍ଜିବେର୍ଣ୍ଣା, ଡୁମେରଯୋର ଇତ୍ୟାଦି ଗ୍ରାମବାସୀଙ୍କର କୁଆଁରମୁଣ୍ଡା ଓ ରାଉରକେଲାକୁ ଯାତାୟାତ ପାଇଁ ଏହି ରାସ୍ତା ବିଶେଷଭାବେ ସହାୟକ ହୋଇଥାଏ। ଦୀର୍ଘ ବର୍ଷ ଧରି ଖାଲଖମାରେ ଭରିଥିବା ଏହି ରାସ୍ତାରେ ଲୋକେ ଯାତାୟାତରେ ବହୁ ସମସ୍ୟାର ସମ୍ମୁଖୀନ ହେବା ପରେ ଶେଷରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ପିଚୁ କରାଯାଇଥିଲା। ଫଳରେ ଲୋକେ ସହଜରେ ଯାତାୟାତ କରୁଥିଲେ। ମାତ୍ର ଏତେ ଶୀଘ୍ର ନବ ନିର୍ମିତ ରାସ୍ତାରୁ ପିଚୁ ଉଠିଯିବାକୁ ନେଇ ଲୋକେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି।



ନବ ନିର୍ମିତ ଗୁଡଛାପଲ-ଉଷ୍ରା ଗ୍ରାମ୍ୟ ଉନ୍ନୟନ ରାସ୍ତାରୁ ପିଚୁ ଉଠିଯାଇଛି।

## ରାଷ୍ଟ୍ରୀୟ ଲୋକ ଅଦାଲତ ୫, ୭୭,୫୦୦ ଟଙ୍କା ଆଦାୟ

ବଣାଇଁ, ୮।୯ (ସ୍ୱ.ପ୍ର.)

ସୁନ୍ଦରଗଡ ଜିଲା ବଣାଇଁ ସଦର ମହକୁମାଠାରେ ଶନିବାର ବଣାଇଁ ଅତିରିକ୍ତ ଜିଲା ଦୌରାଜଜଙ୍କ ଅଧ୍ୟକ୍ଷତାରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାନବାହାନ ଦୁର୍ଘଟଣା କ୍ଷତିପୂରଣ ବାବଦକୁ ୧ଲକ୍ଷ ୩୦ ହଜାର ୧୮ ଟଙ୍କା, ସାଧାରଣ ବିଭାଗ ବ୍ୟାଙ୍କ ଦେୟ ମାମଲାରେ ୧ଲକ୍ଷ ୩୧ ହଜାର ୨ଶହ ୮୮ ଟଙ୍କା, ବୈବାହିକ ବିବାଦ ଜନିତ ମାମଲାରେ ୧୦ ହଜାର ଟଙ୍କା, ୩୭ଟି ରାଜସ୍ୱ ମାମଲାର ବିଚାର କରାଯାଇ ୧୩ ହଜାର ୬ଶହ ୫୦ ଟଙ୍କା ଆଦାୟ ହୋଇଛି। ଏହି ସ୍ୱତନ୍ତ୍ର ରାଷ୍ଟ୍ରୀୟ ଲୋକ ଅଦାଲତରେ ବଣାଇଁ ଭାରତୀୟ ଷ୍ଟେଟବ୍ୟାଙ୍କ ଶାଖା ପକ୍ଷରୁ ଉଲ୍ଲେଖନୀୟ ସଫଳତା ହାସଲ କରାଯାଇଛି। ବ୍ୟାଙ୍କର ସମୁଦାୟ ପ୍ରାୟ ୨୭ଲକ୍ଷ ୧୧ ହଜାର ଟଙ୍କା ଆଦାୟ ନିମନ୍ତେ ଫଇସଲା ହୋଇଥିଲା। ଏହି ଅଦାଲତରେ ଅର୍ଥ ଆଦାୟର ପରିମାଣ ୫ଲକ୍ଷ ୭୭ ହଜାର ୫୦୦ ଟଙ୍କା ହୋଇଥିବାବେଳେ ଏଥିରେ ବଣାଇଁ ଅତିରିକ୍ତ ଦୌରାଜଜ ରୂପଶ୍ରୀ ଚୌଧୁରୀ, ବଣାଇଁ ସହକାରୀ ଦୌରାଜଜ ଦେବଦତ୍ତ ପଟ୍ଟନାୟକ ଉପସ୍ଥିତ ଥିଲେ।

## ଭୂତତ୍ତ୍ୱ ବିଜ୍ଞାନର ଆଲୋଚନାଚକ୍ର ଉଦ୍‌ଘାଟିତ

# ଜୈବ୍ ବିବିଧତାର ସଂରକ୍ଷଣ ସମ୍ପର୍କରେ ଗୁରୁତ୍ୱାରୋପ

ସୁନ୍ଦରଗଡ଼, ୮।୯ (ଡି.ଏନ୍.ଏ)

ବିଜ୍ଞାନ କ୍ଷେତ୍ରରେ ଭୂତତ୍ତ୍ୱବିଜ୍ଞାନର ଗୁରୁତ୍ୱ ବୃଦ୍ଧି ପାଇଛି। ଭୂବିଜ୍ଞାନର ଉପଯୋଗୀତାକୁ ଆହୁରି ଲୋକାଭିମୁଖୀ କରିବା ପାଇଁ ସ୍ଥାନୀୟ ସରକାରୀ ମହାବିଦ୍ୟାଳୟ ଭୂତତ୍ତ୍ୱ ସ୍ନାତକୋତ୍ତର ବିଭାଗ ଏବଂ ପୁରାତନ ଛାତ୍ର ସଂସଦର ମିଳିତ ଆନୁକୂଲ୍ୟରେ ମାନବ ସେବାରେ ଶିଳା - ବାରି- ଜୈବ ଏବଂ ବାୟୁ ମଣ୍ଡଳର ଉପଯୋଗୀତା ଶୀର୍ଷକ ୨ଦିନିଆଁ ଜାତୀୟ ଆଲୋଚନା ଚକ୍ର ଶନିବାର ଉଦଘାଟିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ କିଶୋର କୁମାର ଦାଶ, ସୁନ୍ଦରଗଡ ବନଖଣ୍ଡ ଅଧିକାରୀ ଡଃ ଅରୁଣ କୁମାର ମିଶ୍ର, ଭାରତୀୟ ଭୂବିଜ୍ଞାନ ସର୍ବେକ୍ଷଣର ପୂର୍ବତନ ନିର୍ଦ୍ଦେଶକ ଗୁରୁ ଚରଣ ଦାଶ ଯୋଗଦାନ କରିଥିଲେ। ଶିଳାକୁ ଉପଯୁକ୍ତ ଭାବେ ନୀରିକ୍ଷଣ କରି ପରଖିବା ପରେ ବ୍ୟାଖ୍ୟା କରିବା ବୈଜ୍ଞାନିକମାନଙ୍କ ଆଭିମୁଖ୍ୟ ହେବା ଆବଶ୍ୟକ ବୋଲି ଆଇଆଇ ଏମ୍‌ଟିର ବରିଷ୍ଠ ବୈଜ୍ଞାନିକ ଏସ.କେ ମିଶ୍ର ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଭାରତୀୟ ଭୂବିଜ୍ଞାନ ସର୍ବେକ୍ଷଣ ସଂସ୍ଥାର ମୁଖ୍ୟ ଜୟନ୍ତ କୁମାର ନନ୍ଦ ଯୋଗଦେଇ ଭୂବିଜ୍ଞାନ ସ୍ଥିତିଶୀଳ ନ ହୋଇ ଗତିଶୀଳ ହୋଇଛି ବୋଲି କହିଥିଲେ।

ପୁରାତନ ଛାତ୍ର ସଂସଦର ମୁଖ୍ୟ ତଥା ସମ୍ବଲପୁର ବିଶ୍ୱ ବିଦ୍ୟାଳୟର ଭୂତତ୍ତ୍ୱ ବିଜ୍ଞାନ ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟ ଡଃ ଆଷୁତୋଷ ନାଏକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମହାବିଦ୍ୟାଳୟର ଭୂତତ୍ତ୍ୱ ବିଭାଗର ମୁଖ୍ୟ ଡଃ ସୁଧୀରକୁମାର ଦାଶ, ବିଭାଗୀୟ ପ୍ରାଧ୍ୟାପକ ଡଃ ଲଳିତ ରଂଜନ ସାହୁ , ଅଧ୍ୟାପକ ପ୍ରଶାନ୍ତ କୁମାର ମିଶ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ତଥା ରାଜ୍ୟ ବାହାର ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ଭୂବିଜ୍ଞାନୀ ଯୋଗଦେଇଥିଲେ।

# ଜିଲା ପ୍ରାଥମିକ ଶିକ୍ଷକ ସଂଘର ଜରୁରୀ ବୈଠକ

ସୁନ୍ଦରଗଡ଼, ୮।୯ (ଡି.ଏନ୍.ଏ)

ଜିଲା ପ୍ରାଥମିକ ଶିକ୍ଷକ ସଂଘ (ଏନ୍‌ପିଏସ)ର ଏକ ଜରୁରୀ ବୈଠକ ଜିଲା ଆବାହକ ହୋତେଶ୍ୱର ଶେଖର ଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଂଘ ନିର୍ଦ୍ଦେଶକ୍ରମେ ୨୮୦୦ ଟଙ୍କା ଗ୍ରେଡପେକୁ ନେଇ ବିଧାନସଭା ଆଗରେ ଆନ୍ଦୋଳନ ଜାରି ରହିଥିବା ବେଳେ ସ୍କୁଲ ଓ ଗଣଶିକ୍ଷା ବିଭାଗ ଏହାର ସମାଧାନର ବାଟ ବାହାର କରି ନ ପାରିବା ଦୁର୍ଭାଗ୍ୟଜନକ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ୨୮ଶହ ଟଙ୍କା ଗ୍ରେଡ ପେ ପାଇଁ ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇଥିବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ପ୍ରତିଶ୍ରୁତି ପାଳନ ନ କରି ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଜିଲା ସଂଘ ତାର ଦୃଢ ନିନ୍ଦା କରିଥିଲା। ବର୍ତ୍ତମାନ ଶିକ୍ଷକ ଯୁକ୍ତ ୨ସିଟି ଭିତ୍ତିରେ ନିଯୁକ୍ତି ପାଉଥିବା ବେଳେ ମ୍ୟାଟ୍ରିକ ସିଟି ଅନୁସାରେ ଦରମା ଦେବା କେତେଦୂର ଯୁକ୍ତିଯୁକ୍ତ ବୋଲି ସଂଘ ପ୍ରଶ୍ନ କରିଛି। ଯୁକ୍ତ ୨ ସିଟି ଅନୁସାରେ ଅର୍ଦ୍ଧେକ ଶିକ୍ଷକ ଉଚ୍ଚ ବିଦ୍ୟାଳୟରେ ୨୮୦୦ ଗ୍ରେଡପେ ଅନୁସାରେ ଦରମା ପାଉଥିବା ବେଳେ ସେହି ଯୋଗ୍ୟତା ଥାଇ ପ୍ରାଥମିକ ଶିକ୍ଷକଙ୍କୁ ଗ୍ରେଡପେ ୨୨ଶହ ଟଙ୍କା ଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଏଣୁ ସରକାର ଯଦି ଏହି ପାତରଅନ୍ତର ନୀତିକୁ ନ ଛାଡନ୍ତି, ତାହେଲେ ସୁନ୍ଦରଗଡ ଜିଲାର ସମସ୍ତ ପ୍ରାଥମିକ ଶିକ୍ଷୟିତ୍ରୀ, ଶିକ୍ଷକ ରାଜ୍ୟ ସଂଘ ଚଳାଇଥିବା ଆନ୍ଦୋଳନରେ ସାମିଲ ହେବେ ବୋଲି ସ୍ଥିର ହୋଇଛି।

# ୪ର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

ସୁନ୍ଦରଗଡ , ୮।୯ (ଡି.ଏନ୍.ଏ)

ନିଖିଳ ଉତ୍କଳ ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘର ଚତୁର୍ଥ ରାଜ୍ୟ କାର୍ଯ୍ୟକାରୀ କମିଟି ବୈଠକ ଶନିବାର ସୁନ୍ଦରଗଡ ବିକାଶ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ସରୋଜ କୁମାର ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ରାଜ୍ୟର ୨୦ଟି ଜିଲାର ଜିଲା ସଭାପତି, ସମ୍ପାଦକ ତଥା ରାଜ୍ୟ କାର୍ଯ୍ୟକାରିଣୀ କମିଟିର ସଦସ୍ୟମାନେ ଉପସ୍ଥିତ ରହିଥିଲେ। ୪ର୍ଥ ଶ୍ରେଣୀ କର୍ମଚାରୀମାନଙ୍କର ରହିଥିବା ବିଭିନ୍ନ ସମସ୍ୟା ଓ ସଂଘର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରି ସଙ୍ଗଠନକୁ ମଜବୁତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏତଦ୍ ବ୍ୟତୀତ ସରକାରଙ୍କ ନିକଟରେ ଅବସର ବୟସସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି, ସର୍ବନିମ୍ନ ମୂଳ ଦରମା ୧୮ହଜାର ଟଙ୍କା କରିବା, ଶିକ୍ଷାଗତ ଯୋଗ୍ୟତା ଥିବା କର୍ମଚାରୀଙ୍କୁ ପଦୋନ୍ନତି ଦେବା ସମ୍ପର୍କରେ ବୈଠକରେ ସଂଘର ଦାବି ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ଏହି ଅବସରରେ ପୁରୀ ଜିଲାର କୈଳାଶ ଚନ୍ଦ୍ର ମହାରଣା, କାହ୍ନୁଚରଣ ଦାସ, ଖୋର୍ଦ୍ଧା ଜିଲାର ମହାଦେବ ପଟ୍ଟନାୟକ, ସୁଶାନ୍ତ କୁମାର ମହାପାତ୍ର, କଟକ ଜିଲାର କୈଳାଶ ଚନ୍ଦ୍ର ମଲ୍ଲିକ ଓ ଝାରସୁଗୁଡା ଜିଲାର ମମତାଜ ଖାନ୍‌ଙ୍କୁ ସଙ୍ଗଠନ ବିରୋଧୀ କାର୍ଯ୍ୟ ଯୋଗୁ ସଂଘର ପ୍ରାଥମିକ ସଭ୍ୟ ପଦରୁ ବହିଷ୍କୃତ କରାଯାଇଥିଲା।



୪ର୍ଥ ଶ୍ରେଣୀ କର୍ମଚାରୀ ସଂଘର ରାଜ୍ୟ କାର୍ଯ୍ୟକାରୀ କମିଟି ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

# ଅନଶନକାରୀଙ୍କୁ ଉଠାଇନେଲା ପୋଲିସ

ବଡଗାଁ, ୮।୯ (ଡି.ଏନ.ଏ.)

ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ଅଫିସ ସମ୍ମୁଖରେ ସେପ୍ଟେମ୍ବର ୧ରୁ ୫୦ ପ୍ରତିଶତ କୃଷି ବୀମା ଦାବିରେ ଭୋଇପାଲି ଗ୍ରାମର ଜୟ ଜୟ କିଷାନ କୃଷକ ବଜାର ସଂଘର ସଭାପତି ରବୀନ୍ଦ୍ର ପଟେଲ ଆମରଣ ଅନଶନରେ ବସିଥିଲେ। ଶୁକ୍ରବାର ସପ୍ତମ ଦିବସରେ ବଡଗାଁ ଥାନା ପୋଲିସ ରାତି ପ୍ରାୟ ସାଢେ ୧୦ଟାରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାର ସୋନାଲି ଚାନ୍ଦଙ୍କ ଉପସ୍ଥିତିରେ ବଡଗାଁ ସିଏଚସିର ଡାକ୍ତର ଏସ.ଟପ୍ପୋ ଅନଶନକାରୀ ପଟେଲଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କଲା ପରେ ସ୍ୱାସ୍ଥ୍ୟ ଅବନତୀ ଘଟିଥିବା ଦର୍ଶାଇବାରୁ ପୋଲିସ ତାଙ୍କୁ ଉଠାଇ ୧୦୮ ଆମ୍ବୁଲାନ୍ସରେ ନେଇ ସୁନ୍ଦରଗଡ ଡାକ୍ତରଖାନାରେ ଭର୍ତ୍ତି କରିଛି। ସୂଚନାଯୋଗ୍ୟ ଯେ, କୃଷକ ବଜାର ସଂଘର କର୍ମକର୍ତ୍ତାମାନେ ଏ ନେଇ ଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ। ଅଗଷ୍ଟ ୧୫ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ସେପେମ୍ବର ୧ରୁ ଆମରଣ ଅନଶନ କରିବେ ବୋଲି ଜଣାଇଥିଲେ। ସେ ଅନୁଯାୟୀ ଅନଶନ ଆରମ୍ଭ ହୋଇଥିଲା। ଏହି ଘଟଣାକୁ ନେଇ ତଳସରା ବିଧାୟକ ଡା. ପ୍ରଫୁଲ୍ଲ ମାଝି ବିଧାନସଭାରେ ପ୍ରଶ୍ନ କରିଥିଲେ। ତେବେ କୃଷକ ବଜାର ସଂଘର ସଭାପତି ଆମରଣ ଅନଶନ କରିବେ, ସେ ନେଇ ଅଞ୍ଚଳର କୃଷକ ନେତା ଚାଷୀ ଓ ସର୍ବାଧିକ ଜନ ପ୍ରତିନିଧି ଜାଣିପାରି ନ ଥିଲେ। ସେମାନଙ୍କୁ ପୂର୍ବରୁ ସୂଚନା ଦିଆଯାଇ ନ ଥିଲା କିମ୍ବା ସମସ୍ୟା ଉପସ୍ଥାପନ ପାଇଁ ବୈଠକ କରି ଯୋଜନାବଦ୍ଧ ଭାବେ ଆନ୍ଦୋଳନ କରାଯାଇ ନ ଥିଲା। ଏପରିକି ଏହି ଆନ୍ଦୋଳନରେ ବଜାର କମିଟିର ସମସ୍ତ ସଦସ୍ୟ ଓ ପଟେଲଙ୍କ ଭୋଇପାଲି ପଞ୍ଚାୟତର ୩ ରୁ ୪ ଜଣ ବ୍ୟକ୍ତି ଦୈନନ୍ଦିନ ଆସି ଅନଶନକାରୀଙ୍କୁ ଭେଟି ଚାଲି ଯାଇଥିଲେ। ବ୍ଲକ ଅଫିସ ସମ୍ମୁଖରେ ଅନଶନ ହେଉ ନ ଥିବାରୁ ବ୍ଲକକୁ ଆସୁଥିବା ଲୋକେ ଏବଂ ଜନପ୍ରତିନିଧିମାନେ ସାକ୍ଷାତ କରି ଚାଲିଯାଉଥିଲେ । ଏହି ଅନଶନକୁ ନେଇ ଅଞ୍ଚଳର କୃଷକମାନଙ୍କ ମଧ୍ୟରେ ବିଶେଷ ଆଗ୍ରହ ପରିଲକ୍ଷିତ ହୋଇ ନ ଥିଲା। ଫଳରେ ଏହାକୁ ନେଇ ନାନାଦି ଆଲୋଚନା ହେଉଛି। କେଉଁ କାରଣରୁ ଅଞ୍ଚଳର ସମସ୍ୟା ଉଠାଇବା ପୂର୍ବରୁ କୃଷକ ନେତା, ରାଜନୈତିକ ଦଳର ସ୍ଥାନୀୟ କର୍ମକର୍ତ୍ତାଙ୍କୁ ଚାଷୀଙ୍କୁ ଡକାଇ ଆଲୋଚନା କରି ଯୋଜନାବଦ୍ଧ ଭାବେ ଆନ୍ଦୋଳନକୁ ଆଗେଇ ନେବା ପାଇଁ ଉଦ୍ୟମ କରାଯାଇ ନ ଥିଲା, ତାହା ଚର୍ଚ୍ଚାର ବିଷୟ ହୋଇଛି।



ତହସିଲଦାରଙ୍କ ଉପସ୍ଥିତିରେ ପୋଲିସ ଅନଶନକାରୀ ରବୀନ୍ଦ୍ର ପଟେଲଙ୍କୁ ଆମ୍ବୁଲାନ୍ସରେ ଡାକ୍ତରଖାନା ନେଉଛି ।

## ସଂକ୍ଷେପରେ

### ବନ୍ଦ ପାଳନ ପାଇଁ ବାମଦଳର ପ୍ରସ୍ତୁତି

**ରାଉରକେଲା ଅଫିସ,୮।୯-** କେନ୍ଦ୍ରରେ କ୍ଷମତାସୀନ ନରେନ୍ଦ୍ର ମୋଦିଙ୍କ ସରକାର ଅମଳରେ ପେଟ୍ରୋଲ, ଡିଜେଲ ସମେତ ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଦର ଆକାଶ ଛୁଆଁ ହୋଇଛି। ଏହି ସରକାର କୃଷକ, ଶ୍ରମିକ ଓ ସାଧାରଣ ଜନତାଙ୍କ ଉପରେ ଦାଉ ସାଧୁଥିବା ବେଳେ କର୍ପୋରେଟ ମାଲିକଙ୍କ ସ୍ୱାର୍ଥ ନେଇ କାମ କରୁଛି ବୋଲି ସିପିଆଇ(ଏମ) ପକ୍ଷରୁ ଅଭିଯୋଗ କରାଯାଇଛି। ପେଟ୍ରୋଲ ଡିଜେଲ ଦର ବୃଦ୍ଧି ଫଳରେ ସାଧାରଣ ଲୋକଙ୍କ ଉପରେ ଏହାର କୁପ୍ରଭାବ ପଡିଛି। ଦରଦାମ ବୃଦ୍ଧି ଯୋଗୁ ଗରିବଙ୍କ ଘରେ ଚୁଲି ଜଳୁନି। ଏପରି ଅବସ୍ଥାରେ ସେପ୍ଟେମ୍ବର ୧୦ରେ ସର୍ବଭାରତୀୟ ହରତାଳ ଡାକରା ଦେଇଛି ଦଳ। ଏଥିରେ ସମସ୍ତ ବାମପନ୍ଥୀ ଦଳ ସାମିଲ ହେବେ। ଏନେଇ ଏକେଜି ଭବନ ଠାରେ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଥିଲା। ଏଥିରେ ବସନ୍ତ ନାୟକ ଅଧକ୍ଷତା କରିଥିଲେ। ବନ୍ଦ ପାଳନ ନେଇ ବିଚାର ବିମର୍ଶ କରାଯାଇଥିଲା। ଏଥିରେ ଦଳର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଲେବର ଟେନାମେଣ୍ଟ ଅଞ୍ଚଳରେ ଗ୍ୟାସ୍ ସିଲିଣ୍ଡର ବିତରଣ

**ରାଉରକେଲା ଅଫିସ, ୮।୯-** ଶନିବାର ଜେଲ ରୋଡ ନିକଟସ୍ଥ ଲେବର ଟେନାମେଣ୍ଟ ଅଞ୍ଚଳରେ ଉଜ୍ଜ୍ୱଳା ଯୋଜନାରେ ଅନୁସୂଚିତ ଜାତି ଓ ଜନଜାତି ଗରିବ ମହିଳାଙ୍କୁ ମାଗଣାରେ ଗ୍ୟାସ ସିଲିଣ୍ଡର ଓ ଚୁଲା ବିତରଣ କରାଯାଇଛି। ଭାଜପା ମଣ୍ଡଳ ସଭାପତି ଅଜୟ କଂସାରୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ଜିଲା ସଭାପତି ଜଗବନ୍ଧୁ ବେହେରା, ରାଜ୍ୟ ଭାଜପା ସମ୍ପାଦକ ଧୀରେନ ସେନାପତି, ପୂର୍ବତନ ନଗରପାଳ ନିହାର ରାୟ, ଜିଲା ପ୍ରଭାରୀ ସୁକେଶୀ ଓରାମ, ମୁଖପାତ୍ର ଭଗବାନ ରାଉତ, ଜିଲା ଉପସଭାପତି ତପନ ସ୍ୱାଇଁ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ଏହି ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ସାରା ଦେଶର ମହିଳାଙ୍କ ପାଇଁ ଏହା ଏକ କ୍ରାନ୍ତିକାରୀ ପଦକ୍ଷେପ ବୋଲି ମତ ପ୍ରକାଶ କରିଥିଲେ ଭାଜପା ନେତୃମଣ୍ଡଳୀ। ଏଥିରେ ରତ୍ନାକର ଭାରିମଲ୍ଲ, କାନ୍ତିପ୍ରିୟ ମହାରଣା, ସବିତା ସାହୁ, ଜିତ ବଡାଇକ, ମୁନା ଖାଁ, ତିଲୋତ୍ତମା ପୂରଣ ପ୍ରମୁଖ ଉପସ୍ଥିତ ଥିଲେ।

### ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ରାଜଗାଙ୍ଗପୁର, ୮।୯ (ଡି.ଏନ.ଏ)- ଝଗରପୁରସ୍ଥିତ ଡାଲମିଆ ପ୍ରାଇଭେଟ ଆଇଟିଆଇରେ ୨୦୧୮-୧୯ ବର୍ଷର ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏଥିପାଇଁ ଏକ ସଭା ଆୟୋଜିତ ହୋଇଯାଇଛି। ଏଥିରେ ସୁନୀଲ କୁମାର ଗୁପ୍ତା, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଓସିଏଲ ଇଣ୍ଡିଆ ଲିମିଟେଡ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସରୋଜ ରାଉତ, ଲୋକେଶ ବାହେଚି, ପ୍ରକାଶ ଅଗ୍ରୱାଲ, ସୁଧୀର ରଞ୍ଜନ ମହାନ୍ତି, ଡ. ଭଗିରଥ ମିଶ୍ର ମଞ୍ଚାସୀନ ଥିଲେ। ରାଜେନ୍ଦ୍ର ପରିଡା ଓ ପ୍ରଶାନ୍ତ ଚୌଧୁରୀ ସଭାରେ ଉପସ୍ଥିତ ଥିଲେ। ଆଇଟିଆଇର ଅଧକ୍ଷ ଦେବବ୍ରତ ପ୍ରଧାନ ସ୍ୱାଗତ ସମ୍ଭାଷଣ ଦେଇଥିଲେ। ସଭାରେ ୨୩୬ ଛାତ୍ରୀଛାତ୍ର, ଅଭିଭାବକ ଯୋଗ ଦେଇଥିଲେ।

### ସହର ତଳି ପୁନର୍ବସତି କଲୋନୀ ଜଲଦାରେ ଜମି ପଟ୍ଟା ସମସ୍ୟା

# ସରକାରୀ ଯୋଜନାରୁ ବଞ୍ଚିତ ହାଟିଂଟୋଲା

**ରାଉରକେଲା ଅଫିସ, ୮।୯**

ପୁନର୍ବସତି କଲୋନୀ ଜଲଦା ପଞ୍ଚାୟତ ଏ ବ୍ଲକ ଅନ୍ତର୍ଗତ ହାଟିଂଟୋଲା ଶାନ୍ତିନଗର ବସ୍ତିରେ ୨ଶହରୁ ଅଧିକ ପରିବାର ବସବାସ କରନ୍ତି। ରାଉରକେଲା ଇସ୍ପାତ କାରଖାନା ଆରମ୍ଭ ହେବା ପୂର୍ବରୁ ଏହି ବସ୍ତି ଗଢି ଉଠିଥିଲା। ଜଲଦା ପଞ୍ଚାୟତକୁ ଦୁଇ ଭାଗ କରୁଥିବା ୧୪୩ନଂ ଜାତୀୟ ରାଜପଥ ଅପର ପାର୍ଶ୍ୱରେ ଥିବା ହାଟିଂଟୋଲା ବାସିନ୍ଦା ଏବେ ବି ଅବହେଳିତ ହୋଇ ରହିଛନ୍ତି। ଏମାନଙ୍କ ପାଇଁ ସରକାରୀ ଯୋଜନା ଅପହଞ୍ଚ ହୋଇ ରହିଛି। ବାସଗତ ପ୍ରମାଣପତ୍ର ବା ପଟ୍ଟା ନ ଥିବାରୁ ଏଭଳି ସମସ୍ୟା ଲାଗି ରହିଛି। ଜଲଦା ପଞ୍ଚାୟତର ୩ଟି ବ୍ଲକ ଏବିସି ବାସିନ୍ଦାଙ୍କୁ ଖୁବ ଶିଘ୍ର ପଟ୍ଟା ମିଳିବାକୁ ଯାଉଥିବା ବେଳେ ଏମାନେ ଏଥିରୁ ବଞ୍ଚିତ ହେବେ, କାରଣ ଏହି ବସ୍ତି ବାସିନ୍ଦା ବାସଚ୍ୟୁତ ନୁହନ୍ତି। ଏଣୁ ଜବରଦଖଲକାରୀ ଭାବେ ଗଣା ଯାଉଛନ୍ତି। ତେବେ ରାସ୍ତା, ପାନୀୟ ଜଳ ସହ ଅନ୍ୟ ସରକାରୀ ସୁବିଧା ମିଳିବା ଉଚିତ ବୋଲି ଦାବି କରନ୍ତି ଏମାନେ। ଆଜି ପର୍ଯ୍ୟନ୍ତ ବସ୍ତିର ଅନେକ ଗରିବ ପରିବାରକୁ ପଡି କାର୍ଡ ମିଳି ପାରୁନି। ଭତ୍ତା ପାଇବାରୁ ବଞ୍ଚିତ ରହିଛନ୍ତି ଏକାଧିକ ଯୋଗ୍ୟ ହିତାଧିକାରୀ। ଜାତୀୟ ରାଜପଥରୁ ଫର୍ଟିଲାଇଜର ଟାଉନସିପ ଇ ବ୍ଲକ ପର୍ଯ୍ୟନ୍ତ ଲମ୍ବିଥିବା କଂକ୍ରିଟ ରାସ୍ତା ଛଡା ବସ୍ତି ଭିତରେ ଆଜି ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ କରାଯାଇନି। ବର୍ଷା ଜଳ ନିଷ୍କାସନ ନେଇ ବ୍ୟବସ୍ଥା ନାହିଁ। ପାଖ ପାହାଡ ଉପରୁ ଝରୁଥିବା ବର୍ଷା ଜଳ ଯୋଗୁ ଅନେକ କଚ୍ଚା ଘର ଭାଙ୍ଗି ପଡିଲାଣି। ମୁଖ୍ୟ ରାସ୍ତାରେ ଆଣ୍ଠୁଏ କାଦୁଅ। ଏଥିରେ ପଶି ବିଦ୍ୟାଳୟକୁ ଯାତାୟତ କରୁଛନ୍ତି ଅନେକ କୋମଳମତି ଛାତ୍ରୀଛାତ୍ର। ଏମିତି ଅନେକ ସମସ୍ୟାରେ ପଡି ଛଟପଟ ହେଉଛନ୍ତି ବସ୍ତି ବସିନ୍ଦା।


କାଦୁଅ ପଚ ପଚ ରାସ୍ତାରେ ସ୍କୁଲ ପିଲା ଯିବା ଆସିବା କରୁଛନ୍ତି।


"ଆମେ ପଞ୍ଚାୟତରେ ଥାଇ ମଧ ନ ଥିଲା ପରି ଅବସ୍ଥା ଭୋଗ କରୁଛୁ। ଅନେକ ସରକାରୀ ଯୋଜନାରୁ ଆମେ ବଞ୍ଚିତ ରହିଛୁ। ଏ ଦିଗରେ ଧ୍ୟାନ ଦିଆଯିବା ଆବଶ୍ୟକ।
-ରତ୍ନୁ ଲୋହାର


"ଫର୍ଟିଲାଇଜର ଟାଉନସିପ୍‌କୁ ଲାଗି ରହିଥିବା ଆମ ବସ୍ତିର ଉନ୍ନତି ନେଇ କେହି ପଦକ୍ଷେପ ନେଉ ନାହାନ୍ତି। ସବୁ ଦୃଷ୍ଟିରୁ ଆମେ ଅବହେଳିତ। କଂକ୍ରିଟ ରାସ୍ତା ଅଭାବରୁ ବର୍ଷା ପାଣିରେ ଗୋଡି ପଥରେ ଗଡି ଆସି ରାସ୍ତା ଉପରେ ଜମା ହେଉଛି। ମୋ ଭଳି ଗରିବକୁ ଆଜି ପର୍ଯ୍ୟନ୍ତ ରାସନ କାର୍ଡ ଖଣ୍ଡେ ମିଳିଲାନି। ତଥାପି ଆଶା ଅଛି ଦିନେ ସରକାର ଆମ କଥା ଶୁଣିବେ।
-ରାଇ ସିଂ ମୁଣ୍ଡା


"ଆମ ବସ୍ତିକୁ କେହି ସରକାରୀ ଅଧିକାରୀ କେବେ ଆସନ୍ତିନି। କାରଣ ଆମର ଜମି ପଟ୍ଟା ନାହିଁ। ଭୋଟ ବେଳକୁ ନେତା ଆସନ୍ତି। ପ୍ରତିଶ୍ରୁତି ଦିଅନ୍ତି। ତାପରେ ଆମ ପରିସ୍ଥିତି ଯେମିତିକୁ ସେମିତି।
-ଗୋଲା ମୁଣ୍ଡା


"ଆମ ବସ୍ତିର ଉନ୍ନତି ନେଇ କାହାର ଚିନ୍ତା ନାହିଁ। କାହାକୁ ପଡି କାର୍ଡ ତ ଆଉ କାହାକୁ ଭତ୍ତା ଦେଇ ସନ୍ତୁଷ୍ଟ କରାଯାଉଛି। ଆଜି ବି ଅନେକ ଏଥିରୁ ବଞ୍ଚିତ। ବସ୍ତିର ରାସ୍ତା ଅବସ୍ଥା ଅତ୍ୟନ୍ତ ଜରାଜୀର୍ଣ୍ଣ। ନା ଇନ୍ଦିରା ଆବାସ ନା ବିଜୁ ପକ୍କାଘର କୌଣସି ଯୋଜନାରେ ଆମକୁ ସାମିଲ କରାଯାଉନି।
-ଦୀପ୍ତା ଦାସ



## ମୋ ରାଉରକେଲା

# ଷ୍ଟିଲ ସିଟିର ମୋହ ମୋତେ ବାନ୍ଧି ରଖିଛି


କବି ଗୌରାଙ୍ଗ ଦାସ

**ଷା**ଠିଏ ବର୍ଷ ବିତିଲାଣି ଏହି ସହରରେ। ଆରଏସ୍‌ପିରୁ ଅବସର ପରେ ଗାଁମୁହାଁ ହେବାକୁ କେତେକ ବନ୍ଧୁ ପରାମର୍ଶ ଦେଲେ। ହେଲେ ଷ୍ଟିଲ ସିଟିର ମୋହ ମୋତେ ଏଠି ବାନ୍ଧି ରଖିଛି। ଦୀର୍ଘ ଦିନର ରହଣିରୁ ମୋତେ ମିଳିଥିବା ଆନନ୍ଦକୁ କେମିତି ବା ପାଶୋରି ଦେବି। ଏଠିକା ପାଣି ପବନରେ ଜୀବନର ଅର୍ଦ୍ଧେକ ସମୟ ଅତିବାହିତ କରି ସାରିଲିଣି । ଜଣେ କବି ଓ କଳାକାର ଭାବେ ମୁଁ ସହରବାସୀଙ୍କ ଠାରୁ ଅନେକ ସ୍ନେହ ଶ୍ରଦ୍ଧା ପାଇଛି । କଳା ସାହିତ୍ୟକୁ ନେଇ ଏଇ ମାଟିରେ ମୁଁ ବଢିଛି। ବହୁ ଭାଷାଭାଷୀଙ୍କ ସହର ହୋଇଥିଲେ ବି ଏଠି ସମସ୍ତଙ୍କ ମଧ୍ୟରେ ଥିବା ଆପଣାପଣ ଭାବଟି ମୋତେ ଆକର୍ଷିତ କରେ । ବିଭିନ୍ନତା ମଧ୍ୟରେ ଏକତା ଏ ସହରକୁ ସର୍ବଦା ଅନନ୍ୟ କରିଛି । ଉପାନ୍ତ ଜିଲା ହୋଇ ମଧ୍ୟ ଓଡିଶାର ସଂସ୍କୃତି, ପରମ୍ପରା, ଐତିହ୍ୟ, ପର୍ବପର୍ବାଣି ଏଠି ବେଶ୍ ସମୃଦ୍ଧ । ଭାଷା ସାହିତ୍ୟକୁ ନେଇ ଅନେକଙ୍କ ମଧ୍ୟରେ ସମ୍ପର୍କ ବେଶ୍ ସୁଦୃଢ । ସୁଜଳା ସୁଫଳା ନଦନଦୀ, ଝରଣା ଓ ବଣ ପାହାଡ ଘେରା ସୁନ୍ଦରଗଡ ଜିଲା ସହ ସବୁଜ ସୁନ୍ଦର ଇସ୍ପାତ ସହରକୁ କାହିଁ କେଉଁ କାଳୁ ମୁଁ ଆପଣାଇ ସାରିଛି । ବାକି ଜୀବନ ବି ମୋର ପ୍ରିୟ ସହର ରାଉରକେଲାରେ କାଟିବାକୁ ନିଷ୍ପତ୍ତି ନେଇଛି।

### ଚୋରା ଦେଶୀ ମଦ କାରବାର ଅଭିଯୋଗରେ ୩ ଗିରଫ

# ୬୨ଲିଟର ମଦ ସହ ଗାଡ଼ି ଜବତ

**ରାଉରକେଲା ଅଫିସ, ୮।୯**

ଜିଲା ଅବକାରୀ ପୋଲିସ ଶନିବାର ସହର ତଳି ବିଭିନ୍ନ ସ୍ଥାନରେ ଚଢାଉ କରି ୬୨ ଲିଟର ଦେଶୀ ମହୁଲି ମଦ ସହ ଏକ ସ୍କୁଟି ଜବତ କରିଛି। ଏନେଇ ୩ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ବନ୍ଧମୁଣ୍ଡା, ମାଣ୍ଡିଆକୁଦର ଓ ଝାରତରଙ୍ଗ ଅଞ୍ଚଳରେ ଏହି ଚଢାଉ କରାଯାଇଥିଲା। ବନ୍ଧମୁଣ୍ଡାର ଠାକୁରରାମ ମୁର୍ମୁଙ୍କଠାରୁ ଏକ ସ୍କୁଟି (ନଂ.ଓଆର ୧୪ଭି ୭୭୧୦) ସହ ୪୦ ଲିଟର ଦେଶୀ ମଦ ଜବତ କରାଯାଇଛି। ସେହିଭଳି ମାଣ୍ଡିଆକୁଦର ଅଞ୍ଚଳର ଟହଲୁ କୁମାରଙ୍କଠାରୁ ୭ଲିଟର ଓ ଝାରତରଙ୍ଗ ବାସିନ୍ଦା ଘାସି ମାଝିଙ୍କଠାରୁ ୧୫ଲିଟର ମଦ ଜବତ କରାଯାଇଛି। ଏହି ଚଢାଉରେ ଅବକାରୀ ବିଭାଗ ଅଧିକାରୀ ଏସ୍.କେ. ଧଳସାମନ୍ତ, ମିହିର ସେଠୀ, ଏସ୍. ରାଉତ ପ୍ରମୁଖ ସାମିଲ ଥିଲେ।


ଦେଶୀ ମଦ ଓ ସ୍କୁଟି ସହ ଗିରଫ ୩ ଅଭିଯୁକ୍ତ।

### ଆଞ୍ଚଳିକ ପୁନର୍ବାସ ଓ ଗବେଷଣା କେନ୍ଦ୍ର ପକ୍ଷରୁ ବିଶ୍ୱ ଭୌତିକ ଦିବସ

# ଔଷଧ, ଅସ୍ତ୍ରୋପଚାର ବିନା ଅନେକ ରୋଗର ନିଦାନ ସମ୍ଭବ

**ରାଉରକେଲା ଅଫିସ, ୮।୯**

ଆଞ୍ଚଳିକ ପୁନର୍ବାସ ଓ ଗବେଷଣା କେନ୍ଦ୍ର(ଆରଆରଆରସି) ପକ୍ଷରୁ ରାଉରକେଲା ମାରୱାଡି ମହିଳା ମଞ୍ଚର ମିଳିତ ଆନୁକୂଲ୍ୟରେ ବିଶ୍ୱ ଭୌତିକ ଦିବସ ଶନିବାର ପାଳିତ ହୋଇଯାଇଛି। ଏଥିରେ ଆରଆରଆରସିର ପୂର୍ବତନ ଅଧକ୍ଷ ତଥା ସୁନ୍ଦରଗଡ ଶିଶୁ କଲ୍ୟାଣ ସମିତି ସଦସ୍ୟ ରାମଚନ୍ଦ୍ର ବେହେରା ଅଧକ୍ଷତା କରିଥିଲେ। ସେ କହିଥିଲେ ଯେ, ଶିଶୁଙ୍କଠୁ ନେଇ ବୟସ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଭୌତିକ ଚିକିତ୍ସାର ଆବଶ୍ୟକତା ରହିଛି। ଔଷଧ ଓ ଅସ୍ତ୍ରୋପଚାର ବିନା ଅନେକ ରୋଗର ନିଦାନ ସମ୍ଭବ ବୋଲି ସେ ମତ ପ୍ରକାଶ କରିଥିଲେ। ରାଉରକେଲା ସରକାରୀ ଡାକ୍ତରଖାନା(ଆରଜିଏଚ)ର ଉପଅଧୀକ୍ଷକ ଡାକ୍ତର ଶଶାଙ୍କ କବିଶତପଥୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ କହିଥିଲେ ଭାରତ ହେଉଛି ଭୌତିକ ଚିକିତ୍ସାର ମାର୍ଗ ଦର୍ଶକ। ଆମେ ଯୋଗ, ପ୍ରାଣାୟାମ, ବ୍ୟାୟାମ, ଉତ୍ତାପ, ଜଳ ଓ ମାଟି ଆଦି ପ୍ରୟୋଗ କରି ଅନେକ ରୋଗର ଚିକିତ୍ସା କରିଥାଉ ବୋଲି ସେ ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଏମ.ଆର. ଦାସ ଯୋଗଦେଇ ଭୌତିକ ଚିକିତ୍ସାର ଉପକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ମାରୱାଡି ମହିଳା ମଞ୍ଚ ସଭାନେତ୍ରୀ ଇନ୍ଦୁ ଅଗ୍ରୱାଲ ମଧ ଏଥିରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଭୌତିକ ଚିକିତ୍ସକ ସୁନୀତ ସଞ୍ଜୟ ଏକ୍କା ଓ ମୁକେଶ କୁମାର ଯୋଗଦେଇ ୩ଶହରୁ ଅଧିକ ବରିଷ୍ଠ ନାଗରିକ ଓ ୩୬ଜଣ ଦିବ୍ୟାଙ୍ଗ ଶିଶୁଙ୍କ ଶାରୀରିକ ପରୀକ୍ଷା କରିବା ସହ ଚିକିତ୍ସା ପରାମର୍ଶ ପ୍ରଦାନ କରିଥିଲେ। ଏଥିରେ ସଂଯୁକ୍ତା ମହନ୍ତ ଓ ମିତାଞ୍ଜଳି ସାହୁ ସହଯୋଗ କରିଥିଲେ। ପ୍ରକାଶ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିବା ବେଳେ ଅଶୋକ ପଣ୍ଡା, ସବିତା ସାମଲ, ସବିତା ମହାନ୍ତି, ମୀନା ଟିଗା, ଲିତାଞ୍ଜଳି ପତି, ଦମୟନ୍ତି ରାଉତ, ଶଙ୍କର ନାୟକ, ସସ୍ମିତା ଧଳସାମନ୍ତ ଓ ଶାନ୍ତନୁ ପଲାଇ ପ୍ରମୁଖ ଉପସ୍ଥିତ ଥିଲେ।


ଜଣେ ବରିଷ୍ଠ ନାଗରିକଙ୍କୁ ଚିକିତ୍ସା ପରାମର୍ଶ ଦିଆଯାଉଛି।

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ : ହତ୍ୟା ସନ୍ଦେହ

**ରାଜଗାଙ୍ଗପୁର,୮।୯(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା କାଂଶବାହାଲ ଫାଣ୍ଡି ଅଧୀନ କାଂଶବାହାଲ ଗ୍ୱାଲାପଡାରେ ଶନିବାର ଜଣେ ବିବାହିତା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ଏହା ଏକ ହତ୍ୟାକାଣ୍ଡ ନେଇ ପୋଲିସ ସନ୍ଦେହ କରୁଛି। କାଂଶବାହାଲ ଫାଣ୍ଡି ଅଧିକାରୀଙ୍କ ସୂତ୍ରରୁ ଜଣାପଡିଛି ଯେ, ଶନିବାର ଭୋର ୩ଟାରେ କାଂଶବାହାଲ ଗ୍ୱାଲାପଡାର ବ୍ରିଜ କିଶୋର ସିଂ ପରିଶ୍ରା କରିବା ପାଇଁ ଉଠିଥିବାବେଳେ ତାଙ୍କ ସ୍ତ୍ରୀ ତଳେ ଅଚେତ ଅବସ୍ଥାରେ ପଡିଥିବା ଦେଖିଥିଲେ। ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ରାଉରକେଲାସ୍ଥିତ ସରକାରୀ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ତାଙ୍କୁ ଚିକିତ୍ସା ପାଇଁ ରଖାଯାଇ ନ ଥିବାରୁ ତାଙ୍କୁ ଆଇଜିଏଚକୁ ଚିକିତ୍ସା ପାଇଁ ନିଆଯାଇଥିଲା। ହେଲେ ଡାକ୍ତର ନିତୁ ସିଂଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ କାଂଶବାହାଲ ପୋଲିସ ମୃତଦେହକୁ ଜବତକରି ମର୍ଗରେ ରଖିଛନ୍ତି। ନିତୁ ସିଂ ବିହାର ଅଞ୍ଚଳର ବାସିନ୍ଦା ହୋଇଥିବାରୁ ତାଙ୍କ ଘର ଲୋକେ ଆସିଲେ ମୃତଦେହ ହସ୍ତାନ୍ତର କରାଯିବ ବୋଲି ପୋଲିସ କହିଛି। ନିତୁଙ୍କ ବେକରେ ଦାଗ ଥିବାରୁ ତାଙ୍କୁ ତଣ୍ଟିଚିପି ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି ବୋଲି ଫାଣ୍ଡି ଅଧିକାରୀ ପ୍ରକାଶ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରିଛି।

### ସେକ୍ଟର-୧୮ ବ୍ୟବସାୟୀ ସଂଘ କର୍ମକର୍ତ୍ତା ନିର୍ବାଚନ

**ରାଉରକେଲା ଅଫିସ, ୮।୯**

ସେକ୍ଟର-୧୮ ଡେଲି ମାର୍କେଟ ବ୍ୟବସାୟୀ ସଂଘ ପକ୍ଷରୁ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ୟବସାୟୀଙ୍କ ସମସ୍ୟା ଓ ଏହାର ସମାଧାନ ନେଇ ଆଲୋଚନା କରାଯାଇଥିଲା। ଏହି ଅବସରରେ ସଂଘ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ଏଥିରେ ସଭାପତି ରୂପେ ପ୍ରକାଶ ପୋଥାଳ, ଉପସଭାପତି ଭାବେ ରାଜକମଲ ଗୁପ୍ତା, ସମ୍ପାଦକ ରାକେଶ ପ୍ରସାଦ, ସହ ସମ୍ପାଦକ ଭାବେ ସଞ୍ଜୟ ସେନାପତି ଓ କୋଷାଧ୍ୟକ୍ଷ ରୂପେ ରାଧାକାନ୍ତ ସୂତାରଙ୍କୁ ସର୍ବସମ୍ମତି କ୍ରମେ ନିର୍ବାଚିତ କରାଯାଇଛି।

# ଜାତୀୟ ଲୋକ ଅଦାଲତ

**ରାଉରକେଲା ଅଫିସ, ୮।୯**

ସାଧାରଣ ଲୋକଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ନେଇ ଶନିବାର ରାଉରକେଲା କୋର୍ଟ ପରିସରରେ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ମାମଲାର ଫଇସଲା କରାଯାଇ ଜରିମାନା କରାଯାଇଛି। ଏହି ଲୋକ ଅଦାଲତରେ ବିଭିନ୍ନ ବିଚାରପତିଙ୍କ ସମେତ ସାମାଜିକ କର୍ମୀ ବବିତା ମହାପାତ୍ର, ସ୍ନେହଲତା ପଟ୍ଟନାୟକ ଓ ଅହଲ୍ୟା ମହାପାତ୍ର ଉପସ୍ଥିତ ଥିଲେ। ବ୍ୟାଙ୍କ ଋଣ ବିବାଦ ସହ ଜମିଜମା, ମୋଟରଯାନ ଆଇନ, ଦୁର୍ଘଟଣା ଓ ପାରିବାରିକ ଆଦି ବିଭିନ୍ନ ବିବାଦର ସମାଧାନ କରାଯାଇଥିଲା।


ଲୋକ ଅଦାଲତରେ ବିଚାରପତି ଓ ଅନ୍ୟମାନେ।

### ପୂର୍ବାଞ୍ଚଳ ଏସଓଏସ ଭିଲେଜ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ

**ରାଉରକେଲା ଅଫିସ, ୮।୯**

ସେକ୍ଟର-୬ ଇସ୍ପାତ ଷ୍ଟାଡିୟମରେ ଆୟୋଜିତ ପୂର୍ବାଞ୍ଚଳ ଏସ୍‌ଓଏସ୍ ଭାରତୀୟ ଶିଶୁଗ୍ରାମ ପୂର୍ବାଞ୍ଚଳ କ୍ରୀଡା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସିଡବ୍ଲ୍ୟୁଏସ ହସ୍ପିଟାଲ ନିର୍ଦ୍ଦେଶକ ବେନିଚାନ ପିଟର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅର୍ଜୁନ ପୁରସ୍କାରପ୍ରାପ୍ତ ବଡିବିଲ୍ଡର ସୁନୀଲ ପାତ୍ର ଓ ଜିଲା ଶିଶୁମଙ୍ଗଳ ସମିତି ଅଧକ୍ଷ ବସନ୍ତ ମଲ୍ଲିକ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଏହି ଅବସରରେ ମଞ୍ଚାସୀନ ଅତିଥି ପ୍ରତିଯୋଗିତାରେ ସଫଳ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ।

# ସୁନ୍ଦରଗଡ଼ ଜିଲାରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

## ସରକାରଙ୍କ ହସ୍ତକ୍ଷେପ ଲୋଡ଼ିଲେ ଦିଲୀପ ରାୟ

**ରାଉରକେଲା ଅଫିସ, ୮।୯**

ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧକ୍ଷ ପଦ ସହ ଅଧାରୁ ଅଧିକ ଅଧାପକ ପଦ ଖାଲି ପଡିଛି। ଏହି ଶିକ୍ଷାନୁଷ୍ଠାନର ସ୍ୱୟଂଶାସିତ ମାନ୍ୟତା ଅବଧି ବି ଶେଷ ହୋଇଯାଇଛି। ଏହା ସତ୍ତ୍ୱେ ଗତ ୧୧ବର୍ଷ ଧରି ଏହାର ନବୀକରଣ କରାଯାଉନି ବୋଲି ରାଉରକେଲା ବିଧାୟକ ଦିଲୀପ ରାୟ ବିଧାନସଭାରେ ପ୍ରଶ୍ନ ଉତ୍‌ଥାପନ କରିଛନ୍ତି। ଏଭଳି ଅନିୟମିତତାକୁ ମଧ ବିଭାଗୀୟ ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ ସ୍ୱୀକାର କରିଛନ୍ତି। ଏପରି ଅବସ୍ଥାରେ ବିଧାୟକ ରାୟ ଏହି ମହାବିଦ୍ୟାଳୟକୁ ସ୍ୱୟଂଶାସିତ ମର୍ଯ୍ୟାଦା ପ୍ରଦାନ ନେଇ ନବୀକରଣ ସହ ଏକକ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବାକୁ ସରକାରଙ୍କ ନିକଟରେ ଦାବି କରିଛନ୍ତି। ଏଥିସହ ଖାଲି ପଡିଥିବା ଶିକ୍ଷକ, ଅଣଶିକ୍ଷକ ପଦ କେବେ ସୁଦ୍ଧା ପୂରଣ କରାଯିବ ସେନେଇ ଜାଣିବାକୁ ଆଗ୍ରହ ପ୍ରକାଶ କରିଥିଲେ। ଉତ୍ତରରେ ମନ୍ତ୍ରୀ ଦାସ କହିଥିଲେ ଏହି ଡିଗ୍ରୀ କଲେଜକୁ ୨୦୦୨ରେ ସ୍ୱୟଂଶାସିତ ମାନ୍ୟତା ପ୍ରଦାନ କରାଯାଇଥିଲା। ଏହାର ଅବଧି ୨୦୦୭ରୁ ଶେଷ ହୋଇଛି। ଏନେଇ ୟୁଜିସି ସହ ଯୋଗାଯୋଗ ଚାଲିଛି। ନାକ ଟିମ୍‌ର ପରିଦର୍ଶନ ପରେ ସ୍ୱୟଂଶାସିତ ମାନ୍ୟତାର ନବୀକରଣ କରାଯିବ ବୋଲି ମନ୍ତ୍ରୀ ଦାସ କହିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ଏହି କଲେଜ ଅଧକ୍ଷ ପଦ ସାଙ୍ଗକୁ ୬୦ଟି ଅଧାପକ ପଦ ମଧ୍ୟରୁ ମାତ୍ର ୨୩ଜଣ ଅଛନ୍ତି। ୩୭ ପଦ ଖାଲି ପଡିଛି। କଲେଜରେ ୩ଜଣ ଗଣିତ ଅଧାପକ ଆବଶ୍ୟକ ରହିଥିବା ବେଳେ ଜଣେ ସୁଦ୍ଧା ନାହାନ୍ତି। କେବଳ ଏତିକି ନୁହେଁ, ମନସ୍ତତ୍ତ୍ୱ, ସମାଜ ବିଜ୍ଞାନ ଓ ବାଣିଜ୍ୟ ବିଷୟରେ ମଧ କେହି ଶିକ୍ଷକ ନାହାନ୍ତି। ବିଜ୍ଞାନ ପାଠ୍ୟକ୍ରମରେ ୨୪ଟି ମଞ୍ଜୁରିପ୍ରାପ୍ତ ଅଧାପକ ପଦ ରହିଥିବା ବେଳେ ଏଥିରୁ ୫ଟି ବିଭାଗରେ ୧୪ଟି ପଦ ଖାଲି ପଡିଛି। ସେହିଭଳି ଇଂଲିଶରେ ୬ଟି, ଓଡିଆରେ ୪ଟି ଅଧାପକ ପଦ ଥିବା ବେଳେ ସେଥିରୁ ଯାଥାକ୍ରମେ ୫ ଓ ୨ଟି ପଦ ଖାଲି ପଡିଛି। ଏଭଳି ଅନେକ ବିଷୟରେ ଅଧାପକ ପଦ ଖାଲି ରହିଛି। ଏହି ମହାବିଦ୍ୟାଳୟ ପାଇଁ ୭୫ଟି ମଞ୍ଜୁରିପ୍ରାପ୍ତ ଅଣଶିକ୍ଷକ ପଦ ରହିଥିବା ବେଳେ ଏଥିରୁ ୪୫ଟି ଖାଲି ପଡିଥିବା ମନ୍ତ୍ରୀଙ୍କ ଠାରୁ ସୂଚନା ମିଳିଛି। ବିଧାୟକ ରାୟ କହିଛନ୍ତି କେବଳ ରାଉରକେଲା ନୁହେଁ ସୁନ୍ଦରଗଡ ଜିଲାର କୌଣସି ସରକାରୀ କିମ୍ବା ସାହାଯ୍ୟପ୍ରାପ୍ତ କଲେଜରେ ଜଣେ ହେଲେ ନିୟମିତ ଅଧକ୍ଷ ନାହାନ୍ତି। ଅଧାପକ ପଦ ସବୁ ଖାଲି ପଡିଛି। ଫଳରେ ଶିକ୍ଷାଦାନ ନେଇ ସମସ୍ୟା ଲାଗି ରହିଛି। ତୁରନ୍ତ ଏ ଦିଗରେ ଉଚ୍ଚ ଶିକ୍ଷା ବିଭାଗ ପଦକ୍ଷେପ ନେବାକୁ ରାୟ ଏକ ବିବୃତ୍ତିରେ ଦାବି କରିଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର,ରବିବାର, ୯ ସେପ୍ଟେମ୍ବର, ୨୦୧୮



କ୍ୟାଥଲିକ୍ ଚର୍ଚ୍ଚଗୁଡ଼ିକରେ ଯୌନ ନିର୍ଯାତନା ଭଳି ଅପରାଧ ବୃଦ୍ଧି ପାଉଥିଲେ ମଧ୍ୟ ଚର୍ଚ୍ଚ କର୍ତ୍ତୃପକ୍ଷ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଏସବୁ ଦେଖି ଲଜ୍ଜାରେ ତାଙ୍କ ମୁଣ୍ଡ ନଇଁଯାଉଛି ବୋଲି ଶନିବାର ପୋପ୍ ଫ୍ରାନ୍ସିସ୍ କହିଛନ୍ତି।



## ସଂକ୍ଷେପରେ

### ଦକ୍ଷିଣ ସମ୍ଭାଗ ସ୍ତରୀୟ ଖେଳକୁଦ ସମାରୋହ

#### ଯୋଗ ଦେଲେ ୪ଜିଲାର ଖେଳାଳି

**ନୂଆପଡା ଅଫିସ/ଖରିଆର ରୋଡ,୮।୯**

ଏହି ଜିଲା ଖରିଆରରୋଡ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଦକ୍ଷିଣ ସମ୍ଭାଗ ସ୍ତରୀୟ ଶିଶୁମାନଙ୍କର ଖେଳକୁଦ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାମନ୍ଦିର ସଭାପତି ସୁରେଶ କୁମାର ଗୁପ୍ତା ସଭାପତିତ୍ୱ କରିଥିଲେ। ପୂର୍ବତନ ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଏଥିରେ ମୁଖ୍ୟ ବକ୍ତା ଭାବରେ ଶିକ୍ଷା ବିକାଶ ପଶ୍ଚିମ ସମ୍ଭାଗର ସମ୍ପାଦକ ଦୁର୍ଲ୍ଲଭ ଚରଣ ବେହେରା ଯୋଗଦେଇ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ। ସେ ଶିଶୁମାନଙ୍କର ଉତ୍ତମ ଚରିତ୍ର ନିର୍ମାଣ ସାଙ୍ଗକୁ ଦେଶ ଗଠନରେ କ୍ରୀଡାର ଭୂମିକା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦକ୍ଷିଣ ସମ୍ଭାଗର ସଂଯୋଜକ ଜ୍ୟୋତିରଞ୍ଜନ ମିଶ୍ର, ବଲାଙ୍ଗୀର ବିଭାଗ ନିରୀକ୍ଷକ ବିପିନ ବିହାରୀ ମିଶ୍ର, ନୂଆପଡା ବିଭାଗ ନିରୀକ୍ଷକ ସୁଶାନ୍ତ ପାଣିଗ୍ରାହୀ, ସମ୍ଭାଗ କାର୍ଯ୍ୟାଳୟ ପ୍ରମୁଖ ଜ୍ଞାନରଞ୍ଜନ ପାଢ଼ୀ, ବିଦ୍ୟାମନ୍ଦିର ପ୍ରଧାନାଚାର୍ଯ୍ୟ କନକରାମ ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କ୍ରୀଡା ସମାରୋହରେ ନୂଆପଡା ସମେତ ବଲାଙ୍ଗୀର, ସୋନପୁର, ବୌଦ୍ଧ ଜିଲାର ୧୪ଟି ସଙ୍କୁଳର ୪୭ ବିଦ୍ୟାମନ୍ଦିରରୁ ମୋଟ ୨୬୧ଜଣ ପ୍ରତିଯୋଗୀ ଭାଗ ନେଇଥିଲେ।

### ଚାଷୀଙ୍କ ଅସ୍ୱାଭାବିକ ମୃତ୍ୟୁ

**ପାଇକମାଲ,୮।୯(ଡି.ଏନ.ଏ.):** ପାଇକମାଲ ବ୍ଲକ ମାଣ୍ଡିଆଡ଼ିପା ପଞ୍ଚାୟତ ମୁଣ୍ଡେଲା ଗ୍ରାମର ଜଣେ ଚାଷୀଙ୍କ ଶନିବାର ବୁର୍ଲା ଡାକ୍ତରଖାନାରେ ମୃତ୍ୟୁ ଘଟିଛି । ମୃତକ ହେଲେ ଉପେନ୍ଦ୍ର ବାଗ (୫୦) । ସେ ଶୁକ୍ରବାର ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ସକାଳ ୭ଟାରେ ତାଙ୍କର ମୃତ୍ୟୁ ହୋଇଥିଲା । ଉପେନ୍ଦ୍ର ତିନି ଏକର ଜମି କରିବା ଚାଷ ପାଇଁ ପାଇକମାଲ ସମବାୟ ସମିତିରୁ ୩୮ ହଜାର ୫୮୫ଟଙ୍କା, ମହାଜନଙ୍କଠାରୁ ୩୦ହଜାର ଟଙ୍କା ଋଣ କରିଥିଲେ । ପାଇକମାଲ ସେବା ସମିତିକୁ ୧୬୩୬ଜଣ ଚାଷୀଙ୍କ ଶସ୍ୟବୀମା ଟଙ୍କା ଆସିଥିବା ବେଳେ ୬୯ଜଣଙ୍କର ଆସି ନ ଥିଲା । ଶୁକ୍ରବାର ୬୯ରୁ ୨୦ଜଣ ଚାଷୀଙ୍କ ବୀମା ଟଙ୍କା ଆସିଥିଲା । କିନ୍ତୁ ଉପେନ୍ଦ୍ର ବାଗଙ୍କ ବୀମା ଟଙ୍କା ନ ଆସିବାରୁ ସେ ଚିନ୍ତାରେ ଥିଲେ । ତାଙ୍କ ପୁଅ ମନୋଜ ବାଗଙ୍କ କହିବା ଅନୁସାରେ ବୀମାଟଙ୍କା ନ ପାଇବାରୁ ହତାଶ ହୋଇ ହଠାତ୍ ତାଙ୍କ ବାପା ଉପେନ୍ଦ୍ରଙ୍କ ଦେହ ଅସୁସ୍ଥ ହୋଇପଡିଥିଲା ଏବଂ ବୁର୍ଲାରେ ତାଙ୍କର ମୃତ୍ୟୁ ଘଟିଛି ବୋଲି କହିଥିଲେ । ମୃତ ଚାଷୀ ପରିବାରକୁ ଖୁବ ଶୀଘ୍ର ଶସ୍ୟବୀମା ଟଙ୍କା ଦେବା ସହ ରେଡକ୍ରସରୁ ୧୦ହଜାର ଟଙ୍କା ଦେବା ପାଇଁ ଦାବି କରିଛନ୍ତି ।





ଜାତୀୟ ପୁଷ୍ଟିକର ସପ୍ତାହ ପାଳନ ଅବସରରେ ସଚେତନତା ଶୋଭାଯାତ୍ରାରେ ଯୁବତୀମାନେ ପରିକ୍ରମା କରୁଛନ୍ତି (ବାମ) । ଜଣେ କିଶୋରୀଙ୍କୁ ପୁରସ୍କୃତ କରାଯାଉଛି ।

# ଅପପୁଷ୍ଟିରୁ ମୁକୁଳିବାକୁ ସଚେତନତା ଜରୁରୀ

**ନୂଆପଡା ଅଫିସ/କୋମନା,୮।୯**

**କୋମନା ବ୍ଲକ**
- ଜାତୀୟ ପୁଷ୍ଟିକର ସପ୍ତାହ ପାଳିତ
- ଯୁବତୀଙ୍କ ସଚେତନତା ରାଲି
- କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ

ଏହି ଜିଲା କୋମନା ବ୍ଲକ ପରିସରରେ ବ୍ଲକ ପ୍ରଶାସନ, ସମନ୍ୱିତ ଶିଶୁ ବିକାଶ ବିଭାଗ ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନ ସ୍ୱେଡର ମିଳିତ ଆନୁକୂଲ୍ୟରେ ଜାତୀୟ ପୁଷ୍ଟିକର ସପ୍ତାହ ପାଳିତ ହୋଇଯାଇଛି। ଏଥିରେ ସ୍ୱେଡର ଜିଲା ସଂଯୋଜକ ଶମ୍ଭୁ ସାହୁ ସଭାପତିତ୍ୱ କରିଥିଲେ। କୋମନା ବ୍ଲକ ଉନ୍ନୟନ ଅଧିକାରୀ ଦେବାଶିଷ ସିହ୍ନା ମୁଖ୍ୟ ଅତିଥି, ସ୍ୱେଡର ରାଜ୍ୟ କାର୍ଯ୍ୟକ୍ରମ ପରିଚାଳକ ଜିତେନ୍ଦ୍ର ରଥ ମୁଖ୍ୟ ବକ୍ତା, କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଇନଚାର୍ଜ ଡା. ଦିବାକର ଓଝା, କୋମନା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବିମଳିନୀ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଏକ ସଚେତନତା ରାଲି ସହର ପରିକ୍ରମା କରିଥିଲା। ଏଥିରେ ଅଞ୍ଚଳର ଯୁବତୀ, ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମବେଳେ ଅଙ୍ଗନୱାଡି କର୍ମୀମାନେ ପାକ ପଦ୍ଧତି ଏବଂ ପୁଷ୍ଟିଯୁକ୍ତ ଖାଦ୍ୟ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଦେବରାଜ ଭୋଇ ସ୍ୱାଗତ ଭାଷଣ ଦେଇଥିଲେ। ମନୋଜ କୁମାର ମେହେର ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ପୁଷ୍ଟିହୀନତାରୁ ମୁକୁଳିବାକୁ ହେଲେ ବିଶେଷକରି ଗ୍ରାମ୍ୟସ୍ତରରେ ମା'ମାନଙ୍କୁ ସଚେତନ କରିବାକୁ ହେବ ବୋଲି ମତ ରଖିଥିଲେ। ସେହିଭଳି ଅପପୁଷ୍ଟିର କାରଣ ଏବଂ ପ୍ରଭାବ ଉପରେ ଡା. ଓଝା ମତବ୍ୟକ୍ତ କରିଥିଲେ। ସେହିଭଳି ଗର୍ଭବତୀ, ପ୍ରସୂତୀ ମହିଳାମାନଙ୍କର ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ସନ୍ତୁଳିତ ଆହାର, ସମ୍ପୂର୍ଣ୍ଣ ଟୀକାକରଣ, ମମତା ଦିବସରେ ମା'ଙ୍କର ଭାଗିଦାରୀତାକୁ ସୁନିଶ୍ଚିତ କରିବା, ଗାଁ କଲ୍ୟାଣ ଯୋଜନା, ମମତା ଯୋଜନାର ସଦୁପଯୋଗ ହୋଇପାରିଲେ ଅପପୁଷ୍ଟି ଦୂର ହୋଇପାରିବ ବୋଲି କହିଥିଲେ। ଏହି ଅବସରରେ କିଶୋରୀ ଯୁବତୀମାନଙ୍କୁ ନେଇ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ କୁନାଲ ବେହେରା ଏବଂ ଟିମ ଦ୍ୱାରା ସଚେତନତା ଧର୍ମୀ ପାଲା ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ ଦେବରାଜ ଭୋଇ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଜାତୀୟ ସ୍ୱାସ୍ଥ୍ୟ ମିଶନ କର୍ମଚାରୀଙ୍କ କଳାବ୍ୟାଜ ଧାରଣ

**ସିନାପାଲି, ୮।୯ (ଡି.ଏନ.ଏ.)**

ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘର ନିଷ୍ପତ୍ତିକ୍ରମେ ସାରା ରାଜ୍ୟର କର୍ମଚାରୀମାନଙ୍କ ଅଫିସ୍ ବର୍ଜନ ସହିତ କଳାବ୍ୟାଜ୍ ଧାରଣ କରିଛନ୍ତି। ନୂଆପଡ଼ା ଜିଲା ସିନାପାଲିରେ ମଧ କାର୍ଯ୍ୟରତ ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀମାନେ ଅଫିସ ବର୍ଜନ ସହ କଳାବ୍ୟାଜ୍ ଧାରଣ କରିଛନ୍ତି। ଛଅ ଦଫା ଦାବିନେଇ ସେପ୍ଟେମ୍ବର ୧୦ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଏବଂ ଭୁବନେଶ୍ୱର ପିଏମ୍‌ଜି ଛକଠାରେ ଧାରଣାରେ ବସିବା ନିଷ୍ପତ୍ତି ନିଆଯାଇଛି। ଦାବିପତ୍ରରେ ନନ୍ ମେଡିକେ ପବ୍ଲିକ ହେଲଥ୍ ମେନେଜେରିଆଲ କ୍ୟାଡର ସୃଷ୍ଟିକରି ଚାକିରୀ ନିଲମ୍ବିତ କରିବା, ସପ୍ତମ ବେତନ କମିଶନରଙ୍କ ସୁପାରିଶ ଅନୁଯାୟୀ ସର୍ବନିମ୍ନ ଦରମା ୧୮ ହଜାରରୁ ଅଧିକ ସହିତ ସରକାରୀ କର୍ମଚାରୀଙ୍କ ଭଳି ଭତ୍ତା ଏବଂ ଅନ୍ୟାନ୍ୟ ସୁବିଧା ଓ ବ୍ଲକ,ଜିଲା,ରାଜ୍ୟ ସ୍ତରୀୟ କର୍ମଚାରୀଙ୍କ ମଧ୍ୟରେ ଥିବା ଦରମା ଅସମାନତା ଦୂର କରିବା, ସମସ୍ତଙ୍କ ପାଇଁ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି (ଏପିଏଫ) ବ୍ୟବସ୍ଥା ପ୍ରଦାନ, ପରଫରମେନ୍ସ ଇନସେନଟିଭ ଉଚ୍ଛେଦ, ଇ.ଏସ୍.ଆଇ. ଏବଂ କ୍ୟାସଲେସ ହେଲେଥ ଇନ୍ସୁରେନ୍ସ ପଲିସି ପ୍ରୟୋଗ, ହାଉସ ରେଣ୍ଟ ସହିତ ବୋନସ୍ ପ୍ରଦାନ କରିବା ପ୍ରଭୃତି ଦାବି ଉଲ୍ଲେଖ କରାଯାଇଛି। ସିନାପାଲି ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ଦିବ୍ୟରନ ନାଏକ, ସରୀତା ବାରିକ, ବୈଷମ୍ପାୟନ ମେହେର, ଭାନୁପ୍ରତାବ ସିଂ ପ୍ରମୁଖ ଏ ସମ୍ପର୍କରେ ପ୍ରକାଶ କରିଛନ୍ତି।



ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀମାନେ କଳାବ୍ୟାଜ୍ ଧାରଣ କରି ଦାବିପତ୍ର ଦେଉଛନ୍ତି।

## ନଦୀରୁ ରିକ୍ସା ଚାଳକଙ୍କ ମୃତଦେହ ଉଦ୍ଧାର



ଜୀରାନଦୀରୁ ରିକ୍ସାଚାଳକଙ୍କ ମୃତଦେହ ଉଦ୍ଧାର କରାଯାଉଛି ।

**ବରଗଡ଼ ଅଫିସ୍,୮।୯**

ବରଗଡ଼ ସହର ଉପକଣ୍ଠ ଜୀରାନଦୀକୁ ଗାଧୋଇ ଯାଇଥିବାବେଳେ ଶୁକ୍ରବାର ଅପରାହ୍ନ ପ୍ରାୟ ଦେଢ଼ଟାରେ ଜଳସ୍ରୋତରେ ଭାସି ଯାଇଥିବା ରିକ୍ସା ଚାଳକ ବୈଷ୍ଣବ ତେଜି(୪୦)ଙ୍କ ମୃତଦେହକୁ ଶନିବାର ସକାଳେ ଉଦ୍ଧାର କରାଯାଇଛି । ପୁରୁଣା ଜୀରା ବ୍ରିଜ୍‌ର ଅନତିଦୂର ପିଏଚଡ଼ି ପଡ଼ା ନଦୀକୂଳରୁ ତାଙ୍କ ମୃତଦେହ ମିଳିଛି । ସ୍ଥାନୀୟ ଯୁବକମାନେ ଖୋଜାଖୋଜି କରୁଥିବାବେଳେ ସେଠାରେ ମୃତଦେହଟି ଲାଖି ରହିଥିବା ଦେଖିବାକୁ ମିଳିଥିଲା । ଯୁବକମାନେ ମୃତଦେହ ଉଦ୍ଧାର କରିବା ପରେ ପୋଲିସ ଶବ ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି । ଶୁକ୍ରବାର ୩/୪ଜଣ ଯୁବକଙ୍କ ସହିତ ଗାଧୋଇବାକୁ ଯାଇଥିବାବେଳେ ଜୀରାନଦୀର ଜଳସ୍ରୋତରେ ବୈଷ୍ଣବ ଭାସି ଯାଇଥିଲେ । ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ଲୋକେ ଖୋଜାଖୋଜି କରିବା ସତ୍ତ୍ୱେ ଶୁକ୍ରବାର ତାଙ୍କ ପତ୍ତା ମିଳି ନ ଥିଲା।

### ଦେହରେ ନିଆଁ ଲାଗି ମହିଳାଙ୍କ ମୃତ୍ୟୁ

**ସୋହେଲା,୮।୯(ଡି.ଏନ.ଏ.)**

ବରଗଡ ଜିଲା ସୋହେଲା ଥାନା ଅନ୍ତର୍ଗତ ଝର ଗ୍ରାମର ଜଣେ ମହିଳାଙ୍କ ଦେହରେ ନିଆଁ ଲାଗି ବୁର୍ଲା ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ମୃତ୍ୟୁ ଘଟିଛି। ଏହି ଘଟଣାରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ମୃତ ମହିଳାଙ୍କ ସ୍ୱାମୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି । ପୋଲିସ ସୂତ୍ରରୁ ପ୍ରକାଶ ଯେ, ଗତ ୨୦୦୭ରେ ସୋହେଲା ଥାନା ଅନ୍ତର୍ଗତ ତାଣ୍ଡୋଲ ଗ୍ରାମର ପ୍ରେମାନନ୍ଦ ରଣାଙ୍କ ଝିଅ ମମ ରଣାଙ୍କୁ ଝର ଗ୍ରାମର ବାଦଲ ରଣାଙ୍କ ପୁଅ ସଞ୍ଜୀବ ରଣା(୩୫) ସାମାଜିକ ରୀତିରେ ବିବାହ କରିଥିଲେ। ସେମାନଙ୍କ ତିନୋଟି ସନ୍ତାନ ଅଛନ୍ତି। କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ଶୁକ୍ରବାର ରାତିରେ ଝଗଡା ହୋଇଥିଲା । ଝର ଗ୍ରାମର ଜଣେ ଭଦ୍ରବ୍ୟକ୍ତି ରାତି ୮ଟାରେ ମମଙ୍କ ବାପା ତାଣ୍ଡୋଲ ଗ୍ରାମର ପ୍ରେମାନନ୍ଦଙ୍କୁ ଫୋନ କରି ତୁମ ଝିଅ ନିଆଁରେ ପୋଡି ଯାଇଛି ବୋଲି ଖବର ଦେଇଥିଲେ । ପ୍ରେମାନନ୍ଦ ଗ୍ରାମର ଭଦ୍ରବ୍ୟକ୍ତିଙ୍କୁ ଧରି ଝର ଗ୍ରାମକୁ ଆସି ମମ ବାରଣ୍ଡାରେ ମୁମୂର୍ଷୁ ଅବସ୍ଥାରେ ପଡିଥିବା ଦେଖିବାକୁ ପାଇଥିଲେ ।

## ବିଜୁ ସେନାକୁ ବ୍ରେକ୍ ଦେବ ମୋଦି ସେନା: ସୁବାସ ଚୌହାନ




ଭାଜପା ନେତା ସୁବାସ ଚୌହାନ ବକ୍ତବ୍ୟ ଦେଉଛନ୍ତି ।

**ସରଣ୍ଡା, ୮।୯ (ଡି.ଏନ.ଏ)**

ବିଜେଡି ବିଜୁ ସେନା କରିଛି, ଆମେ ମୋଦି ସେନା କରିଛୁ । ବିଜୁ ସେନାକୁ ମୋଦି ସେନା ଶତ ପ୍ରତିଶତ ବ୍ରେକ୍ ଦେଇପାରିବ। ଅତାବିରା ଏନଏସି ଅନ୍ତର୍ଗତ ଲାତରପାଲି ମାଁ ରାମଚଣ୍ଡୀ କଲ୍ୟାଣ ମଣ୍ଡପରେ ମୋଦୀ ସେନାର କର୍ମଶାଳାକୁ ଉଦ୍‌ଘାଟନ କରି ଭାଜପା ନେତା ସୁବାଷ ଚୌହାନ ଏହା କହିଛନ୍ତି । ଇଂ. ଭରତ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଚୌହାନ ଆହୁରି କହିଥିଲେ ଯେ, ମୋଦି ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ଲାଭ ଲୋକଙ୍କ ପାଖକୁ ପହଞ୍ଚାଇବାର କାମ ମୋଦି ସେନା କରିବ। ଓଡିଶାରେ ବିଜେଡି ସରକାର ଥିବାରୁ କେନ୍ଦ୍ର ଯୋଜନା ଲୋକଙ୍କ ପାଖକୁ ପହଞ୍ଚି ପାରୁନାହିଁ । ଏଣୁ ଆଗାମୀ ନିର୍ବାଚନରେ ଓଡିଶାରେ ଭାଜପା ସରକାର ଯେମିତି କରିବ ସେଥିପାଇଁ ଆପଣମାନେ ପ୍ରାଣପଣେ ଚେଷ୍ଟା କରନ୍ତୁ ବୋଲି ଚୌହାନ କର୍ମୀମାନଙ୍କୁ କହିଥିଲେ । ଚୌହାନ ପରେ ଖବରଦାତାମାନଙ୍କୁ ସାକ୍ଷାତକାର ଦେଇ କହିଥିଲେ, ଏମିତି ସେନା ଗଢ଼ିବା ପାଇଁ ଦଳ ପକ୍ଷରୁ ନିର୍ଦ୍ଦେଶ ଆସିନାହିଁ । ତଥାପି ଦଳୀୟ ଚିହ୍ନ ଥିବାରୁ ସେ ଏଠାକୁ ଆସିଛନ୍ତି। କର୍ମଶାଳାରେ ମୋଦି ସେନାର ଅଧ୍ୟକ୍ଷ ମହେନ୍ଦ୍ର ପୁରୋହିତ, କେଦାର ମିଶ୍ର, ମୁକୁନ୍ଦ ଦାସ, ସୁଦାମ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ।

#### କୋରେକ୍ସ ଧରପଗଡ଼ବେଳେ ହୋମଗାର୍ଡଙ୍କୁ ମାର୍‌ପିଟ

## ୫ଯୁବକଙ୍କ ବିରୋଧରେ ମାମଲା

**ନୂଆପଡା ଅଫିସ, ୮।୯**

ସ୍ଥାନୀୟ ନୂଆପଡା ସଦର ଥାନାରେ କାର୍ଯ୍ୟରତ ଶରତ ହଂସ (୩୨) ନାମକ ଜନୈକ ହୋମଗାର୍ଡଙ୍କୁ ବାଟରେ କୋରେକ୍ସ ଚାଲାଣ କରୁଥିବା ଯୁବକମାନେ ମାର୍‌ପିଟ କରିଥିବା ଅଭିଯୋଗ ହୋଇଛି। ଏଥିରେ ୫ଜଣ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ପୋଲିସ ଦଫା ୩୪୧, ୨୯୪, ୩୨୩, ୩୩୨, ୩୫୩, ୫୦୬, ୧୪୩, ୧୪୯ ଏକ ମାମଲା ରୁଜୁ କରିଛି। ପୋଲିସ ଯୁବକମାନଙ୍କୁ ଗିରଫ କରିବାକୁ ତନାଘନା ଉଦ୍ୟମ ଚଳାଇଛି।

ଅଭିଯୋଗ ଅନୁସାରେ ସ୍ଥାନୀୟ ଲୁକୁପାଲି ଗାଁର ଶରତ ହଂସ ଶୁକ୍ରବାର ସନ୍ଧ୍ୟାରେ ଥାନାକୁ ଡ୍ୟୁଟିପାଇଁ ଆସୁଥିଲେ। ଏହି ସମୟରେ ନୂଆପଡା ସହରର ସିର୍ଡୋଲ ଚେକଗେଟ ସମ୍ମୁଖରେ କେତେଜଣ ଯୁବକ କୋମନା ପଟୁ କୋରେକ୍ସ ବୋଝେଇ କରି ନୂଆପଡା ସହର ଭିତରକୁ ଆସୁଥିଲେ। ହୋମଗାର୍ଡ ଏହା ଜାଣିପାରି ଏମାନଙ୍କୁ ପିଛା କରିଥିଲେ। ହେଲେ ହୋମଗାର୍ଡଙ୍କୁ ଏକାକୀ ଦେଖି ଯୁବକମାନେ ଓଲଟା ଆକ୍ରମଣ କରିଥିଲେ। ତାଙ୍କୁ ଧରି ଠେଲାପେଲା କରିବା ସହ ମାଡ ମାରିଥିବା ଅଭିଯୋଗ ହୋଇଛି। ଏଭଳି ପିଛା କଲେ ଜୀବନରେ ମାରିଦେବେ ବୋଲି ଧମକ ଦେଇଥିଲେ। ଏହାକୁ ନେଇ ଶରତ ଥାନାର ଦ୍ୱାରସ୍ଥ ହେବା ପରେ ପୋଲିସ ସିର୍ଡୋଲର ୩ଜଣ ଆଶିଷ ମଲ୍ଲିକ, ସନାତନ, ସତ୍ୟଜିତ ହରପାଲ ଏବଂ ଅନ୍ୟ ୨ଜଣଙ୍କ ଅଜଣା ବ୍ୟକ୍ତିଙ୍କ ନାମରେ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏହା ଉପରେ ଶନିବାର ଦିନ ତମାମ ଛାନଭିନ ଜାରି ରଖିଥିଲା। ସନ୍ଧ୍ୟା ସୁଦ୍ଧା କାହାରିକୁ ଧରାଯାଇ ନ ଥିବା ସବ ଇନ୍ସପେକ୍ଟର ସବ୍ୟସାଚୀ ସତପଥୀ କହିଛନ୍ତି। ଅଭିଯୁକ୍ତ ଯୁବକମାନଙ୍କୁ ଧରିବା ପାଇଁ ପୋଲିସ୍ ପକ୍ଷରୁ ରବିବାର ମଧ ବିଭିନ୍ନ ସ୍ଥାନରେ ଛାନ୍ ଭିନ୍ କରାଯିବ। ଖୁବ୍‌ଶୀଘ୍ର ଅଭିଯୁକ୍ତ ଯୁବକମାନଙ୍କୁ ଗିରଫ କରାଯିବ ବୋଲି ପୋଲିସ୍ ପକ୍ଷରୁ କୁହାଯାଇଛି। ଏହି ଘଟଣା ନୂଆପଡ଼ା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

# ସମାଜର ଦୁର୍ବଳ ଶ୍ରେଣୀକୁ ତାଲିମରେ ସାମିଲ କରିବା ଉଚିତ

**ନୂଆପଡା ଅଫିସ,୮।୯**

ଭାରତ ଏକ କୃଷି ପ୍ରଧାନ ଦେଶ। ଏହିଭଳି ରାଜ୍ୟର ନୂଆପଡା ଭଳି ଜିଲାରେ ମଧ୍ୟ ଅଶୀ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରିଚଳିଥାନ୍ତି। ଏଠାରେ କୃଷି କ୍ଷେତ୍ରରେ ବିପ୍ଳବ ଆଣିବାକୁ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକମାନେ କାମ କରୁଛନ୍ତି। ହେଲେ ଏଥିରେ ବିଭିନ୍ନ ସମୟରେ ସମାଜର ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ତାଲିମ କାର୍ଯ୍ୟକ୍ରମରେ ସାମିଲ କରିବାକୁ ବକ୍ତାମାନେ ମତ ଦେଇଥିଲେ। ସ୍ଥାନୀୟ ଜିଲା କୃଷି ବିଜ୍ଞାନ କେନ୍ଦ୍ରରେ ଅନୁଷ୍ଠିତ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକରେ ବକ୍ତାମାନେ ଯୋଗଦେଇ ଏହି ମତ ରଖିଥିଲେ।

ଓୟୁଏଟିର ଯୁଗ୍ମ ନିର୍ଦ୍ଦେଶକ ଡ.ପ୍ରସନ୍ନଜିତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କୋଲକାତା ଅଟାରୀର ନିର୍ଦ୍ଦେଶକ ଡ. ଏସ. ଏସ. ସିଂ ମୁଖ୍ୟ ଅତିଥି, ସିଡିଭିଓ ପି.କେ. ସାମନ୍ତରାୟ, ନାବାର୍ଡର ଡିଡିଏମ ଏସ.କେ. ମେହେର, ଏଏଫଓ ଜଗଦିଶ ଷଡଙ୍ଗୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ସ୍ୱାଗତିକା ଶ୍ରୀଚନ୍ଦନ ପରିଚାଳନା କରିଥିଲେ। ଏହି ଅବସରରେ ଚାଷୀମାନେ ସେମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଉପସ୍ଥାପନା କରିଥିବାବେଳେ ଏସମ୍ପର୍କରେ ବୈଜ୍ଞାନିକମାନେ ସେସବୁକୁ କିପରି ସମାଧାନ କରିବେ ସେ ଉପରେ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ୨୦୧୭-୧୮ଆର୍ଥିକ ବର୍ଷର କାର୍ଯ୍ୟକ୍ରମ ଏବଂ ୨୦୧୮-୧୯ ପାଇଁ କାର୍ଯ୍ୟକ୍ରମ ଯୋଜନାକୁ ଉପସ୍ଥାପନା କରାଯାଇଥିଲା। ବିଭାଗୀୟ ମୁଖ୍ୟମାନେ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରି କୃଷି ବିଜ୍ଞାନ କେନ୍ଦ୍ର ଚାଷୀମାନଙ୍କର ସମସ୍ୟାକୁ କିପରି ଠିକ ଭାବରେ ସମାଧାନ କରିପାରିବ ସେ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଏହି ଅବସରରେ ଉଦ୍ୟୋଗୀ ଚାଷୀ ଶୋଭନଲାଲ ସାହୁ ପନିପରିବା ଚାଷରେ ନୂତନ ଜ୍ଞାନକୌଶଳ ଏବଂ ବଜାର ସମ୍ବନ୍ଧୀୟ ସୂଚନା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ନିର୍ଦ୍ଦେଶକ ଏସ.ଏସ. ସିଂ ଚାଷୀଙ୍କ ପ୍ରକୃତ ସମସ୍ୟାକୁ ନେଇ କ୍ଷେତ୍ର ପରୀକ୍ଷଣ କରିବା ପାଇଁ ପରାମର୍ଶ କରିଥିଲେ। ଆଦର୍ଶ ଗ୍ରାମର ପ୍ରକୃତ ସ୍ଥିତି ନିରୀକ୍ଷଣ କରି କାର୍ଯ୍ୟକ୍ରମକୁ ସ୍ଥିର କରିବା ଏବଂ ତାଲିମ କାର୍ଯ୍ୟକ୍ରମକୁ ସମାଜର ଦୁର୍ବଳ ଶ୍ରେଣୀକୁ ଅନ୍ତର୍ଭୁକ୍ତ କରିବା ପାଇଁ ନିର୍ଦ୍ଦେଶ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କେଭିକେର ବରିଷ୍ଠ ବୈଜ୍ଞାନିକ କ୍ଷୀରୋଦ ବିଶ୍ୱାଳ, ସିପିଏସଡବ୍ଲ୍ୟୁ ନିର୍ଦ୍ଦେଶକ ବିରଞ୍ଚି ନାରାୟଣ ମହାପାତ୍ର, ଏଲଡିଏମ କେଦାର ନାଥ ପଣ୍ଡା, କୈଳାସ ମାଝି ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଗୀତାଞ୍ଜଳି ସୁବୁଦ୍ଧି ଧନ୍ୟବାଦ ଜ୍ଞାପନ କରିଥିଲେ।




କୃଷି ବିଜ୍ଞାନକେନ୍ଦ୍ରର ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକରେ ଯୋଗଦେଇଥିବା ଅତିଥିବୃନ୍ଦ।

**ନୂଆପଡା କୃଷି ବିଜ୍ଞାନ କେନ୍ଦ୍ର**
- ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ
- ଯୋଗ ଦେଲେ ରାଜ୍ୟସ୍ତରୀୟ ଅଧିକାରୀ
- ଚାଷୀମାନେ ନିଜ ମତ ରଖିଥିଲେ

## ସଂକ୍ଷେପରେ

### ଜାତୀୟ ପୁଷ୍ଟି ସପ୍ତାହ ପାଳିତ

ଭବାନୀପାଟଣା,୮।୯(ଡି.ଏନ୍.ଏ.) ଜିଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ଏବଂ କେନ ପ୍ରୋଗ୍ରାମ ଆନୁକୂଲ୍ୟରେ ଜାତୀୟ ପୁଷ୍ଟି ସପ୍ତାହ ଶୁକ୍ରବାର ମିଶନଶକ୍ତି ସଭାଗୃହଠାରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ସରୋଜ କୁମାର ତିଆଡି ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ (ପରିବାର କଲ୍ୟାଣ) ଡ. ଅଶୋକ କୁମାର ଦାଶ, ଜିଲା ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନାରାଣୀ ପାତ୍ର, କେନର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ରାଜକିଶୋର ମିଶ୍ର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିଜୟ କୁମାର ସିଂହ, ସାମାଜିକ ସୁରକ୍ଷା ଅଧିକାରୀ ସବିତା ଦୋରା, ଜିଲା ସଂଯୋଜକ କ୍ଷୁଦ୍ର ଶସ୍ୟ ମିସନର ଆଦିତ୍ୟ ପ୍ରତାପ ସିଂଦେଓ, ଗ୍ରାମ୍ୟ ଓ ପରିମଳ ମିସନର ଜିଲା କାର୍ଯ୍ୟକ୍ରମ ସଂଯୋଜକ ତପନ ବେହେରା, ଜାତୀୟ ସ୍ୱାସ୍ଥ୍ୟ ମିଶନ ଉପ କାର୍ଯ୍ୟକ୍ରମ ପରିଚାଳକ (ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ) ଭବାନୀ ଶଙ୍କର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ସ୍ଥାନୀୟ ଅଞ୍ଚଳରେ ମିଳୁଥିବା କ୍ଷୁଦ୍ର ଶସ୍ୟଗୁଡିକର ପ୍ରସ୍ତୁତି ପ୍ରକ୍ରିୟା ଓ ପୁଷ୍ଟି ଗୁଣବତ୍ତା ବିସ୍ତୃତ ଭାବେ ବୁଝାଇଥିଲେ। ଏହି ଅବସରରେ କ୍ଷୁଦ୍ର ଶସ୍ୟରେ ପ୍ରସ୍ତୁତ ବିଭିନ୍ନ ଖାଦ୍ୟ ସାମଗ୍ରୀର ପ୍ରଦର୍ଶନୀ କରାଯାଇଥିଲା। ପ୍ରତ୍ୟେକ ବର୍ଗରୁ ୩ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା କାର୍ଯ୍ୟକ୍ରମ ପରିଚାଳକ ବିଶ୍ୱନାଥ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କେନ୍‌ର ଜିଲା ସଂଯୋଜକ ଦିବାକର ଚୌଧୁରୀଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା।

### ଭାରତ ବନ୍ଦ ପ୍ରସ୍ତୁତି ବୈଠକ

ଭବାନୀପାଟଣା,୮।୯(ଡି.ଏନ୍.ଏ.) ସ୍ଥାନୀୟ ସିପିଏମ୍ କାର୍ଯ୍ୟାଳୟଠାରେ କଳାହାଣ୍ଡି ଜିଲାର ସମସ୍ତ ବାମପନ୍ଥୀଦଳର ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୧୦ ତାରିଖ ଭାରତ ବନ୍ଦ ପାଳନକୁ ସଫଳ କରିବା ପାଇଁ ଆଲୋଚନା କରାଯାଇଥିଲା। ଗ୍ୟାସ, ପେଟ୍ରୋଲ, ଡିଜେଲ ଓ ଅନ୍ୟାନ୍ୟ ସାମଗ୍ରୀର ଦର ବୃଦ୍ଧି ପ୍ରତିବାଦରେ ସମସ୍ତେ ଏକ ଜୁଟ ହୋଇ ବନ୍ଦ ପାଳନକୁ ସଫଳ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ବିଶ୍ୱଜିତ ଚାଟାର୍ଜି, ଦାମୋଦର ବେହେରା, ନବକିଶୋର ପଟ୍ଟନାୟକଙ୍କ ସମେତ ବହୁ ସଭ୍ୟ ଯୋଗଦେଇଥିଲେ।

୧୪ରେ ପଶ୍ଚିମ ଓଡ଼ିଶାର ଗଣ ପର୍ବ ନୂଆଁଖାଇ

# ତିହାରି ହାଟରେ ଧାନ କେଣ୍ଡା ୧୦ ଟଙ୍କା



ରିଷିଡ଼ା ଶନିବାର ହାଟରେ ଧାନ କେଣ୍ଡା ବିକ୍ରି ହେଉଛି ।



ହାଟର ପନିପରିବା ଦୋକାନରେ ଗ୍ରାହକଙ୍କ ଭିଡ ।

ରିଷିଡା,୮।୯(ଡି.ଏନ.ଏ)– ୧୪ ତାରିଖରେ ପଶ୍ଚିମ ଓଡ଼ିଶାର ଗଣ ପର୍ବ ନୂଆଁଖାଇ। ଏନେଇ ଗାଁଠୁ ସହର ସବୁଠି ଉତ୍ସବ ମୁଖର। ହାଟ, ଦୋକାନରେ ଲୋକଙ୍କ ଭିଡ। ଏଭଳିସ୍ଥିତିରେ ଶନିବାର ଥିଲା କଳାହାଣ୍ଡି, ବଲାଙ୍ଗୀର, ବୌଦ୍ଧ ଜିଲା ସୀମାନ୍ତ ରିଷିଡ଼ାରେ ତିହାରି ହାଟ। ଏଥିରେ ୪ଟି ଜିଲାର ୫୦ ହଜାର ଲୋକଙ୍କ ସମାଗମ ହୋଇଥିଲା। ଖାସକରି ହାଟରେ ନୂଆଁ ଧାନର ଚାହିଦା ବେଶ୍ ରହିଥିଲା। ଧାନ କେଣ୍ଡା ୧୦ ଟଙ୍କାରେ ବିକ୍ରି ହୋଇଥିଲେ ମଧ ଲୋକେ ଆଦରରେ କିଣି ନେଇଥିଲେ। ଏପରି କି ହାଟରେ ପୋଟଳ କିଲୋ ୫୦ ଟଙ୍କା, ଝୁଡଙ୍ଗ ୪୦, ଆଳୁ ୨୦, ଟମାଟୋ ୧୫, କାଙ୍କଡ ୬୦, ବାଇଗଣ ୬୦ ଟଙ୍କା, ଭେଣ୍ଡି ୩୦ ଟଙ୍କା ଦର ରହିଥିଲା। ହେଲେ ଲୋକେ ଚଢା ଦରରେ ମଧ ତିହାରି ହାଟ କରିଥିଲେ। ନୂଆଁଖାଇ ପାଇଁ ଲୋକେ ଆବଶ୍ୟକ ହାଣ୍ଡି, ମାଠିଆ, ଲୁଗା ସହ ନୂଆଁଖାଇ ବାସି ପାଇଁ ଛେଳି, ମେଣ୍ଢା କିଣି ନେଉଥିବା ଦେଖିବାକୁ ମିଳିଥିଲା। ଏପରି କି ପୂଜା ଦୋକାନରେ ମଧ ଲୋକଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଇଷ୍ଟ ଦେବୀଙ୍କୁ ପୂଜାର୍ଚ୍ଚନା ପାଇଁ ଧୂପ, ସିନ୍ଦୂର, ନଡ଼ିଆ କିଣି ନେଇଥିଲେ। ସୂଚନାଯୋଗ୍ୟ, କେସିଙ୍ଗା ନିୟନ୍ତ୍ରିତ ବଜାର କମିଟି ଅଧୀନ କର୍ଲାମୁଣ୍ଡା ବ୍ଲକ ରିଷିଡା ହାଟରେ ଶନିବାର ୩୬ଟି ଲୁଗା ଦୋକାନ, ୪୮ଟି ପନିପରିବା ଦୋକାନ, ୨୨ଟି ମସଲା, ୧୦ଟି ସୁନା ରୁପା ଅଳଙ୍କାର ଦୋକାନ ସହ ଅନ୍ୟାନ୍ୟ ଦୋକାନ ସବୁ ବସିଥିଲା। ତିହାରି ହାଟରେ ଲକ୍ଷାଧିକ ଟଙ୍କାର କାରବାର ହୋଇଥିବା ଜଣାପଡିଛି।

### ସେମାନେ ଯାହା କହନ୍ତି....



ଚଳିତ ବର୍ଷ ନିୟମିତ ଭାବେ ବର୍ଷା ହୋଇଥିବାରୁ ଚାଷ ଭଲ ହୋଇଛି । ତେଣୁ ନୂଆଁଖାଇ ଜାକଜମକରେ ପାଳନ କରିବୁ। ନୂଆଁଖାଇ ପୂର୍ବରୁ ନୂଆ ଧାନ ମିଳିଛି ।

- ଫଗୁନ ସାହୁ, ବିନ୍ଧାଣୀ



ଅଞ୍ଚଳର ଏହି ହାଟ ଏକ ପ୍ରସିଦ୍ଧ ହାଟ। ତିହାରି ହାଟରେ ବିଭିନ୍ନ ଜିଲାର ଲୋକେ ହାଟକୁ ଆସି କିଣାବିକା କରିଥାନ୍ତି। ଫଳରେ ହାଟ ଗହଳି ହୋଇଥାଏ। ଏପରି କି ହାଟରେ ଜିନିଷ କିଣାବିକା ସାଙ୍ଗକୁ ନୂଆଁଖାଇ ପୂର୍ବରୁ ବନ୍ଧୁଙ୍କୁ ମଧ ଭେଟିବାର ସୁଯୋଗ ମିଳିଥାଏ।

- ଗୟାଧର ନାଏକ



-ବର୍ଷକର ଏହି ହାଟକୁ ବେପାରୀମାନେ ଅପେକ୍ଷା କରିଥାନ୍ତି । ଚଳିତ ବର୍ଷ ହାଟରେ ଭଲ ବେପାର ହୋଇଛି। ନୂଆଁଖାଇ ଧୁମ୍‌ଧାମରେ ପାଳନ କରାଯିବ।

- ସନ୍ତୋଷ କୁମାର ପୁଟେଲ, ବ୍ୟବସାୟୀ



ଆଇନ ସହାୟତା କେନ୍ଦ୍ରର ଉଦ୍‌ଘାଟନ ହେଉଛି।

### ଆଇନ ସହାୟତା କେନ୍ଦ୍ର ଉଦ୍‌ଘାଟିତ

ଭବାନୀପାଟଣା,୮।୯(ଡି.ଏନ୍.ଏ.) ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ କଳାହାଣ୍ଡି ଜିଲା ଆଇନସେବା ପ୍ରାଧିକରଣଙ୍କ ପକ୍ଷରୁ ସ୍ଥାନୀୟ କିଶୋର ନ୍ୟାୟ ପରିଷଦ କାର୍ଯ୍ୟାଳୟ ପରିସରରେ ଏକ ଆଇନ୍ ସହାୟତା କେନ୍ଦ୍ର ଜିଲା ଦୌରାଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଶିଶିର କୁମାର ରଥଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଜିଲାଜଜ୍ ଆଇନର ବିଭିନ୍ନ ଦିଗ ଏବଂ ସହାୟତା କେନ୍ଦ୍ର ସମ୍ପର୍କରେ ଅବଗତ କରିଥିଲେ। କାର୍ଯ୍ୟକ୍ରମରେ ପ୍ରାଧିକାରଣର ସଚିବ ଇନ୍ଦିରା ପ୍ରିୟଦର୍ଶନୀ, ରେଜିଷ୍ଟ୍ରାର ତଥା କିଶୋର ନ୍ୟାୟ ପରିଷଦର ଅଧ୍ୟକ୍ଷ ସ୍ମୃତିସ୍ନିଧା ଦାସ, କିଶୋର ନ୍ୟାୟ ପରିଷଦର ସମସ୍ତ ଆଇନଜୀବୀ ଓ ଆଇନ ସହାୟତାକର୍ମୀ ପ୍ରମୁଖ ଉପସ୍ଥିତ ରହିଥିଲେ।

ପାର୍ବତୀଗିରି ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ଉଦ୍‌ଘାଟିତ

# କଳାହାଣ୍ଡିବାସୀ ଖୁସି ରହିଲେ ମୁଁ ଖୁସି: ମୁଖ୍ୟମନ୍ତ୍ରୀ




ଅମାଠରେ ନବ ନିର୍ମିତ ପାର୍ବତୀଗିରି ବୃହତ ଉଠା ଜଳସେଚନ ପ୍ରକଳ୍ପ ।

କେସିଙ୍ଗା,୮।୯(ଡି.ଏନ୍.ଏ.) ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ମାଧ୍ୟମରେ କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧୀନ ଅମାଠ ଗ୍ରାମର ପାର୍ବତୀଗିରି ବୃହତ୍ ଉଠାଜଳସେଚନ ପ୍ରକଳ୍ପର ଶନିବାର ଉଦ୍‌ଘାଟନ କରିଛନ୍ତି। ସେହିପରି ଜିଲାର ତୁଣ୍ଡଲାଠାରେ ନିର୍ମିତ ୨ ଉଠାଜଳସେଚନ ପ୍ରକଳ୍ପ, ଜୟପାଟଣା ଚାନ୍ଦପୁର ବ୍ଲକ ଏବଂ ଲାଞ୍ଜିଗଡ଼ ବ୍ଲକର ଛତାବନ୍ଧାଗୁଡାଠାରେ ନିର୍ମାଣ ହୋଇଥିବା ବୃହତ୍ ଉଠାଜଳସେଚନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଥିଲେ। ଭିଡିଓ କନଫରେନ୍ସିଂ ମାଧ୍ୟମରେ ମୁଖ୍ୟମନ୍ତ୍ରୀ କଳାହାଣ୍ଡିବାସୀଙ୍କୁ ନମସ୍କାର ଜଣାଇବା ସହ ଆପଣମାନେ ଖୁସି ଅଛନ୍ତି କି ବୋଲି ପ୍ରଶ୍ନ କରିଥିଲେ। ଜିଲାବାସୀ ଖୁସି ରହିଲେ ମୁଁ ବି ଖୁସି ବୋଲି କହିଥିଲେ । ପାର୍ବତୀଗିରି ବୃହତ୍ ଉଠାଜଳସେଚନ ଅମାଠରେ ୬୦୦ ହେକ୍ଟର, ତୁଣ୍ଡଲା-୧ର ୫୦୦ହେକ୍ଟର, ତୁଣ୍ଡୁଳା -୨ର ୬୦୦ ହେକ୍ଟର, ଛଣବନଧଗୁଡାର ୯୦୦ ହେକ୍ଟର, ଚାନ୍ଦପୁରର ୬୦୦ ହେକ୍ଟର ଜମିରେ ଜଳସେଚନ ପାଇଁ ୫୬-୫୭ କୋଟି ଟଙ୍କା ବ୍ୟୟ ଅଟକଳରେ ଜଳସେଚନ ଯୋଗାଇ ଦେବା ପାଇଁ ନିର୍ମାଣ ହୋଇଛି । ଏହି ଅବସରରେ ଲାଞ୍ଜିଗଡ ବିଧାୟକ ବଳଭଦ୍ର ମାଝୀ ୫ଟି ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ । ଆୟୋଜିତ ଉତ୍ସବରେ ହାଉସିଂ ବୋର୍ଡର ଅଧ୍ୟକ୍ଷ ଭୂପିନ୍ଦର ସିଂହ, ଜିଲାପାଳ ଗୋବାଲି ପରାହର୍ସଦ, ଉପଜିଲାପାଳ ମିର୍ଦ୍ଧା ଟପୋ, ପିଡି ଡିଆରଡିଏ ପ୍ରସନ୍ନ କୁମାର ଷଡଙ୍ଗୀ, ନିର୍ବାହୀ ଯନ୍ତ୍ରୀ ଗୌରାଙ୍ଗ ମଣ୍ଡଳ, କେସିଙ୍ଗା ବିଡିଓ ଭୀମସେନ ଶବର, ବ୍ଲକ ଅଧ୍ୟକ୍ଷା ସୁକାନ୍ତି ବେହେରାଙ୍କ ସମେତ ସମସ୍ତ ସରପଞ୍ଚ ଓ ଜନସାଧାରଣ ଏହି ଉଦ୍‌ଘାଟନୀ ଉତ୍ସବରେ ଯୋଗ ଦେଇଥିଲେ । ନୁନମାଠ ଗ୍ରାମପଞ୍ଚାୟତର ପିଇଓଙ୍କ ଦ୍ୱାରା ଏହି ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା ।

# କଳାହାଣ୍ଡିରେ ଚତୁର୍ଥ ରାଷ୍ଟ୍ରୀୟ ଲୋକଅଦାଲତ

ଭବାନୀପାଟଣା,୮।୯(ଡି.ଏନ୍.ଏ.) କଳାହାଣ୍ଡି ଜିଲାର ସମସ୍ତ ବିଚାର ବିଭାଗୀୟ ଅଦାଲତଗୁଡିକରେ ଚଳିତ ବର୍ଷର ଚତୁର୍ଥ ରାଷ୍ଟ୍ରୀୟ ଲୋକଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲା ଦୌରାଜଜ୍ ତଥା ଆଇନ୍‌ସେବା ପ୍ରାଧିକରଣ ଅଧ୍ୟକ୍ଷ ଶିଶିର କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଲୋକଅଦାଲତରେ ୭୨ଟି ବିଭିନ୍ନ ମକଦ୍ଦମାର ଫଇସଲା କରାଯାଇଥିଲା। ସେଥିମଧ୍ୟରୁ ୩୨ଟି ପ୍ରାକ ମକଦ୍ଦମା ସମ୍ବନ୍ଧୀୟ ମାମଲାର ଫଇସଲା କରାଯାଇ ୨୭, ୯୩. ୩୦୦ ଟଙ୍କା ଆଦାୟ କରାଯାଇଥିଲା। ସେହିପରି ୭ଟି ଫୌଜଦାରି ମାମଲାର ଫଇସଲା କରାଯାଇ ଜରିମାନା ବାବଦକୁ ୧ଲକ୍ଷ ୫୧ ହଜାର ଟଙ୍କା ଆଦାୟ କରାଯାଇଥିଲା। ୧୪ଟି ଦୁର୍ଘଟଣା ଜନିତ ମକଦ୍ଦମା ଫଇସଲା କରାଯାଇ ୩୧,୪୦,୦୦୦ଟଙ୍କା କ୍ଷତିପୂରଣ ବାବଦକୁ ପ୍ରଦାନ କରାଯାଇଥିଲା। ୧୯ଟି ଦେୱାନୀ ମକଦ୍ଦମା ଫଇସଲା କରାଯାଇଥିଲା। ରାଷ୍ଟ୍ରୀୟ ଲୋକଅଦାଲତରେ ଜିଲା ଦୌରାଜଜ୍ ଶିଶିର କୁମାର ରଥ, ଅତିରିକ୍ତ ଜିଲା ଦୌରାଜଜ୍ ରଶ୍ମିତା ଦଳେଇ, ଫ୍ୟାମିଲି କୋର୍ଟଜଜ୍ ରାମନାଥ ପଣ୍ଡା, ସ୍ଥାନୀୟ ଲୋକ ଅଦାଲତ ଜଜ୍ ସୁଶିଲ କୁମାର ରାୟ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ରଞ୍ଜନ କୁମାର ସୂତାର, ରେଜିଷ୍ଟ୍ରାର ସ୍ମୃତିସ୍ନିଧା ଦାସ, ଦେୱାନୀ ଜଜ୍ ବିଷ୍ଣୁ ପ୍ରସାଦ ମିଶ୍ର, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସଙ୍ଗିତା ମଲ୍ଲିକ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଦେବାଶିଷ ବିଶୋଇ, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଇନ୍ଦିରା ପ୍ରିୟଦର୍ଶନୀ ପ୍ରମୁଖ ଉପସ୍ଥିତ ରହି ଅଦାଲତ ପରିଚାଳନା କରିଥିଲେ। କୋର୍ଟ ମ୍ୟାନେଜର ଦେବାନନ୍ଦ କୁମାର ପଣ୍ଡା




ଅନୁଷ୍ଠିତ ଚତୁର୍ଥ ରାଷ୍ଟ୍ରୀୟ ଲୋକଅଦାଲତ।

# ମିଳୁନି ୟୁରିଆ ସାର: ଚାଷୀଙ୍କ ମଧ୍ୟରେ ଅସନ୍ତୋଷ

ମୋହନଗିରି,୮।୯(ଡି.ଏନ୍.ଏ.) କଳାହାଣ୍ଡି ଜିଲା ମ.ରାମପୁର ବ୍ଲକର ମୋହନଗିରି ଅଞ୍ଚଳରେ ୟୁରିଆ ସାର ଅଭାବ ଦେଖାଦେଇଛି। ମୁନାଫାଖୋର ବ୍ୟବସାୟୀମାନେ ଚଢାଦରରେ ସାର ବିକ୍ରିକରୁଥିବା ବେଳେ, ସେବା ସମବାୟ ସମିତିରେ ଆବଶ୍ୟକ ମୁତାବକ ସାର ମିଳୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଧାନରେ ୟୁରିଆ ସାର ପ୍ରୟୋଗ କରିବାର ସମୟ ହୋଇଥିବାବେଳେ ସାରର ଅଭାବ ଚାଷୀଙ୍କୁ ଚିନ୍ତାରେ ପକାଇଛି। ସରକାରୀ ହିସାବରେ ୟୁରିଆ ସାର ବସ୍ତା ପ୍ରତି ୨୬୭ ଟଙ୍କା ଥିବା ବେଳେ ବ୍ୟବସାୟୀମାନେ ୩୫୦ଟଙ୍କାରୁ ଊର୍ଦ୍ଧ୍ୱ ଦରରେ ସାର ବିକ୍ରି କରୁଥିବା ଅଭିଯୋଗ ହେଉଛି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ମୋହନଗିରି ସମବାୟ ସମିତିକୁ ପର୍ଯ୍ୟାପ୍ତ ପାରିମାଣରେ ସାର ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି।




ସେବା ସମବାୟ ସମିତିକୁ ସାର ନେବାକୁ ଆସିଥିବା ଚାଷୀମାନେ।

# ଦକ୍ଷିଣ ସମ୍ଭାଗସ୍ତରୀୟ ଖେଳକୁଦ ସମାରୋହ ଉଦ୍‌ଘାଟିତ

ଜୁନାଗଡ,୮।୯(ସ୍ୱ.ପ୍ର.) ଜୁନାଗଡ଼ ସହରସ୍ଥିତ ହାଇସ୍କୁଲ ଖେଳ ପଡ଼ିଆରେ ଶିକ୍ଷା ବିକାଶ ସମିତି ଦକ୍ଷିଣ ସମ୍ଭାଗ ପକ୍ଷରୁ ଖେଳକୁଦ ସମାରୋହ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜୁନାଗଡ଼ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତପିମଣି ଜାନୀ ଏହାର ଉଦ୍‌ଘାଟନ କରିଥିଲେ। ଜୁନାଗଡ଼ ସରସ୍ୱତୀ ଶିଶୁ ମନ୍ଦିର ସଭାପତି ଦୁର୍ଗା ପ୍ରସାଦ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପରିଚାଳନା ସ୍କୁଲ କମିଟି ଉପ ସଭାପତି ଶୁଭେନ୍ଦୁ କୁମାର ପଣ୍ଡା, ସମ୍ପାଦକ ତୁଳସୀରାଜ ପଟ୍ଟନାୟକ, ଦକ୍ଷିଣ ସମ୍ଭାଗ ସଂଯୋଜକ ବିଶମ୍ବର ଦୁଆରୀ, କୋରାପୁଟ ବିଭାଗ ନିରୀକ୍ଷକ ସୁବ୍ରତ ପଟ୍ଟନାୟକ, ସହ ନିରୀକ୍ଷକ ପ୍ରକାଶ ମହାନ୍ତି, କଳାହାଣ୍ଡି ବିଭାଗ ନିରୀକ୍ଷକ ଜିତେନ୍ଦ୍ର କୁମାର ପଣ୍ଡା, ଜୁନାଗଡ଼ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଶିବରାଜ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶନିବାର ସକାଳୁ ସ୍ଥାନୀୟ ହାଇସ୍କୁଲ ଖେଳ ପଡିଆରେ ବିଭିନ୍ନ ବର୍ଗ ପାଇଁ ପ୍ରତିଯୋଗୀତା ଆରମ୍ଭ ହୋଇଥିଲା। ଏଥିରେ ୧୯୬ ପ୍ରତିଯୋଗି ଭାଗ ନେଇଥିବା ବେଳେ ୨୦ ଜଣ କ୍ରୀଡ଼ା ପରିଚାଳକ ଖେଳ ପରିଚାଳନା କରୁଛନ୍ତି। ପ୍ରକାଶ ଥାଉକି କଳାହାଣ୍ଡି ଓ କୋରାପୁଟ ବିଭାଗକୁ ନେଇ ଦକ୍ଷିଣ ସମ୍ଭାଗ ଗଠିତ ହୋଇଥିବା ବେଳେ ଏଥିରେ କଳାହାଣ୍ଡି, କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ ରାୟଗଡ଼ା ଜିଲା ସାମିଲ ହୋଇଛି।



ଉଚ୍ଚ ଡିଆଁରେ ଭାଗନେଇଥିବା ଜଣେ ପ୍ରତିଯୋଗୀ ।

# ବଢୁଛି ମଦ କାରବାର, ହେଉନି କାର୍ଯ୍ୟାନୁଷ୍ଠାନ

### ଜୁନାଗଡ଼ ବ୍ଲକ

- ଶିକ୍ଷାନୁଷ୍ଠାନ, ମନ୍ଦିର, କ୍ଲବ ନିକଟରେ ମଦ ଦୋକାନ
- ଅବକାରୀ ବିଭାଗ ନୀରବଦ୍ରଷ୍ଟା

ଜୁନାଗଡ,୮।୯(ଡି.ଏନ୍.ଏ.) ନିଶା ନିବାରଣ ପାଇଁ ପ୍ରଚାର ପ୍ରସାର ହେଉଥିବା ବେଳେ ମଦ ବିକ୍ରି କମିବା ପରିବର୍ତ୍ତେ ଦିନକୁ ଦିନ ବଢିବାରେ ଲାଗିଛି। ଏପରି କି ସରକାର ଗୋଟିକ ପରେ ଗୋଟିଏ ମଦ ଦୋକାନ ଲାଇସେନ୍ସ ବି ଦେଇ ଚାଲିଛନ୍ତି। ମଦ ଦୋକାନଗୁଡିକରୁ ବିଭିନ୍ନ ଗ୍ରାମାଞ୍ଚଳକୁ ପ୍ରତିଦିନ ମଦ ଚୋରା ଚାଲାଣ ହୋଇ ବିକ୍ରି ହେଉଛି। ଏହି ପରିପ୍ରେକ୍ଷିରେ କଳାହାଣ୍ଡି ଜିଲା ଜୁନାଗଡ ବ୍ଲକରେ ମଦ ସମସ୍ୟା ଚରମ ସୀମାରେ ପହଞ୍ଚିଛି। ବ୍ଲକର ଗ୍ରାମାଞ୍ଚଳମାନଙ୍କରେ ଚୋରା ମଦ କାରବାର ବଢି ଚାଲିଥିବାବେଳେ ଅବକାରୀ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ଫଳରେ ଚୋରାମଦ କାରବାର କରୁଥିବା ବ୍ୟବସାୟୀମାନେ ସେମାନଙ୍କ ସାମ୍ରାଜ୍ୟ ଦିନକୁ ଦିନ ବଢାଇ ଚାଲିଛନ୍ତି। କେତେବେଳେ କେମିତି ଅଭିଯୋଗ ଆସିଲେ ଅବକାରୀ ବିଭାଗ କାଁ ଭାଁ ଚଢାଉ କରୁଛନ୍ତି। ଏପରି କି ବଡ ବଡ ମଦ ବ୍ୟବସାୟୀଙ୍କୁ ନ ଧରି କେବଳ ଲୋକଦେଖାଣିଆ ଛୋଟ ବ୍ୟବସାୟୀଙ୍କୁ ଧରି କୋର୍ଟ ଚାଲାଣ କରାଯାଉଛି। ବର୍ତ୍ତମାନ ଜୁନାଗଡ଼ ବ୍ଲକର ଜୁନାଗଡ଼ ସମେତ ବୁଡିଦର, କଟିଙ୍ଗପଦର, ହାବସପୁର ଓ ବଣ୍ଡାକୁତ୍ରାସ୍ଥିତ ଭାଟିରେ ମଦ ପ୍ରସ୍ତୁତ ହୋଇ ଶାଖା ଭାଟିଗୁଡିକୁ ପଠାଯାଉଛି। ସେଠାରେ କାଉଣ୍ଟର ବିକ୍ରି ପାଇଁ ସରକାରୀ ନିୟମ ରହିଥିବା ବେଳେ ଭାଟି ମାଳିକ ଅବକାରୀ ବିଭାଗକୁ ହାତ କରି ଗାଁଗୁଡିକରେ କୁଚିଆ ମଦ କୋଠି ଖୋଲିଛନ୍ତି। ଫଳରେ ଗାଁ ଛକମାନଙ୍କରେ ମଦ୍ୟପଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି। ବିଶେଷ କରି ମହିଳାମାନେ ରାସ୍ତାରେ ଯିବା ଆସିବା ପାଇଁ ନିରାପଦ ମଣୁନାହାନ୍ତି। ବ୍ଲକର ବିଭିନ୍ନ ଜନବସତି ସ୍ଥାନ, ଶିକ୍ଷାନୁଷ୍ଠାନ, ମନ୍ଦିର, କ୍ଲବ ନିକଟରେ ମଦ କୋଠିଗୁଡିକ ଛାଇଯାଇଛି। ଏନେଇ ଜୁନାଗଡ ଅବକାରୀ ଉପନିରୀକ୍ଷକ ବିଜୟ କୁମାର ସୁବୁଦ୍ଧିଙ୍କୁ ପଚାରିବାରୁ ବର୍ଷା ଯୋଗୁ ଚଢାଉ ବନ୍ଦ ରହିଛି, ବର୍ଷା ଛାଡିଲା ପରେ ଚଢାଉ କରାଯିବ ବୋଲି କହିଥିଲେ। କଳାହାଣ୍ଡି ଜିଲା ଅବକାରୀ ଅଧିକ୍ଷକ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି।

